


ବୟସ ଜାଲିଆତି ମାମଲାରେ ଲକ୍ଷ୍ୟଙ୍କୁ ଆଶ୍ୱସ୍ତି
ପୃଷ୍ଠା ୬


# ସଂଚାର
THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 334 | ଭାଗ ୩୨ | ସଂଖ୍ୟା ୩୩୪ | Bhubaneswar | Thursday 27 February 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୨୭ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ୧୦ଟା ୪୬ରେ ଉଠିଲା ମହାଦୀପ

### ଲିଙ୍ଗରାଜ ମନ୍ଦିରରେ ଅଘଟଣ
### ପଡ଼ିଗଲେ ସେବାୟତ




ଭୁବନେଶ୍ୱର, ୨୬।୨ (ସଂଚାର ବ୍ୟୁରୋ): ଜାଗରରେ ଲିଙ୍ଗରାଜ ମନ୍ଦିରରେ ରାତି ୧୦ଟା ୪୬ ମିନିଟରେ ଉଠିଲା ମହାଦୀପ। ବେଢା ପରିକ୍ରମା ପରେ ମହାଦୀପ ମନ୍ଦିର ଚୂଡାକୁ ନେଇ ଯାଉଥିବା ସେବାୟତ ଅଧାରୁ ଖସିପଡିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରେ ଆଉ ଜଣେ ସେବାୟତ ମହାଦୀପକୁ ମନ୍ଦିର ଚୂଡାକୁ ଉଠାଇଥିଲେ।

# ଅଚ୍ୟୁତ! ତୁମକୁ ଧର୍ମ ସହିବନି

- ମାଗଣା ଶିକ୍ଷାଦାନ ଆଳରେ ଶିଶୁ ଚାଲାଣ!
- ନିଖୋଜ ହେଉଛନ୍ତି ଆଦିବାସୀ ପିଲା
- ବେଆଇନ ଅଙ୍ଗତସ୍କରୀ ଅଭିଯୋଗ
- କାହା ଭୟରେ ତଦନ୍ତ କରୁନଥିଲା ପୁଲିସ
- ବାରଦୁଆର ବୁଲି ହତାଶ ହେଉଛନ୍ତି ବାପା-ମା'







ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): କିସରେ ୧୫ ହଜାରରୁ ଅଧିକ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ ପଢାଯାଉଛି ବୋଲି ବାରମ୍ବାର ଦାବି କରୁଛନ୍ତି ଭଣ୍ଡ ଯୋଗୀ ଅଚ୍ୟୁତ ସାମନ୍ତ। ହେଲେ କିସରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି କି ପ୍ରକାର ନିର୍ଯାତନା ହେଉଥିଲା ଶୁଣିଲେ ଆଖି ତରାଟି ହୋଇଯିବ। କିସରୁ ପ୍ରତିବର୍ଷ ଆଦିବାସୀ ଛାତ୍ରଛାତ୍ରୀ ନିଖୋଜ ହେବା ଭଳି ସଙ୍ଗିନ ଅଭିଯୋଗ ଆସିଛି। 'ସଂଚାର' ହାତରେ ଏମିତି ଏକ ଘଟଣାର ପ୍ରମାଣ ଲାଗିଛି। ଗତ ୨୦୧୫ରେ ବଣ୍ଡାଘାଟିର ଗୋଟିଏ ପିଲା କିସରୁ ନିଖୋଜ ହୋଇଯାଇଛି। ନବମ ଶ୍ରେଣୀରେ ପାଠ ପଢୁଥିବା ରାମଚନ୍ଦ୍ର ମାନ୍ଦ୍ରା ଗତ ୧୦ ବର୍ଷ ହେଲା ନିଖୋଜ ହୋଇଛନ୍ତି। ସବୁଠାରୁ ଉଦବେଗର କଥା ହେଉଛି ଯେ ଗତ ୧୦ ବର୍ଷ ହେଲା ପୁଲିସ ରାମଚନ୍ଦ୍ରକୁ ନା ଖୋଜୁଛି ନା କିସ କର୍ତ୍ତୃପକ୍ଷଙ୍କୁ ଏନେଇ ପଚରାଉଚରା କରୁଛି। ୨୦୧୨ରେ ରାମଚନ୍ଦ୍ରକୁ କିସ ଏଜେଣ୍ଟମାନେ ବଣ୍ଡାଘାଟିରୁ କିସକୁ ଆଣିଥିଲେ। ରାମଚନ୍ଦ୍ରର ବାପା ମରିଯାଇଥିଲେ। ଏକୁଟିଆ ମା' ବୁଧାଇ ମାନ୍ଦ୍ରା ଜଙ୍ଗଲଜାତ ସାମଗ୍ରୀ ବଜାରରେ ➪ପୃଷ୍ଠା-୬

## ଜମି କେଳେଙ୍କାରୀର ମାଫିଆ ଧଳା ଯୋଗୀ

- ବେଆଇନ ଭାବେ ମାଡ଼ିବସିଛନ୍ତି ସରକାରୀ ଜମି
- ସରକାରୀ ସଂସ୍ଥାକୁ ବି ଛାଡୁନାହାନ୍ତି ରାସ୍ତା
- ନୋ ପାର୍କିଂ ବୋର୍ଡରେ କଳା ବୋଳି କରୁଛନ୍ତି ପାର୍କିଂ

କିଟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣା ପରେ ଏବେ ଭଣ୍ଡ ଧଳା ଯୋଗୀ ଅଚ୍ୟୁତ ସାମନ୍ତଙ୍କ ସବୁ କେଳେଙ୍କାରୀ ପୁଣି ଥରେ ଗୋଟି ଗୋଟି ହୋଇ ପଦାକୁ ଆସୁଛି। କୋଭିଡ୍ ରୋଗୀଙ୍କ ଚିକିତ୍ସା ନାଁରେ କେମିତି ବାଳିଆ ଧରିଥିଲେ, ଆଉ ଏବେ କେମିତି ପୁଳାପୁଳା ସରକାରୀ ଜମି ମାଡ଼ିବସିଛନ୍ତି, ସେସବୁ ତଥ୍ୟ ବି ପଦାକୁ ଆସିଲାଣି। ଆରଟିଆଇ ତଥ୍ୟ ଅନୁଯାୟୀ, ଇଡ୍‌କୋର ଚନ୍ଦକା ଶିଳ୍ପାଞ୍ଚଳରେ ସବୁଠୁ ବେଶୀ ଜମି ହାତେଇଛି କିଟ୍। କିଟ୍ ଏସବୁ ଜମି ନେବା ପଛରେ ବଡ଼ ଧରଣର କେଳେଙ୍କାରୀ ଓ ଅଫିସରମାନଙ୍କ କଳାକାରନାମା ସହ ➪ପୃଷ୍ଠା-୬

# ପାସ୍ ପାଇଁ ପୁଲିସ ଫେଲ୍




ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଯାବତୀୟ ଅବ୍ୟବସ୍ଥା। ଅଭାବନୀୟ ପରିସ୍ଥିତି। ଯୁଆଡ଼େ ଗଲେ ଧକ୍କା ସାଙ୍ଗକୁ କହୁଣିଆ। ଭଲ କରିବାକୁ ଯାଇ ହେଇଗଲା ଭେଲ। ଆମେ କହୁଛୁ ଲିଙ୍ଗରାଜ ମନ୍ଦିର କଥା। ପବିତ୍ର ମହାଶିବରାତ୍ରି ପାଇଁ କାହିଁ କେତେ ଦିନ ଆଗରୁ ଚାଲିଥିଲା ପ୍ରସ୍ତୁତି। ଘନ ଘନ ବୈଠକ। ଲୋକେ କିଭଳି ସୁରୁଖୁରୁରେ ଯାଇ ପ୍ରଭୁଙ୍କ ଦର୍ଶନ କରିବେ। ରାତି ଅଧରୁ ଲୋକେ ଲାଇନ ମଧ ଲଗାଇଥିଲେ। କିନ୍ତୁ ଧକ୍କା ଖାଇବା ପରେ ଲୋକଙ୍କ ମନରେ ଥିବା ଭକ୍ତି ଆକ୍ରୋଶରେ ପରିଣତ ହୋଇଥିଲା। ଯେଉଁଭଳି ପରିସ୍ଥିତି ଉପୁଜିଥିଲା, ତାହା କେବଳ ସେଠାକୁ ଯାଇଥିବା ଲୋକ ହିଁ ସଠିକ ଭାବେ ବୁଝିଥିବେ। ଆଉ ମହିଳା ଓ ଶିଶୁଙ୍କ କଥା ନ କହିବା ଭଲ। ରାତି ୩ରୁ ଦେଖିବାକୁ ମିଳିଥିଲା ଅବ୍ୟବସ୍ଥା। ଆଉ ମହାଦୀପ ଉଠିବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିଥିଲା। ଗାଡ଼ି ପାର୍କିଂ, ଜୋତା ରଖିବା ସ୍ଥାନ, ଧାଡ଼ି ବ୍ୟବସ୍ଥା, ଦକ୍ଷିଣା, ପ୍ରଭୁଙ୍କ ଦର୍ଶନ ➪ପୃଷ୍ଠା-୬

### ସାକ୍ଷ୍ୟ ପାଇଁ ବୟସସୀମା କଟକଣା ନାହିଁ: ସୁପ୍ରିମକୋର୍ଟ
## ୭ ବର୍ଷୀୟା କନ୍ୟା ସାକ୍ଷ୍ୟରେ ବାପାକୁ ସଜା



ନୂଆଦିଲ୍ଲୀ,୨୬।୨: କୁନି ଝିଅର ସାକ୍ଷୀରେ ବାପା ପାଇଲା ସଜା । ୭ ବର୍ଷର ଝିଅର କଥାକୁ ଶୁଣିଲେ, ବୁଝିଲେ, ବିଚାର କରି ରାୟ ଶୁଣାଇଲେ ସୁପ୍ରିମକୋର୍ଟ ଆଉ ଛୋଟ ପିଲାର ପଦିଏ କଥାରେ ତା ମଲା ମାଆକୁ ମିଳିଲା ନ୍ୟାୟ। ବାପାକୁ ହେଲା ସଜା, ପାଇଲା ଆଜୀବନ କାରାଦଣ୍ଡ। କୁନିପିଲା ସାକ୍ଷୀରେ ଏଭଳି ଦଣ୍ଡ ଶୁଣାଇବା ପରେ ଏବେ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ସବୁଠି ଚର୍ଚ୍ଚା। ମଧ୍ୟପ୍ରଦେଶର ଏକ ମାମଲାର ଶୁଣାଣି କରି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ଜଣେ ସ୍ୱାମୀ ତା ଝିଅ ଆଗରେ ତା ସ୍ତ୍ରୀକୁ ହତ୍ୟା କରିଥିଲା । ସେହି ମାମଲାରେ ସାକ୍ଷୀ ଅଭାବ ହେବାରୁ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଠାରୁ ଦୋଷମୁକ୍ତ ବି ଅଭିଯୁକ୍ତ ହୋଇଥିଲା ମାତ୍ର ସୁପ୍ରିମକୋର୍ଟରେ ଅଭିଯୁକ୍ତକୁ ଦଣ୍ଡ ମିଳିଛି ଆଉ ତାକୁ ତା ନିଜ ୭ ବର୍ଷର କୁନି ଝିଅର ସାକ୍ଷୀ ଆଧାରରେ ସଜା ଶୁଣାଇଛନ୍ତି ବଡ କୋର୍ଟ। ରାୟ ଶୁଣାଇବା ବେଳେ ସୁପ୍ରିମକୋର୍ଟ କହିଛନ୍ତି, ପିଲାଙ୍କ ସାକ୍ଷୀ ଗ୍ରହଣୀୟ। ଯଦି ପିଲା ➪ପୃଷ୍ଠା-୬

### ମହଙ୍ଗାପଡ଼ିଲା ରସିକିଆ ପ୍ରେମ
## ମାମୁ ଗଲେ ମାମୁ ଘର



ଜଗତସିଂହପୁର, ୨୬।୨ (ସଂଚାର ବ୍ୟୁରୋ): ଶେଷରେ ଗିରଫ ହୋଇଛନ୍ତି ରସିକିଆ ଥାନାବାବୁ। ମହିଳା ହୋମ୍‌ଗାର୍ଡଙ୍କ ସହ ଅନୈତିକ ସମ୍ପର୍କ ତାଙ୍କ ଅଡୁଆକୁ ବହୁଗୁଣିତ କରିଛି। ଜଗତସିଂହପୁର କୁଜଙ୍ଗର ପୂର୍ବତନ ଥାନାଧିକାରୀ ତପନ ନାହାକଙ୍କୁ ଅନୈତିକ ସମ୍ପର୍କ ଅଭିଯୋଗ ଆସିବା ପରେ ସରକାରୀ ପଦମର୍ଯ୍ୟାଦା କ୍ଷୁଣ୍ଣ ଅଭିଯୋଗରେ ନିଲମ୍ବନ କରାଯାଇଥିଲା। ଆଜି ତାଙ୍କୁ ଗିରଫ କରାଯାଇଥିବା ବେଳେ ସେ ଜନୈକା ମହିଳା ହୋମଗାର୍ଡଙ୍କ ସହ ଅନୈତିକ ସମ୍ପର୍କ ନେଇ ବିବାଦୀୟ ହୋଇଥିଲେ।

ଅଭିଯୋଗ ଅନୁସାରେ, ଜଗତସିଂହପୁର ଥାନାରେ ଆଡିସନାଲ୍ ଆଇଆଇସି ଥିବା ସମୟରେ ଶ୍ରୀ ନାହାକ ବିବାହ ପ୍ରତିଶ୍ରୁତି ଦେଇ ଉକ୍ତ ମହିଳା ହୋମଗାର୍ଡଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ପରେ ଉକ୍ତ ମହିଳା ହୋମ୍‌ଗାର୍ଡ ଜଣଙ୍କ ବିବାହ କରିବାକୁ ଜିଦ୍ ଧରିବାରୁ ସେ ଆଉ ଧରାଛୁଆଁ ଦେଉନଥିଲେ। ତେଣୁ ଏନେଇ ଉକ୍ତ ହୋମଗାର୍ଡ ଜଣଙ୍କ ବାଧ ହୋଇ ଜଗତସିଂହପୁର ସଦର ଥାନାରେ ଶ୍ରୀ ନାହାକଙ୍କ ବିରୋଧରେ ଏତଲା ଦେଇଥିଲେ। ଏପରି ଅଭିଯୋଗ ଆସିବା ପରେ ଶ୍ରୀ ନାହାକ ଫେରାର ହୋଇଯାଇଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ କରାଯାଇଛି। ଏଥିସହ ଅଭିଯୁକ୍ତ ଶ୍ରୀ ନାହାକଙ୍କୁ ଗିରଫ କରିବା ସକାଶେ ଜଗତସିଂହପୁର ପୁଲିସ୍ ➪ପୃଷ୍ଠା-୬

### ଚାଲିବ ଖୁରାନିଆଙ୍କ ଛୁରି
## ଟ୍ରାଙ୍କୁଲାଇଜ୍ ହେବେ 'ମାମୁ'!



କୁହାଯାଏ ଅପରାଧର କେନ୍ଦ୍ରସ୍ଥଳୀ କେନ୍ଦ୍ରାପଡ଼ା। ପୂର୍ବରୁ ଗ୍ୟାଙ୍ଗୱାର ପାଇଁ ବେଶ ଚର୍ଚ୍ଚାରେ ଥିବା କେନ୍ଦ୍ରାପଡ଼ାକୁ ଆୟତ୍ତ କରିପାରିଥିଲା ପ୍ରଶାସନ। ଗ୍ୟାଙ୍ଗଷ୍ଟର୍‌ଙ୍କ ଗୋଡ଼ରେ ପଡିଥିଲା ବେଡ଼ି। ସାବାଡ଼ ହେଉନଥିବା ଅପରାଧୀଙ୍କୁ କରାଯାଇଥିଲା ଏନକାଉଣ୍ଟର। ଏବେ ସେହି ଅପରାଧୀମାନଙ୍କ ନାଁ ନେଇ ମାତିବା ଆରମ୍ଭ କରିଛନ୍ତି ହିଜବୁର ରେହମାନ। କେନ୍ଦ୍ରାପଡ଼ାରେ ହିଜବୁର ମାମୁ ଭାବେ ବେଶ ପରିଚିତ। ଏ ତଥାକଥିତ ମାମୁ ଏବେ ଖୁଲେଆମ୍ ଧମକ ଦେଇ ବଟି ଆଦାୟ କରୁଛନ୍ତି। ପୁଲିସକୁ ଉଠବସ୍ କରାଉଛନ୍ତି। କରାନ୍ତେନି ବା କେମିତି? ହିଜବୁର ରେହମାନ ଓରଫ ମାମୁଙ୍କ ନାଁରେ କେସ ତାଲିକା ବି ବେଶ ଲମ୍ବା। ➪ପୃଷ୍ଠା-୬

### ମହାକୁମ୍ଭ ଉଦ୍‌ଯାପିତ
## ୪୫ ଦିନରେ ୬୫ କୋଟି ଶ୍ରଦ୍ଧାଳୁ

ପ୍ରୟାଗରାଜ,୨୬।୨:ଐତିହାସିକ ମହାକୁମ୍ଭ ୨୦୨୫ ଆଜି ଉଦ୍‌ଯାପିତ ହୋଇଛି। ଆଜି ମହାଶିବରାତ୍ରିରେ ଏହାର ଅନ୍ତିମ ସ୍ନାନ (ପବିତ୍ର ବୁଡ଼)ରେ ୧.୩୨ କୋଟି ଶ୍ରଦ୍ଧାଳୁ ସାମିଲ୍ ହୋଇଛନ୍ତି। ଗତ ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୪୫ ଦିନ ଚାଲିବା ଅବସରରେ ୬୫ କୋଟିରୁ ଊର୍ଦ୍ଧ୍ୱ ରେକର୍ଡସଂଖ୍ୟକ ଶ୍ରଦ୍ଧାଳୁ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଆହୁରି ଅନେକ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ସାମିଲ୍। ଏଥିସହ ଆଜି ଅନ୍ତିମ ଦିନରେ ଅମୃତ ସ୍ନାନ ସକାଶେ ଏଠାରେ ଏକତ୍ରିତ ହୋଇଥିଲେ। ପବିତ୍ର ଶିବରାତ୍ରୀରେ ଭକ୍ତଙ୍କ 'ହର ହର ମହାଦେବ' ନାରାରେ ସମଗ୍ର ତ୍ରିବେଣୀ ସଙ୍ଗମରେ ଏକ ଭକ୍ତିପୂତ ପରିବେଶ ସୃଷ୍ଟି ➪ପୃଷ୍ଠା-୬


### ବୋର୍ଡ ଓ ନିଗମ ପାଇଁ ମାରାଥନ ବୈଠକ
## ଆଶାୟୀ ନେତାଙ୍କ ଛାତି ଧଡ଼ଧଡ଼

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ୮ ମାସ ହେଲା ନୂଆ ସରକାରରେ ଖାଲି ପଡ଼ିଛି ବୋର୍ଡ ଓ ନିଗମ ଅଧ୍ୟକ୍ଷ ପଦ। ପ୍ରଥମଥର ପାଇଁ ଏକାକୀ ସରକାର ଆସିଥିବାରୁ ଆଶାୟୀଙ୍କ ଲମ୍ବା ତାଲିକା। କାହାକୁ କେଉଁଠି ଥଇଥାନ କରାଯିବ, କେଉଁ ନେତାଙ୍କୁ ଗୁରୁତ୍ୱ ଦିଆଯିବ, ତାକୁ ନେଇ ଆଜି ପୁଣି ଥରେ ମାନସ ମନ୍ଥନ କରିଛନ୍ତି ରାଜ୍ୟ ନେତୃତ୍ୱ। ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍‌ଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି କରିଛନ୍ତି ବିଚାରବିମର୍ଶ। ସେପଟେ ବୋର୍ଡ ଓ ନିଗମ ପାଇବାକୁ ଆଶା ବାନ୍ଧି ବସିଥିବା ନେତାଙ୍କ ଛାତି ଧଡ଼ଧଡ଼ ହେଉଥିବା ବେଳେ ନିଜ ନିଜ ସ୍ତରରେ ସେମାନେ ଲବିକୁ ଜୋରଦାର କରିଛନ୍ତି।

ଦେଢ଼ ଶହରୁ ଊର୍ଦ୍ଧ୍ୱ ନେତାଙ୍କୁ କେମିତି କରାଯିବ ଥଇଥାନ ସେନେଇ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ ହେଉଛି। କେଉଁ ନେତାଙ୍କୁ ମିଳିବ କେଉଁ ନିଗମ? ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦରେ କିଏ ବସିବେ? ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ କାହାକୁ କରାଯିବ ନିଯୁକ୍ତି? ସାଧାରଣ ନିର୍ବାଚନ ପୂର୍ବରୁ ଆମଦାନୀ ନେତା ଓ ହାରିଥିବା ନେତା କେଉଁଠି ହେବେ ଥଇଥାନ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ଉପମୁଖ୍ୟମନ୍ତ୍ରୀ



କେଭି ସିଂଦେଓଙ୍କ ସରକାରୀ ବାସଭବନରେ ମାନସ ମନ୍ଥନ କରିଛନ୍ତି ରାଜ୍ୟ ବିଜେପିର ତୁଙ୍ଗ ନେତାମାନେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରିଛନ୍ତି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶ୍ରୀ ଚୁଗ୍। ଟିକେଟ ନ ନେଇ ଦଳ ପାଇଁ କାମ କରିଥିବା ନେତାଙ୍କୁ ➪ପୃଷ୍ଠା-୬



## କାନ ଡେରିଥା

ଖରା ଦିନ ପରା ଆସିଲାଣି ଏବେ
ଖୋଲିବ ଜଳ ଛତର
ଛତର ନା ରେ ହରିଲୁଟ ହେବ
ନଥିବ କାହାକୁ ଡର
ବାଟୋଇ ଟି ହାହାକାର...
ମାଠିଆ ଭିତରେ ପାଣିଯେ ନଥିବ
ଲାଗିବ କିନ୍ତୁ ପୋଷ୍ଟର।

■ ଦେବାଶିଷ

### ନୂଆ ସାମାଜିକ ନାଟକ
# ପୋଲାଭରମ ପାଇଁ ବିଜେଡିର ଛାତିଫଟା କାନ୍ଦ

ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ): ଗୋଦାବରୀ ନଦୀ ଉପରେ ଆନ୍ଧ୍ର ନିର୍ମାଣ କରୁଥିବା ପୋଲାଭରମ ପ୍ରକଳ୍ପ ବିରୁଦ୍ଧରେ ବିଜେଡିର ରଣହୁଙ୍କାରକୁ ଏବେ ଅନେକ ଦଳର ନୂଆ ସାମାଜିକ ନାଟକ 'ପୋଲାଭରମ ପାଇଁ ଛାତିଫଟା କାନ୍ଦ' ବୋଲି କହିବାକୁ ପଛାଉନାହାନ୍ତି। କାରଣ କ୍ଷମତାରେ ଥିବାବେଳେ ପୋଲାଭରମ କ୍ଷତିଗ୍ରସ୍ତ ପାଇଁ ବୁନ୍ଦାଏ ଲୁହ ଝରିନଥିବାବେଳେ ଏବେ ଦଳବଳ ସହିତ ମାଲକାନଗିରିମୁହାଁ ହୋଇଛନ୍ତି।

ଆନ୍ଧ୍ରପ୍ରଦେଶ ସରକାର ପୋଲାଭରମ ପ୍ରକଳ୍ପ କାର୍ଯ୍ୟକୁ ଯେତେବେଳେ ତ୍ୱରାନ୍ୱିତ କରିଥିଲେ, ସେହି ସମୟରେ ଓଡ଼ିଶାରେ ବିଜେଡି କ୍ଷମତାରେ ଥିଲା। ସେତେବେଳେ ଏହି ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାର ଏକାଧିକ ଗାଁ ବୁଡ଼ିଯିବ ବୋଲି ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ବାରମ୍ବାର କହୁଥିବା ବେଳେ ବିଜେଡି ଏକପ୍ରକାର ନିରବଦ୍ରଷ୍ଟା ସାଜିଥିଲା।



ହେଲେ ଏବେ କ୍ଷମତାରୁ ଯିବା ପରେ ବିଜେଡିକୁ ପୋଲାଭରମ ପ୍ରକଳ୍ପ ଦୃଶ୍ୟମାନ ହୋଇଛି ଓ ଦଳବଳ ସହ ନେତାମାନେ ଆସନ୍ତାକାଲି ପ୍ରକଳ୍ପ ବିରୁଦ୍ଧରେ ମାଲକାନଗିରିରେ ବିକ୍ଷୋଭ ଆୟୋଜନ କରିଛନ୍ତି। ପୋଲାଭରମ ପ୍ରକଳ୍ପ ଆଜିର ନୁହେଁ। ୧୯୪୧ ମସିହାରେ ଆନ୍ଧ୍ର ସରକାର ୧୨୯ କୋଟି ଟଙ୍କା ବ୍ୟୟରେ ଏଥିପାଇଁ ନକ୍ସା ପ୍ରସ୍ତୁତ କରିଥିଲେ। ହେଲେ ବିଭିନ୍ନ କାରଣରୁ ଏହା ଆଗେଇ ପାରିନଥିଲା। ହେଲେ ୧୯୮୧ ମସିହାରେ ଆନ୍ଧ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର

### କ୍ଷମତାରେ ଥିବାବେଳେ ଶୋଇଥିଲେ
### ବିରୋଧୀଙ୍କ କଥାକୁ 'ଫୁ' କରିଥିଲେ

ସ୍ଥାପନ କରିଥିଲେ। କିନ୍ତୁ କାମ ଜୋରଦାର ହୋଇଥିଲା ୨୦୧୪ରୁ ୨୦୧୯ ମସିହାରେ। କାର୍ଯ୍ୟରେ ବାଧା ନ ଆସିବା ପାଇଁ ସେତେବେଳର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅର୍ଡିନାନ୍ସ ଜାରି କରି ତେଲେଙ୍ଗାନାର ୯ଟି ମଣ୍ଡଳକୁ ଆନ୍ଧ୍ରରେ ମିଶାଇ ଦେଇଥିଲେ। ଆନ୍ଧ୍ରପ୍ରଦେଶ ସରକାର ୨୦୧୪ରୁ ୨୦୧୯ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକୁ ଏତେ ଦ୍ରୁତ ଗତିରେ ଆଗେଇନେଲେ ଯେ ତାହା ଗିନିଜ୍ ବୁକ୍‌ରେ ସ୍ଥାନ ପାଇଲା। ଏହି ପାଞ୍ଚ ବର୍ଷ ମଧ୍ୟରେ ୩୨,୨୧୫ କ୍ୟୁବିକ ମିଟର ➪ପୃଷ୍ଠା-୬



# ମହାଶିବରାତ୍ରୀରେ ଶୈବାଳୟ ଲୋକାରଣ୍ୟ

**କେନ୍ଦ୍ରାପଡା,୨୬।୨(ସଂଚାର ସଂଚାର ବ୍ୟୁରୋ):** ପବିତ୍ର ମହାଶିବରାତ୍ରୀ ଓ 'ଜାଗର' ଉତ୍ସବ ଅବସରରେ ଗାଁଠୁ ସହରର ସମସ୍ତ ଶୈବ ପୀଠ ବୁଧବାର ଚଳଚଞ୍ଚଳ ହୋଇ ଉଠିଛି। କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଶୈବ ପୀଠ ତଥା ଏହାର ଆଖପାଖ ପ୍ରମୁଖ ଶିବମନ୍ଦିର ସମେତ ଅନ୍ୟନ୍ୟା ମନ୍ଦିରରେ ମଧ୍ୟ ବଡ଼ି ଭୋରୁ ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ତଥା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିବା ସହିତ ମହାଦେବଙ୍କୁ ଦର୍ଶନ କରିଛନ୍ତି। ଜିଲ୍ଲାର ବିଭିନ୍ନ ପ୍ରସିଦ୍ଧ ଶୈବ ପୀଠ ମଧ୍ୟରେ କମେଶ୍ୱର ମହାଦେବ, ବିରୁପାକ୍ଷ ମନ୍ଦିର, ରାମେଶ୍ୱର ମନ୍ଦିର, ଚନ୍ଦନେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର, ସିଦ୍ଧେଶ୍ୱର ମନ୍ଦିର ରେ ସମସ୍ତ ପ୍ରକାର ନୀତିକାନ୍ତି ସହ ଦିନ ତମାମ ପୂଜା କାର୍ଯ୍ୟକ୍ରମ ଚାଲୁ ରହିଥିଲା। କେବଳ ସେତିକି ନୁହେଁ କେନ୍ଦ୍ରାପଡା ଜିଲ୍ଲାକୁ ଆସୁଥିବା ପଡ଼ୋଶୀ ଜିଲ୍ଲାର ଭକ୍ତମାନେ ଶ୍ରଦ୍ଧାର ସହ ଶିବଆରାଧନା ଓ ବାବା ଭୋଲେନାଥଙ୍କ ପୂଜା ଆରାଧନା ମଧ୍ୟ କରିଥିବା ଦେଖିବାକୁ ମିଳିଥିଲା। ଆସ୍ଥା ଓ ବିଶ୍ୱାସ ର ଶିବରାତ୍ରୀରେ ଉପବାସ କରି ମାନସିକ ରଖିବା ସହ ଉଜାଗର ରହି ଦୀପ ଜାଳିଲେ ରୋଗବୈରାଗରୁ ମୁକ୍ତି ମିଳିବ ଏବଂ ଯାହା ମାନସିକ କରିଥିବ ତାହା ନିଶ୍ଚିତ ପୂରଣ ହେବ ବୋଲି ବର୍ଣ୍ଣିତ ରହିଛି। ରାତ୍ରିରେ ମହାଦୀପ ପ୍ରଜ୍ୱଳନ ଏବଂ ମାନସିକ ଓ ଉପବାସ ବ୍ରତ ରଖି ଥିବା ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିବା ପାଇଁ ପୂଜା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ମନ୍ଦିରରେ ଭଜନ କୀର୍ତ୍ତନ ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ତେବେ ଭକ୍ତଙ୍କ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପରିଚାଳନା କମିଟି ଓ ପୋଲିସ ବିଭାଗ ପକ୍ଷରୁ ମଧ୍ୟ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

**କେନ୍ଦ୍ରାପଡା ସହରର ବିଭିନ୍ନ ଶୈବ ପୀଠ ରେ ଶିବରାତ୍ରି ପାଳନ :** ମହା ଶିବରାତ୍ରୀ ଓ ଜାଗର ଓଷା ଉପଲକ୍ଷେ ପୌରାଂଚଳ ରେ ଥିବା ବିଭିନ୍ନ ଶୈବପୀଠ ଗୁଡିକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାବେଶ ଦିନଯାକ ଲାଗି ରହିଥିଲା। ଗୋପ ଗ୍ରାମର ଶ୍ରୀ ଅମରେଶ୍ୱର ମହାଦେବ, କଜଳା ବେଢେଶ୍ୱର ମହାଦେବ, ଇଛାପୁର ରେ ଥିବା ଦେଉଳେଶ୍ୱର ମହାଦେବଙ୍କ ସମେତ ପ୍ରାୟ ପ୍ରତି ଶିବ ମନ୍ଦିର ରେ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ଗହଳି ସହ ସ୍ୱତନ୍ତ୍ର ପୂଜାପାଠ, ଅଭିଷେକ, ହୋମଯଜ୍ଞ ଅଦି ପୂଜା ଅନୁଷ୍ଠାନ ବୁଧବାର ଦିନ ଦେଖିବାକୁ ମିଳିଛି। ସକାଳୁ ଠାକୁରଙ୍କ ଦୈନିକ ନୀତିକାନ୍ତି ଓ ସେବାପୂଜା ପରେ ଓଷେଇତି ମାନଙ୍କ ଗହଳି ପରିବେଶ କୁ ଭକ୍ତିମୟ କରି ଦେଇଛି। ବିଭିନ୍ନ ଶିବ ମନ୍ଦିରରେ ଦୀପ ଜାଳି ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓମ୍ ନମଃ ଶିବାୟ ମନ୍ତ୍ର ଜପ କରୁଥିବା ଦେଖିବାକୁ ମିଳିଛି। ପ୍ରସିଦ୍ଧ ଶିବ ମନ୍ଦିର ଗୋପ ଅମରେଶ୍ୱର ମହାଦେବଙ୍କ ପୀଠରେ ବିଳମ୍ବିତ ରାତିରେ ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାଇ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ଚଳନ୍ତି ବିଗ୍ରହ ମନ୍ଦିରରୁ ବାହାରି ବିମାନ ଆରୋହଣ ପୂର୍ବକ ଗୋପ ଅମରେଶ୍ୱରଙ୍କ ପୀଠକୁ ଆସିବା ପରେ ହରିହର ଭେଟ ହୋଇଥାଏ। ସେଠାରେ ଆଳତୀ ଓ ଅନ୍ୟାନ୍ୟ ପୂଜାକ୍ରମ ପରେ ଶ୍ରୀଜୀଉଙ୍କ ବିମାନ ମନ୍ଦିରକୁ ପ୍ରତ୍ୟାବର୍ତନ କରିବା ପରେ ମହାଦୀପ ଉଠିଥାଏ। ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ପ୍ରାୟ ମଧ୍ୟରାତ୍ରୀ ୨ଟା ପର୍ଯ୍ୟନ୍ତ ମନ୍ଦିର ପରିସର ରେ ସମବେତ ହୋଇଥିଲେ ପୋଲିସ ପ୍ରଶାସନ ପକ୍ଷରୁ ଭିଡ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ବାହିନୀ ମୁତୟନ କରା ଯାଇଥିଲା।

**ଗଜେଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା:** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ଦେଉଳପଡା ଠାରେ ବିରାଜମାନ ଗଜେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ଜାଗର ଉପଲକ୍ଷେ ଶହ ଶହ ଭକ୍ତ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ପଞ୍ଚାୟତର ଓରତ, ଓଳିହା, ଦେଉଳ ପଡା, ମେରଦା, ବାଙ୍କି ଛନ୍ଦା, ଅମିରାବାଦ, ଚଣ୍ଡିଆପଲ୍ଲୀ, ରାମକଣୀ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ମନ୍ଦିର ପରିସରରେ ବସି ଦୀପ ଜାଳିବା ସହ ଗଜେଶ୍ୱର ମହାଦେବଙ୍କ ପୂଜା କରି ପ୍ରଭୁ କୃପା ଲାଭ କରିଥିଲେ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ତରଫରୁ ସୁବନ୍ଦୋବସ୍ତ କରାଯାଇଥିଲା।



## ବିପର୍ଯ୍ୟସ୍ତ ହୋଇପଡ଼ିଛି ଢଳେଇ ରାସ୍ତା



**ମହାକାଳପଡ଼ା,୨୬।୨ (ସଂଚାର ବ୍ୟୁରୋ):** ବିପର୍ଯ୍ୟସ୍ତ ହୋଇ ପଡିଛି ଢଳେଇ ରାସ୍ତା। ଖଣ୍ଡ ଖଣ୍ଡ ହୋଇ ସଉା ହରାଇ ବିପଦକୁ ଡାକୁଛି। ରାସ୍ତାର ଅବସ୍ଥା ଦେଖିଲେ କଚ୍ଚା ସଡକର ଭ୍ରମ ସୃଷ୍ଟି ହେଉଛି। କେବଳ ଦିନରେ ଲୋକମାନେ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିବା ବେଳେ ରାତିରେ ଲୋକମାନେ ଏହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତରେ ଦେଖିବାକୁ ମିଳିଛି ଏମିତି ଦୃଶ୍ୟ। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଦେଉଳପଡା ହରିଜନ ପଡା ଠାରୁ ବାଙ୍କିଛନ୍ଦା ଗ୍ରାମକୁ ସଂଯୋଗ କରିଛି ଏହି ପକ୍କା ସଡ଼କ। ରାସ୍ତାର ଏକ ପାର୍ଶ୍ୱ ଦବିଯିବା ସହିତ ରାସ୍ତା ଖଣ୍ଡ ଖଣ୍ଡ ହୋଇ ଆଁ କରିଛି। କେବଳ ଖଣ୍ଡ ଖଣ୍ଡ ନୁହେଁ ବରଂ ରାସ୍ତାରୁ ବାହାରିଥିବା ଗୋଡି ଲୋକମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଅବସ୍ଥା ଏମିତି ହୋଇଛି ଯେ ଯାନବାହାନ ଚଳାଚଳ ପାଇଁ ଅସନ୍ତୋଷ ପ୍ରକଟ କରୁଛନ୍ତି ସାଧାରଣ ଲୋକେ। ରାସ୍ତାର ଦୁଇ ପାର୍ଶ୍ୱରେ ଚାଷ ଜମି ଓ ଏକପଟେ ନଦୀ ରହିଛି ଯାହାଦ୍ୱାରା ଯାନବାହନ ଯାତାୟତ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏହି ରାସ୍ତା ମଧ୍ୟ ଦେଇ ଓରତ,ଓଳିହା,ବ ଳିପାଳ,ବିଜୟନଗର,କଳପଡା,ଅନ୍ଦୁଲି,ସାହାବାଜପୁର,ଆଦି ଗ୍ରାମର ଶତାଧିକ ଲୋକେ ଯାଆଆସ କରୁଛନ୍ତି। ନଦୀ ସେପଟେ ଥାନା, ତହସିଲ, ମହାବିଦ୍ୟାଳୟ, ବ୍ଲକ୍, ବ୍ୟାଙ୍କ୍ ଓ ମେଡିକାଲ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଥିବାରୁ ଲୋକମାନେ ଏହି ରାସ୍ତାରେ ବହୁଳ ଯାତାୟତ କରୁଛନ୍ତି। ବିପର୍ଯ୍ୟସ୍ତ ରାସ୍ତା ପାଇଁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ଲୋକମାନଙ୍କ ଯାତାୟତ ପାଇଁ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ପ୍ରଶାସନ ଏଥିପାଇଁ ଚୁପ୍ ବସିଛି। ଜନସାଧାରଣଙ୍କ ସୁରକ୍ଷିତ ଯାତାୟାତ ପାଇଁ ଲୋକପ୍ରତିନିଧି ଓ ପ୍ରଶାସନ ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


## ଆର.ଏସ୍.ଏସ୍‌ର ଅଖିଳ ଭାରତୀୟ ଘୋଷ ଦିବସ



**କେନ୍ଦ୍ରାପଡା,୨୬।୨ (ସଂଚାର ବ୍ୟୁରୋ):** ପବିତ୍ର ମହା ଶିବରାତ୍ରୀ ଉପଲକ୍ଷେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେନ୍ଦ୍ରାପଡା ନଗର ଶାଖା ପକ୍ଷରୁ ଅଖିଳ ଭାରତୀୟ ଘୋଷ ଦିବସ ପାଳନ କରାଯାଇଛି । ପୌରାଂଚଳ ର ଗୋପ ଗ୍ରାମରେ ଥିବା ଶ୍ରୀ ଶ୍ରୀ ଅମରେଶ୍ୱର ମହାଦେବଙ୍କ ମନ୍ଦିର ସମ୍ମୁଖରେ ସ୍ୱୟଂ ସେବକ ମାନେ ଘୋଷ ବାଦନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ପ୍ରାନ୍ତୀୟ ଅଧିକାରୀ ସୀମାଂଚଳ ଖଟୁଆ, ନଗର ସଂଘ ଚାଳକ ବାଇଧର ରାଉତ, ନଗର ସେବା ପ୍ରମୁଖ ଅରୁଣ କୁମାର ପ୍ରଧାନ, ଜିଲ୍ଲା ସହ କାର୍ଯ୍ୟବାହ ସୁରେଶ ଚନ୍ଦ୍ର ନାୟକଙ୍କ ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସେବକ ଘୋଷ ବାଦନରେ ଅଂଶ ଗ୍ରହଣ କରିଥିଲେ ।

## ଗୋଷ୍ଟେଶ୍ୱର ପୀଠରେ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ଶିବିର

● ଆୟୋଜନ କଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**ମହାକାଳପଡ଼ା,୨୬।୨ (ସଂଚାର ବ୍ୟୁରୋ):** ତେର ଗାଁ ଗ୍ରାମପଞ୍ଚାୟତ ଗୋପିନାଥପୁର ଶାସନ ଗ୍ରାମରେ ଥିବା ଶ୍ରୀ ଶ୍ରୀ ଗୋଷ୍ଟେଶ୍ୱର ମହାଦେବ ଙ୍କ ବିଜେସ୍ଥଳୀ ରେ ଏକ ଦେୟମୁକ୍ତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ସ୍ୱାସ୍ଥ୍ୟ ଶିବିର ରେ ସମ୍ ମେଡିକାଲ ର କର୍ଣ୍ଣ, ଗଳା ଓ ନାଶା ରୋଗ ବିଶେଷଜ୍ଞ ଡ଼ା ଲୋକନାଥ ସାହୁ ୫୨ ରୁ ଉର୍ଦ୍ଧ୍ୱ ରୋଗୀମାନଙ୍କ ର ଚିକିତ୍ସା କରିଥିଲେ। ମନ୍ଦିର ପରିଚାଳକ ବିଷ୍ଣୁ ଚରଣ ମହାପାତ୍ର ଓ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି ଙ୍କ ମିଳିତ ପ୍ରଚେଷ୍ଟା ରେ ସମସ୍ତ କାର୍ଯ୍ୟକ୍ରମ ର ସଫଳ ରୂପାୟନ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ଉପ ସଭାପତି ରଶ୍ମିରଞ୍ଜନ ବାରିକ., କେଦାର ସ୍ୱାଇଁ, ବିରେନ୍ଦ୍ର କୁମାର ସେଠୀ, ଦେବେନ୍ଦ୍ର ନାୟକ, ହିମାଂଶୁ ସ୍ୱାଇଁ, ଶୁଭମ୍ ଦାସ, ନିଗମ ସାହୁ, ତପନ କୁମାର ନାଥ, ଦୁର୍ଗା ମାଧବ ସେଠୀ, ମନୋଜ କୁମାର ରାଉତ ଓ ଅମିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଏଥି ସହିତ ଡାକ୍ତର ଲୋକନାଥ ସାହୁ ଓ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ କର୍ମ କର୍ତ୍ତା ଙ୍କ ସହଯୋଗ ରେ ପ୍ରଥମ ଥର ପାଇଁ ଏହି ଗ୍ରାମରେ ଏକ ତମାଖୁ ସେବନ ଉପରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଇନ୍ଦ୍ରମଣି ନାୟକ ଓ ଅଧ୍ୟାପକ ସମ୍ରାଟ ବିପିନ ବିହାରୀ ଦାସ ସମସ୍ତ କାର୍ଯ୍ୟ ରେ ସହଯୋଗ କରିଥିଲା। ଶେଷ ରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଡା ଲୋକନାଥ ସାହୁ ଙ୍କୁ ' ଗୋପିନାଥପୁର ଶାସନ ସେବା ସମ୍ମାନ ରେ ସମ୍ମାନିତ କରାଯାଇଥିଲା।

## ଶୌଚ ହେବାକୁ ଯାଇ ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ



**ଆଳି,୨୬।୨ (ସଂଚାର ବ୍ୟୁରୋ):** ଗାଁ ପୋଖରୀରେ ବୁଡି ବୃଦ୍ଧ ବ୍ୟକ୍ତି ମୃତ। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଚୂନବନ୍ଧ ଗ୍ରାମର ପର୍ଶୁରାମ ସାହୁ (୭୪)ଶୌଚ ହେବାକୁ ନିକଟରେ ଥିବା ଗାଁ ପୋଖରୀ କୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡି ମୃତ୍ୟ ବରଣ କରିଛନ୍ତି । ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିବାରୁ ପୋଖରୀରେ ବୃଦ୍ଧ ଙ୍କ ଶରୀର ପାଣିରେ ଭାସୁଥିବାର ଦେଖିବାକୁ ପାଇଥିଲେ। ତୁରନ୍ତ ପରିବାର ଲୋକ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।ପରେ ପୋଲିସ ଶବକୁ ଜବଦ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ମୃତ୍ୟୁ ଘୋଷଣା ପରେ ପରିବାର ସହ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

## ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ବିଜେପି ନେତାଙ୍କ ଆଲୋଚନା



**ସାଲେପୁର,୨୬।୨ (ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳରେ ଧାନ ଚାଷୀମାନେ ଧାନମଣ୍ଡିକୁ ଯାଇ ଠିକ୍ ସମୟରେ ଧାନ ଦେଇପାରୁନଥିବାରୁ ଅଧିକାଂଶ ମଣ୍ଡିରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ବିଜେପି ନେତା ଅରିନ୍ଦମ ରାୟ ସାଲେପୁର ବ୍ଲକର ଚନ୍ଦ୍ରାଦେଇପୁର ସେବା ସମବାୟ ସମିତି ପରିସରରେ ହୋଇଥିବା ଧାନ ମଣ୍ଡିରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସାଲେପୁରର ବିଭିନ୍ନ ମଣ୍ଡିରେ ନିଯୁକ୍ତ ମିଲରମାନେ ଠିକ୍ ସମୟରେ ଚାଷୀମାନଙ୍କ ଠାରୁ ଧାନ ନେଉନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରି ସାଲେପୁର ବ୍ଲକର ବିଭିନ୍ନ ଧାନମଣ୍ଡିରେ ମିଲରମାନଙ୍କ ପାଇଁ ହେଉଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଆଲୋଚନା କରିବା ସହ ନୂତନ ମିଲର ନିଯୁକ୍ତି କରିବାପାଇଁ ସୁପାରିଶ କରିଥିଲେ। ସେହିପରି ଧାନ ମଣ୍ଡିକୁ ଧାନ ଦେବାକୁ ଆସୁଥିବା ଚାଷୀମାନଙ୍କର ଧାନ ଦେବାରେ କୌଣସି ଅସୁବିଧା ନହୁଏ, ସେ ସମ୍ପର୍କରେ ସୋସାଇଟିରେ ଥିବା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ରାଇସୁଙ୍ଗୁଡ଼ା ପଞ୍ଚାୟତ କେରଙ୍ଗା-ପାଇକରାପୁର ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ପାଇ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ସରକାରଙ୍କ ନିୟମ ଅନୁଯାୟୀ ରାସ୍ତା ନିର୍ମାଣ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ବିଜେପି ନେତା ସତ୍ୟବାଦୀ ଚଇନି, ବିକ୍ରମ କେଶରୀ ବଳ, ସତ୍ୟଶିବସୁନ୍ଦର କର, ଅଜୟ କୁମାର ଜେନା, ହୃଷିକେଶ ରାଉତ, ରାଇସୁଙ୍ଗୁଡ଼ା ପଞ୍ଚାୟତ ସଭାପତି ପ୍ରଦୀପ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରଙ୍କୁ ହତ୍ୟା ପାଇଁ ଫୋନରେ ବାପଙ୍କୁ ଧମକ

**ରାଜନଗର,୨୬।୨ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳର ପୂର୍ବତନ ସରପଞ୍ଚ ମୋହନ କୁମାର ଦାସଙ୍କୁ ଆଜି ଟେଲିଫୋନ ଯୋଗେ ତାଙ୍କ ପୁଅକୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଛି। ଶ୍ରୀ ଦାସ ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଟେଲିଫୋନ ନମ୍ବରକୁ ଆଜି ସକାଳେ ୮୯୫୧୮୩୭୨୯୧ ରୁ ଫୋନ ଆସିଥିଲା। ଫୋନ ଉଠାଇବା ପରେ ଭୁବନେଶ୍ୱର ଆଇଟିଆର ରେ ପଢୁଥିବା ପୁଅକୁ ଟୋକା ଲଗାଇ ହାଣି ହତ୍ୟା କରିବା ସହିତ ବଂଶ ନିପାତ କରିବ ବୋଲି ଧମକ ଦେଇଥିବା ଦର୍ଶାଇଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ମୋବାଇଲ ନମ୍ବର ଟ୍ରାକ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଦେବ ଜୟନ୍ତୀ



**ରାଜନଗର,୨୬।୨(ସଂଚାର ବ୍ୟୁରୋ):** ରାଜନଗର ଠାରେ ଥିବା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପବିତ୍ର ମହା ଶିବରାତ୍ରି ଅବସରରେ ୮୯ ତମ ଶିବ ଜୟନ୍ତୀ ସମାରୋହ ଭକ୍ତି ଭାବନା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାଶକ୍ତି ଶିବଙ୍କ ଧ୍ୱଜା ଉତ୍ତୋଳନ କାର୍ଯ୍ୟକ୍ରମରେ ବାରାହପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଭିନ୍ନ କୁମାର ସ୍ୱାଇଁ, ରାଜନଗର ଥାନା ସବ ଇନିସ୍ପେକ୍ଟର ଚନ୍ଦ୍ରକାନ୍ତି ମହାପାତ୍ର, ସୁବ୍ରତ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଲେଙ୍କା, ବିଜୟ କୁମାର ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ରାଜନଗର ଶାଖାର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ନିର୍ମଳା ଭଉଣୀଙ୍କ ପୌରହିତ୍ୟରେ ଆୟୋଜିତ ଶିବ ଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଶ୍ରୀ ସ୍ୱାଇଁ, ରାଜସ୍ଥାନ ମାଉଣ୍ଟ ଆବୁରୁ ଆସିଥିବା ବିକେ ବସନ୍ତ ଭାଇ, ସମାଜସେବୀ କୃପାସିନ୍ଧୁ ସାମଲ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ସରପଞ୍ଚ ଅଶୋକ କୁମାର ମହାନ୍ତି ପ୍ରମୁଖ ଦେଇ ମହା ଶିବରାତ୍ରିର ଦିବ୍ୟ ଲୀଳା ସମ୍ବନ୍ଧରେ ଆଲୋଚନା କରିବା ସହିତ ଭାଇଚାରା, ସଂହତି, ମାନବିକତାର ପ୍ରତିଟି ମଣିଷ ହୃଦୟରେ ପ୍ରଦୀପ ହୋଇ ଜଳୀ ଉଠୁ ବୋଲି କହିଥିଲେ।

### ଅସହ୍ୟ ହେଲାଣି ମାଙ୍କଡ଼ ଉପଦ୍ରବ

## ପ୍ରତିକାର ଦାବିରେ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ

● କୃଷି, ବନ ବିଭାଗ ନିରବଦ୍ରଷ୍ଟା

**କେନ୍ଦ୍ରାପଡା,୨୬।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଅଧିକାଂଶ ସ୍ଥାନରେ ମାଙ୍କଡ଼ ଉପଦ୍ରବ ଅସହ୍ୟ ହୋଇପଡ଼ିଛି। ଏହାକୁ ନେଇ ଉଭୟ କୃଷି ଓ ବନ ବିଭାଗ ନିରବଦ୍ରଷ୍ଟା ସାଜୁଛନ୍ତି। ବିହିତ ପ୍ରତିକାର ଦାବିରେ ଚାଷୀକୁଳ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାର ମହାକାଳପଡା, ମାର୍ଶାଘାଇ, ଗରଦପୁର ଓ ଡେରାବିଶ ବ୍ଲକରେ ରହିଛି ବିସ୍ତୀର୍ଣ୍ଣ ସମତଳ ଅଞ୍ଚଳ। ପାଇକା, ଲୁଣା,କରାଣ୍ଡିଆ, ଚିତ୍ରୋତ୍ପଳା ନଦୀ ପଠା ଏବଂ ଅନ୍ୟ ଗ୍ରାମାଞ୍ଚଳର ଏହି ଇଲାକାର ମାଟି ବେଶ ଉର୍ବର। ଏଠାକାର ପ୍ରାୟ ୬୦ରୁ ୭୦ ପ୍ରତିଶତ ଲୋକ ତୈଳ ବୀଜ ଓ ପନିପରିବା ଚାଷ ଉପରେ ନିର୍ଭର କରିଥା'ନ୍ତି । ହେଲେ ଏହି ୪ଟି ବ୍ଲକର ଲକ୍ଷାଧିକ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଯୋଗୁଁ ଲୋକେ ତ୍ରାହି ତ୍ରାହି ଡାକ ଛାଡ଼ିଲେଣି। କଥାରେ ଅଛି ଯାହାର ଥିବା ଗଡ଼ିଆ ମାଛ ବାଡ଼ିରେ ହାଟ, ଘର ପାଇଁ ସିଏ ନକରିବ ଚିନ୍ତା ପ୍ରକଟ । ବାସ୍ତବ କ୍ଷେତ୍ରରେ କିନ୍ତୁ ଏହି ଉକ୍ତିର ସତ୍ୟତା ଏବେ ମାଙ୍କଡ଼ଙ୍କ ପାଇଁ ବିପଦମୁଖୀ ହେବାକୁ ବସିଲାଣି। ଯାହା ଫଳରେ ବର୍ଷ ଧରି ଏହି ଅଞ୍ଚଳର ଚାଷୀ ତୈଳବୀଜ ଓ ପନିପରିବା ଚାଷକୁ ଧୀରେ ଧୀରେ ଏକ ପ୍ରକାର ଛାଡ଼ି ଦେବାକୁ ବସିଲେଣି । ଏହା ବ୍ୟତୀତ ଯେ କୌଣସି ମୁହୂର୍ତ୍ତରେ ରାସ୍ତାଘାଟରେ ମାଙ୍କଡ଼ ଆକ୍ରମଣର ଶିକାର ହେଉଛନ୍ତି ଆବାଳ ବୃଦ୍ଧ ବନିତା । ସ୍କୁଲ ପିଲା, ମହିଳା କିମ୍ବା ବାଇକ୍ ଆରୋହୀ ସେମାନଙ୍କ ଆକ୍ରମଣରୁ ବର୍ତ୍ତୁନାହାନ୍ତି। ବ୍ୟାପକ ଜଙ୍ଗଲ ନଷ୍ଟ ହେବା କାରଣରୁ ସେମାନେ ଏବେ ଗାଁ ଗଣ୍ଡା ଛାଡ଼ି ଯିବାକୁ ନାରାଜ। ଗୋଟିଏ ଦଳରେ ଥିବା ୪୦ରୁ ୫୦ଟି ମାଙ୍କଡ଼ ଗାଁରେ ରହି ଫୁଲ, ଫଳ, ପନିପରିବା ଯେତିକି ଖାଇଥା'ନ୍ତି ; ତା'ଠୁ ଅଧିକ ଗଛ ପତ୍ର ଭାଙ୍ଗି ନଷ୍ଟ କରିଥା'ନ୍ତି। ଚିନାବାଦାମ, କାକୁଡ଼ି, ତରଭୁଜ, କଦଳୀ, ଅମୃତଭଣ୍ଡା ପାଖରୁ ଆରମ୍ଭ କରି ଫୁଲ ଗଛକୁ ମଧ୍ୟ ବାଦ ଦେଉନାହାନ୍ତି। ସେମାନଙ୍କ ପାଇଁ ଏବେ ଅଗଣାର ତୁଳସୀ ଗଛକୁ ଆଉ ଦେଖିବାକୁ ମିଳୁନି। ବେଳେ ବେଳେ ଘରର ଗ୍ରୀଲ ବାଟେ ଛୁଆ ମାଙ୍କଡ଼ ସବୁ ପଶି ଘରର ପରିବାକୁ ଖାଇ ଯାଉଥିବାର ଦେଖିବାକୁ ମିଳୁଛି । କ୍ରମାଗତ ଭାବେ ୧୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଏଭଳି କ୍ଷତି କରିଆସୁଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଜିଲ୍ଲାର କିଛି ସଚେତନ ନାଗରିକ ଏବଂ ଚାଷୀ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ତହସିଲଦର, ବିଡିଓଙ୍କଠୁ ଆରମ୍ଭ କରି ବିଧାୟକ, ସାଂସଦ ଏପରିକି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଗୋଚର ମଧ୍ୟ କରିଛନ୍ତି କିନ୍ତୁ କିଛି ସଫଳତା ମିଳିପାରିନାହିଁ। କିଛିଦିନ ତଳେ ମହାକାଳପଡା ବ୍ଲକ୍ ଧନିଆପଡ଼ା ଗ୍ରାମରେ ମାଙ୍କଡ ଆତଙ୍କ ସୃଷ୍ଟି କରିଥିଲେ। ଗ୍ରାମର କିଛି ଲୋକଙ୍କୁ କାମୁଡ଼ିବାରୁ ମେଡିକାଲ୍ ରେ ଭର୍ତି ହୋଇଥିଲେ । ଏହି ପାଗଳ ମାଙ୍କଡ଼କୁ କାବୁ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଆସି ବନ ବିଭାଗ ସହିତ ନାକେଦମ ହେବାକୁ ପଡ଼ିଥିଲା ।

## ପଟ୍ଟାମୁଣ୍ଡାଇରେ ମହାଶିବରାତ୍ରୀ ଓ ଜାଗରଯାତ୍ରା



**ପଟ୍ଟାମୁଣ୍ଡାଇ,୨୬।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପବିତ୍ର ମହାଶିବରାତ୍ରି ଓ ଜାଗର ଯାତ୍ରା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ଉତିକଣ ଅଂଚଳର ପ୍ରସିଦ୍ଧ ଶୈବ ପୀଠ ଚନ୍ଦନନଗର ଚନ୍ଦ୍ରମଉଳି ପୀଠରେ ମହାଶିବ ରାତ୍ରି ଉପଲକ୍ଷେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା । ଆଜି ପ୍ରତ୍ୟୁଷରୁ ପୂଜକ ପଣ୍ଡାମାନଙ୍କ ଦ୍ୱାରା ପ୍ରଭୁ ଚନ୍ଦ୍ରମଉଳି ମହାଦେବଙ୍କ ପୂଜାର୍ଚନା ଯଥାବିଧି ସମ୍ପନ୍ନ କରାଯାଇଥିଲା। ପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟୁଷରୁ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଶହ ଶହ ଶ୍ରଦ୍ଧାଳୁ ପ୍ରଭୁଙ୍କ ବେଢାରେ ଦୀପ ଜାଳି ଆଶୀର୍ବାଦ ଭିକ୍ଷା କରିଥିଲେ । ମହାଶିବରାତ୍ରି ଉପଲକ୍ଷେ ଚନ୍ଦ୍ରମଉଳି ପୀଠ ଆଲୋକମାଳାରେ ସଜ୍ଜିତ ହୋଇ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ମାନସିକ ପାଇଁ ଦୀପ ଜାଳି ବସି ଥିବା ଭକ୍ତମାନେ ବିଳମ୍ବିତ ରାତିରେ ମହାଦୀପ ଦର୍ଶନ କରି ନିଜର ମାନସିକ ସଂପୂର୍ଣ୍ଣ କରିବା ପାଇଁ ଲାଗିପଡିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ହରପାର୍ବତୀ ମନ୍ଦିର ମହାଶିବରାତ୍ରି ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପ୍ରତ୍ୟୁଷରୁ ପ୍ରଭୁ ହରପାର୍ବତୀଙ୍କ ଯଥାୱିଧି ପୂଜାର୍ଚ୍ଚନା କରିଥିଲେ । ପ୍ରଭୁ ହରପାର୍ବତୀଙ୍କ ଦର୍ଶନ ପାଇଁ ପ୍ରତ୍ୟୁଷରୁ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ଏପରିକି ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ହୋଇ ଧାଡିରେ ଭକ୍ତ ମାନଙ୍କୁ ଦିଅଁ ଦର୍ଶନ କରାଇଥିଲେ । ମହାଶିବରାତ୍ରୀ ଉପଲକ୍ଷେ ହରପାର୍ବତୀ ମନ୍ଦିର ଆଲୋକମାଳାରେ ସଜ୍ଜିତ ହୋଇଥିଲା । ମନ୍ଦିର ବେଢାରେ ଶ୍ରଦ୍ଧାଳୁ ମାନେ ଦୀପ ଲଗାଇ ନିଜର ମାନସିକ ପୂରଣ ସହ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏଇ ଅବସରରେ ପଟ୍ଟାମୁଣ୍ଡାଇ କସ୍ତୁରୀ କଳା ନିକେତନ ଓ କେନ୍ଦ୍ରାପଡ଼ା ଭାବଗ୍ରାହୀ କଳା ନିକେତନ କଳାକାର ମାନେ ଭଜନ ପରିବେଷଣ କରିଥିଲେ ।

## ପଞ୍ଚାୟତସ୍ତରୀୟ କିଶୋରୀ ମେଳା



**ସାଲେପୁର,୨୬।୨ (ସଂଚାର ବ୍ୟୁରୋ):** ସାଲେପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପଞ୍ଚାୟତ ସ୍ତରୀୟ କିଶୋରୀ ମେଳା ବାଲିସାହି ପଞ୍ଚାୟତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଶିଶୁ ବିକାଶ ଯୋଜନା ଅଧିକାରିଣୀ ସୌଦାମିନୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ବି.ସି. ପୋଷଣ ଶିବପ୍ରସାଦ ଭଞ୍ଜ, ସି.ଏଚ୍.ଓ. ସନ୍ତୋଷ କୁମାର ଚଇନି, ସୁପରଭାଇଜର ସୁଚିତ୍ରା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସାଲେପୁର ବ୍ଲକର ୩ଗୋଟି ପଞ୍ଚାୟତର ୧୧୦ଜଣ କିଶୋରୀ ବାଳିକାମାନେ ଯୋଗଦେଇଥିବାବେଳେ ସେମାନଙ୍କ ମଧ୍ୟରେ ନୃତ୍ୟ, ସାଧାରଣ ଜ୍ଞାନ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱପ୍ନାଞ୍ଜଳି ପ୍ରହରାଜ, ବିଶଯା ପ୍ରଧାନ, କୁନିଲତା ସାହୁ, ପ୍ରଜ୍ଞାପରମିତା ନାୟକ, କନକଲତା ବେହେରା, ନିଳିମା ସାମଲ, ପ୍ରେମଲତା ପରିଡ଼ା, ସୁପର୍ଣ୍ଣା ଦାସ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ତୁଳସୀକ୍ଷେତ୍ରରେ ମହାଶିବରାତ୍ରୀ ପାଳନ



**କେନ୍ଦ୍ରାପଡା,୨୬।୨ (ସଂଚାର ବ୍ୟୁରୋ):** ଆଜି ତୁଳସୀ କ୍ଷେତ୍ର ରେ ପବିତ୍ର ମହାଶିବରାତ୍ରି ଜାଗର ଯାତ୍ରା ନୀତି ଧୁମ୍ ଧାମରେ ପାଳନ କରାଯାଇଛି କ୍ଷେତ୍ର ମଧ୍ୟସ୍ଥ ବୈକୁଣ୍ଠେଶ୍ୱର କାଶୀ ବିଶ୍ୱନାଥ ସିଦ୍ଧେଶ୍ୱର ୟେଶନିଶ୍ୱର୍ କ୍ଷେତ୍ର ପାର୍ଶ୍ୱବର୍ତ୍ତୀ ବୈଦ୍ୟନାଥ ଦେଉଳେସ୍ୱର ଦଣ୍ଡେସ୍ୱର କୁମାରେଶ୍ୱର୍ ଓ ପ୍ରସିଦ୍ଧ ଅମରେସ୍ୱର ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇଛି । ନିତିକ୍ରାନ୍ତି ବେଲପତ୍ର ଅର୍ପଣ ରୁଦ୍ରାଭିଶେକ ହୋମଯଜ୍ଞ ନାମଯଜ୍ଞ ଅର୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଶିବାଳୟରେ ପ୍ରବଳ ଭିଡ଼ ସାଙ୍ଗକୁ ଭଜନ କୀର୍ତନ ସାଙ୍ଗକୁ ମଧ୍ୟରାତ୍ର ରେ ସମସ୍ତ ମହାଦୀପ କାର୍ଯ୍ୟକ୍ରମ ରେ ମନ୍ଦିର ପରିସର ଉତ୍ସବ ମୁଖର ହୋଇ ଥିଲା ବିଶେଷ ଆକର୍ଷଣ ଥିଲା । କ୍ଷେତ୍ରରୁ ବଳଦେବଜୀଉଙ୍କ ବିଜେ ପ୍ରତିମା ଗୋବିନ୍ଦ ଜୀଉ ବିରାଟ ପଟୁଆର ଯାଇ ଅମରେଶ୍ୱର ମନ୍ଦିରରେ ଭେଟ ହୋଇଥାନ୍ତି । ଏହାକୁ ହରି ହର ଭେଟ କୁହା ଯାଇଥାଏ । ଏହି ଭେଟ ବର୍ଷରେ ଗୋଟିଏ ଦିନ ଜାଗର ରେ ହୋଇଥାନ୍ତି । କିମ୍ବଦନ୍ତୀ କୁହେ ତୁଳସୀ କ୍ଷେତ୍ର ପ୍ରତିଷ୍ଠା ପରେ କ୍ଷେତ୍ର ସୁରକ୍ଷା ଲାଗି ବଳଦେବଜୀଉ ମହାପ୍ରଭୁ ଅଷ୍ଟସମ୍ଭୁ ମନ୍ଦିର ପ୍ରତିଷ୍ଠା କରିଥିଲେ ।

## ମାର୍ଚ୍ଚ ୫ରୁ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ

**ରାଜନଗର,୨୬।୨ (ସଂଚାର ବ୍ୟୁରୋ):** ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ୫୫ତମ ବାର୍ଷିକ ରାଜ୍ୟ ସ୍ତରୀୟ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ଆସନ୍ତା ମାର୍ଚ୍ଚ ମାସ ୫ତାରିଖ ଠାରୁ ୮ ତାରିଖ ଯାଏଁ ରାଜନଗର ବ୍ଲକ ଡେରା ପଞ୍ଚାୟତର ଗହ୍ମାଶିଖର ଠାରେ ଅନୁଷ୍ଠିତ ହେବ। ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ, ହାତିନା, ଡେରା ପଞ୍ଚାୟତବାସୀ ଓ ଗହ୍ମାଶିଖର ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ୫ ତାରିଖ ଦିନ ପ୍ରାତଃ ୬ ଘଟିକାରୁ ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବାଦେବୀଙ୍କ ପୂଜା ପରେ ୯ ଘଟିକାରେ ରାଜନଗର ସେବାଶ୍ରମ ଠାରୁ ଶ୍ରୀ ଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କୁ ଭବ୍ୟ ଓ ଦିବ୍ୟ ସଂକୀର୍ତନ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପ ଯାଏଁ ପାଛୋଟି ନିଆଯିବ। ସଂଧ୍ୟା ୭ ଘଟିକାରେ ଠାକୁରଙ୍କ ଷୋଡଶ ଉପଚାର ପୂଜା ପରେ ସାଧୁ ସନ୍ଥ ମାନଙ୍କ ଦ୍ୱାରା ସନାତନ ଧର୍ମ ସମ୍ମିଳନୀକୁ ଉଦ୍‌ଘାଟନ କରାଯିବ। ୬ ତାରିଖ ଠାକୁରଙ୍କ ମଙ୍ଗଳ ଆଳତୀ, ବିଷ୍ଣୁ ସହସ୍ର ନାମ, ଗୀତା ପାଠ କରାଯିବ। ଦିନ ୧୦ଟା ରେ ଓ ସନ୍ଧ୍ୟାରେ ଧର୍ମସଭାରେ ମାନେ ଆଶ୍ରିର୍ବଚନ ପ୍ରଦାନ କରିବେ। ୭ ତାରିଖ ଦିନ ଡାକ୍ତରଙ୍କ ସହଯୋଗରେ ମାଗଣା ଦାନ୍ତ ପରୀକ୍ଷା ଓ ମଧୁମେହ ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ଦିନ ୧୦ଟା ଓ ସନ୍ଧ୍ୟାରେ ସାଧୁ ସନ୍ଥ ମାନେ ଆଶ୍ରିବଚନ ପ୍ରଦାନ କରିବେ। ୮ ତାରିଖ ଦିନ ୧୦ଟା ରେ ବିଭିନ୍ନ ସାଧୁସନ୍ଥମାନେ ଆଶ୍ରିବଚନ ପ୍ରଦାନ କରିବେ। ସନ୍ଧ୍ୟାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି। ଏଥିସହ ପ୍ରତ୍ୟେକ ଦିନ ସଂଧ୍ୟାରେ ଠାକୁରଙ୍କ ଭଜନ କାର୍ଯ୍ୟକ୍ରମ ସହିତ ଶ୍ରୀ ଶ୍ରୀ ଠାକୁରଙ୍କ ଲୀଳାଭିନୟ କାର୍ଯ୍ୟକ୍ରମ, ଗୋଟିପୁଅ ନୃତ୍ୟ, ପାଲା ଆଦି କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଦିବାକର ପରିଡା ଓ ସେବକ ଅଭୟ ବାବା ଜଣାଇଛନ୍ତି। ଏହି ଧର୍ମ ସମ୍ମିଳନୀରେ ଶାନ୍ତଧାମ କରମଳାର ବାବାଜୀ ଅନ୍ତର୍ଯ୍ୟାମୀ ଦାସ, ବାବାଜୀ ସଦାନନ୍ଦ ଦାସ, ବାବାଜୀ ହରେକୃଷ୍ଣ ଦାସ, ବାବାଜୀ ବନବିହାରୀ ଦାସ, ବାବାଜୀ ଭୀମସେନ ଦାସ, ବାବାଜୀ ଧ୍ରୁବ ଚରଣ ଦାସ, ବାବାଜୀ ବୁଦ୍ଧଦେବ ଦାସ, ବାବାଜୀ ଜୟଦେବ ଦାସ, ବାବାଜୀ ନୀଳମଣି ଦାସ, ବାବାଜୀ ଗୌରହରି ଦାସ, ବାବାଜୀ ପରମେଶ୍ୱର ଦାସ, ବାବାଜୀ ସତ୍ୟପ୍ରଜ୍ଞାନନ୍ଦ ଦାସ, ବାବାଜୀ ଧର୍ମାନନ୍ଦ ଦାସ, ବାବାଜୀ ରତ୍ନାକର ଦାସ, ବାବାଜୀ ସୁଧାନନ୍ଦ ଦାସ, ବାବାଜୀ ଲୋକନାଥ ଦାସ, ବାବାଜୀ ଦତ୍ତାତ୍ରେୟ ଦାସ, ବାବାଜୀ ରାଧାରମଣ ଦାସ, ।

# ମହାକୁମ୍ଭରେ ଓଡ଼ିଶା ଦଳର ପରିବେଶ ସୁରକ୍ଷା ବାର୍ତ୍ତା



**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭମେଳା ଆଜି ଉଦ୍‌ଯାପିତ ହୋଇଛି। ତେବେ ଏଥିରେ ଓଡ଼ିଶାର ଏକ ସାଂସ୍କୃତିକ ଦଳ ସଙ୍ଗୀତ, ନୃତ୍ୟ ମାଧ୍ୟମରେ ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଛି। ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସଂସ୍କୃତି ଓ ପ୍ରକୃତି ସହ ତା'ର ଗଭୀର ସମ୍ପର୍କକୁ ପ୍ରଦର୍ଶିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ଦର୍ଶକମାନେ ବେଶ୍ ପସନ୍ଦ କରିଥିଲେ। ବିଶିଷ୍ଟ ନିର୍ମାତା ଦେବ ମେହେରଙ୍କ ନିର୍ଦ୍ଦେଶନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗୀତ ନାଟକ ଅକାଦେମି ଦ୍ୱାରା ପୁରସ୍କୃତ ଗାୟିକା ସୁସ୍ମିତା ଦାସଙ୍କ ଗୀତ ଓ ପ୍ରସିଦ୍ଧ ନୃତ୍ୟ ନିର୍ଦ୍ଦେଶକ ବିଦ୍ୟୁତ ସେଠୀଙ୍କ କୋରିଓଗ୍ରାଫି ସମସ୍ତଙ୍କ ମନ ମୋହିଥିଲା। ଓରୋମିରା ଏଣ୍ଟରଟେନମେଣ୍ଟର ଏହି ଉତ୍କୃଷ୍ଟ ପ୍ରଦର୍ଶନ ଜଳବାୟୁ ପରିବର୍ତ୍ତନ ଓ ପ୍ରକୃତି ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଧିତାଙ୍ଗ ଧିତାଙ୍ଗ (ଓଡ଼ିଶାର ଜନଜାତୀୟ ଜ୍ଞାନ ଓ ସଂସ୍କୃତିର ଉତ୍ସବ), ସାଇବୋନି ଲାଇବୋନି (ଗ୍ରାମୀଣ ଓଡ଼ିଶାର ଘୁମୁରା ନୃତ୍ୟ, ଯାହା କୃଷି ଜୀବନର ସମ୍ପର୍କକୁ ଉଜାଗର କରେ), ହମ୍ ଜହାଁ ଜିଏଙ୍ଗେ (ପରିବେଶ ସୁରକ୍ଷା ଓ ଆଗାମୀ ପିଢ଼ି ପାଇଁ ସଚେତନତାମୂଳକ ସଙ୍ଗୀତ), ହମ୍ ଅଗର ନହିଁ (ଜଳାଶୟ ଓ ପ୍ରାକୃତିକ ବିବିଧତା ଉପରେ ବିପଦ ସଂକ୍ରାନ୍ତ ଭାବନାପ୍ରବଣ ଉପସ୍ଥାପନା), ପୃଥ୍ୱୀ ମନ୍ଥନ-ଦ୍ୱିତୀୟ ମନ୍ଥନ- ଶିବ ତାଣ୍ଡବ ସ୍ତୋତ୍ରମ୍ (ଜଳବାୟୁ ପରିବର୍ତ୍ତନ ଉପରେ ଏକ ବିଶେଷ ସନ୍ଦେଶ) ଥିଲା। ପବିତ୍ର ସଙ୍ଗମର ପୃଷ୍ଠଭୂମିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା ହେଉଛି ଆମର ସର୍ବପ୍ରଥମ ଦାୟିତ୍ୱ ବୋଲି ଏକ ବାର୍ତ୍ତା ଦିଆଯାଇଛି।

## ପେପରଲେସ୍ ହେବ ଓଡ଼ିଶା ଏଜି

- ଟ୍ରେଜେରି ଚାଲାଣ ପାଇଁ ଆସିବ ଆପ୍

**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ଏଣିକି ଆଉ ସାଧାରଣ ଲୋକଙ୍କୁ ଟ୍ରେଜେରି ଚାଲାଣ ପାଇଁ ଆଉ ଘଣ୍ଟା ଘଣ୍ଟା ଧରି ଟ୍ରେଜେରି କିମ୍ବା ବ୍ୟାଙ୍କରେ ଧାଡ଼ି ଲଗାଇବାକୁ ପଡ଼ିବ ନାହିଁ। ସେମାନେ ଯେପରି ଏହି ଚାଲାଣ ସୁବିଧାରେ ପାଇପାରିବେ, ସେଥିସକାଶେ ଏକ ମୋବାଇଲ୍ ଆପ୍‌ର ବିକାଶ କରାଯିବ। ଏନେଇ ଆଜି ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସୂଚନା ଦେଇଛନ୍ତି। ଓଡ଼ିଶା ମହାଲେଖାକାର (ଏଜି) କାର୍ଯ୍ୟାଳୟ ଓ ଅର୍ଥ ବିଭାଗ ସହଯୋଗରେ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପ୍ରତିଷ୍ଠାନରେ ଅନୁଷ୍ଠିତ ଦ୍ୱିତୀୟ କୋଷାଧିକାରୀ କର୍ମଶାଳାକୁ ସମ୍ବୋଧନ କରିବା ଅବସରରେ ସେ କହିଛନ୍ତି ଯେ ଅବସର ଦିନ କର୍ମଚାରୀମାନେ ସେମାନଙ୍କ ପେନ୍‌ସନ୍ ପାଇବା ସକାଶେ ସେମାନଙ୍କ ଆବେଦନପତ୍ର ୩ ମାସ ପୂର୍ବରୁ ଏଜି କାର୍ଯ୍ୟାଳୟରେ ପହଞ୍ଚିବା ଦରକାର। ଏହା ସୁନିଶ୍ଚିତ କରିବା ସକାଶେ ଶ୍ରୀ ମିଶ୍ର କର୍ମଶାଳାରେ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ'ରେ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଆବେଦନପତ୍ର ମାର୍ଚ୍ଚ ୩୧ ସୁଦ୍ଧା ଏଜି କାର୍ଯ୍ୟାଳୟରେ ପହଞ୍ଚିବ ବୋଲି ସେ କହିଛନ୍ତି। ରାଜ୍ୟ ସରକାର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିବାରୁ ତା'ର ଉପଯୋଗ କରିବାକୁ ମଧ୍ୟ ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି। ପେନ୍‌ସନ୍ ପ୍ରଦାନରେ ଏଜି ଓଡ଼ିଶା ଦେଶରେ ପ୍ରଥମ କାର୍ଯ୍ୟାଳୟ ଭାବେ ସମ୍ମାନିତ ହୋଇଥିବାରୁ ସେ ଏହାକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ପ୍ରଧାନ ମହାଲେଖାକାର ଡି. ସାହୁ କହିଛନ୍ତି ଯେ ଆଗାମୀ ଦୁଇ ବର୍ଷ ମଧରେ ଓଡ଼ିଶା ଏଜି ବିଶ୍ୱସ୍ତରୀୟ ସେବା ଯୋଗାଇବା ସହ କାଗଜବିହୀନ (ପେପର୍‌ଲେସ୍) କାର୍ଯ୍ୟାଳୟ ହେବ, ଯାହାକି ଦେଶରେ ପ୍ରଥମ ହେବ। ଏହି ଲକ୍ଷ୍ୟ ହାସଲ ପାଇଁ ଆଇଏଫ୍‌ଏମ୍‌ଏସ୍ ବ୍ୟବହାର କରିବାକୁ ଶ୍ରୀ ସାହୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଡିଡିଓଙ୍କ ଆକାଉଣ୍ଟ୍‌ରେ ପାଣ୍ଠି ପଡ଼ିରହିବା, ଆକାଉଣ୍ଟସରେ ଭୁଲ ବର୍ଗୀକରଣ, ବିଫଳ କାରବାର ତ୍ରୁଟି ସୁଧାର ଉପରେ ମଧ ଆଲୋଚନା ହୋଇଛି। କର୍ମଶାଳାରେ ବରିଷ୍ଠ ଉପମହାଲେଖାକାର ଶ୍ରୀରାଜ ଅଶୋକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ, ଯୁଗ୍ମ ସଚିବ ଅନୀଲ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଉପ ମହାଲେଖାକାର (ଆକାଉଣ୍ଟସ୍) ବିକାଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ରାସ୍ତାପାର୍ଶ୍ୱ ଚାରା



**ବରଗଡ଼,୨୬।୨(ସଂଚାର ବ୍ୟୁରୋ):** ବରଗଡ଼-ବରପାଲି ରାସ୍ତାର ବେହେରା କପଡ଼ା ବଜାର ନିକଟରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ରାସ୍ତାପାର୍ଶ୍ୱ ଥିବା ୫୦ରୁ ଊର୍ଦ୍ଧ୍ୱ କିସମର ଚାରା ନଷ୍ଟ ହୋଇଯାଇଛି। ଏହାକୁ ନେଇ ପରିବେଶପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ନିକଟସ୍ଥ ଧାନକ୍ଷେତ ନଡ଼ା ଜାଳିବାକୁ କେହି ନିଆଁ ଲଗାଇ ଦେଇଥିଲେ। ତେବେ ସେହି ନିଆଁ ବେହେରା କପଡ଼ା ବଜାର ନିକଟ ରାସ୍ତାପାର୍ଶ୍ୱକୁ ବ୍ୟାପିଥିଲା। ଫଳରେ ରାସ୍ତାପାର୍ଶ୍ୱରେ ଲଗାଯାଇଥିବା ବିଭିନ୍ନ କିସମର ଚାରା ଜଳିଯାଇଥିଲା। ଆଉକିଛି ଚାରା ଝାଉଁଳି ପଡ଼ିଛି। ନିଆଁ ବ୍ୟାପୁଥିବା ଦେଖି ଖୁଣ୍ଟପାଲି ଗ୍ରାମର ସ୍ୱେଚ୍ଛାସେବୀ ଦିବାକର ମାଝି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ନିଆଁ ଅନେକ ଜାଗାକୁ ପରିବ୍ୟାପ୍ତ ହେବା ସହିତ ରାସ୍ତାପାର୍ଶ୍ୱ ଚାରାଗୁଡ଼ିକୁ ନଷ୍ଟ କରି ସାରିଥିଲା।

❖ମୁଖ୍ୟମନ୍ତ୍ରୀଙ୍କ ସହ ନଦୀ ସଙ୍ଗଠନ ପ୍ରତିନିଧିମଣ୍ଡଳୀର ଆଲୋଚନା

# ନଦୀ ନୀତି ଓ ମିଶନ୍ ଗଠନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ଆଜି ମହାନଦୀ ବଞ୍ଚାଅ ଆନ୍ଦୋଳନ, ଦୟା ସୁରକ୍ଷା ଅଭିଯାନ, ଚିଲିକା ବଞ୍ଚାଅ ଅଭିଯାନ, ନିର୍ମଳ ଦୟା, ଓଡ଼ିଶା ନଦୀ ସୁରକ୍ଷା ସମିତି, ଓଡ଼ିଶା ପରିବେଶ ସମିତି

- ଦୟା ସମେତ ସମସ୍ତ ନଦୀକୁ ପ୍ରଦୂଷଣମୁକ୍ତ ପାଇଁ ନିବେଦନ
- ଗଙ୍ଗୁଆକୁ ନଦୀ ମାନ୍ୟତା ଦାବି
- ମହାନଦୀ ଜଳ ବିବାଦରେ ବିକଳ୍ପ ପନ୍ଥା ପାଇଁ ପରାମର୍ଶ

ଆଦି ସଂଗଠନର ଆବାହକମଣ୍ଡଳୀର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ପ୍ରତିନିଧିମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦୟା, ଗଙ୍ଗୁଆ, ମହାନଦୀ ଓ ଚିଲିକା ସୁରକ୍ଷା ପାଇଁ ଏକ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି।

ଆଲୋଚନା ସମୟରେ ଦୟା ନଦୀ ପାଣିର ପ୍ରଦୂଷିତ ମାତ୍ରା ଅତ୍ୟନ୍ତ ଗମ୍ଭୀର ହୋଇଥିବା ବେଳେ ପୁରୀ ଜିଲ୍ଲାର କଣାସ ଅଞ୍ଚଳରେ ଏହା ହଇଜାର ପ୍ରମୁଖ କାରଣ ହୋଇଥିଲା, ଯାହା ୭ ଜଣଙ୍କ ଜୀବନ ନେଇଥିଲା। ରାଜଧାନୀର ସମସ୍ତ ବର୍ଜ୍ୟଜଳ ଗଙ୍ଗୁଆରେ ମିଶୁଥିବାରୁ ଏହା ଦୟାକୁ ପ୍ରଦୂଷିତ କରିଛି। ଦୟାର ପ୍ରଦୂଷିତ ଜଳ ମଧ୍ୟ ଚିଲିକାକୁ ପ୍ରଦୂଷିତ କରୁଥିବାରୁ ତୁରନ୍ତ ରାଜ୍ୟ ସରକାର ଗଙ୍ଗୁଆ ଓ ଦୟାକୁ ପ୍ରଦୂଷଣ ମୁକ୍ତ କରିବା ସହ ଦୟା ଓ ଏହାର ଶାଖା ମକରା, ରାଜୁଆ, ଲୁଣା ଆଦି ନଦୀର ପୁନରୁଦ୍ଧାର, ଜବରଦଖଲ ମୁକ୍ତ, ଦଳ ନିଷ୍କାସନ ଓ ବେଆଇନ ବସା/ ଘେରି ଉଚ୍ଛେଦ କରିବା ସକାଶେ ଦାବି ହୋଇଛି। ଏଥିସହ ଦୟା ଓ ଚିଲିକା ମୁହାଣ ଖନନ ଏବଂ ବଙ୍ଗୋପସାଗରେ ତ୍ରିବେଣୀ ସଙ୍ଗମର ପୁନରୁଦ୍ଧାର ଯୋଗୁଁ ଦୟା କୂଳରେ ବସବାସ କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ପାନୀୟ ଜଳ ସଙ୍କଟ ଭୋଗୁଛନ୍ତି। ସେମାନଙ୍କ ପାଇଁ ଯଥାଶୀଘ୍ର ବିକଳ୍ପ ପାନୀୟ ଜଳ ବ୍ୟବସ୍ଥା ପାଇଁ



ସେମାନେ ନିବେଦନ କରିଛନ୍ତି।

ସେହିପରି ସହରର ସମସ୍ତ ବର୍ଜ୍ୟଜଳ କୌଣସି ନଦୀକୁ ନ ଛାଡ଼ିବା ଦିଗରେ ପଦକ୍ଷେପ ନେବା ସହ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏଥିସହ ଗଙ୍ଗୁଆର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯିବା ସହ ଏହାକୁ ନଦୀ ମାନ୍ୟତା ପ୍ରଦାନ, ଚିଲିକା ଉପରେ ପ୍ରସ୍ତାବିତ ପୋଲ ପୋଲ ଏହାର ଜୈବ ବିବିଧତା ପ୍ରତି ବିପଦ ଆଶଙ୍କା ଥିବାରୁ ଏଥିପାଇଁ ପରିବେଶବିତମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି।

ଏଥିସହ ଦୀର୍ଘଦିନ ଧରି ଚାଲିଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଉପରେ ଭରସା ନ କରି ବିକଳ୍ପ ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷକରି ସମ୍ପ୍ରତି ଓଡ଼ିଶା ଓ ଛତିଶଗଡ଼ରେ ବିଜେପି କ୍ଷମତାରେ ଥିବାରୁ ଏହାର ଫାଇଦା ନେଇ ରାଜ୍ୟ ସରକାର ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେବାକୁ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ପରାମର୍ଶ ଦେଇଛନ୍ତି। ତା'ଛଡ଼ା ରାଜ୍ୟର ସମସ୍ତ ନଦୀଗୁଡ଼ିକର ଜଳକୁ ପ୍ରଦୂଷଣମୁକ୍ତ ରଖିବା ସହ ଶୋଷଣରୁ ରକ୍ଷା କରିବା ଦିଗରେ ପଦକ୍ଷେପ ଜରୁରୀ। ନଚେତ୍ ଆଗାମୀ ଦିନରେ ଜଳସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ। ତେଣୁ ରାଜ୍ୟ ସରକାର ତୁରନ୍ତ 'ନଦୀ ନୀତି' ସହ ବିଭିନ୍ନ ନଦୀର ପୁନଃରୁଦ୍ଧାର ପାଇଁ 'ନଦୀ ମିଶନ' ଗଠନ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି।

ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ପ୍ରସ୍ତାବ ଉପରେ ଦୃଷ୍ଟି ଦେବା ସହ ବିହିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ସୂଚନା ଦେଇଛନ୍ତି। ଏହି ମଣ୍ଡଳୀରେ କୃଷ୍ଣଚନ୍ଦ୍ର ଜଗଦେବ, ସୁଦର୍ଶନ ଦାସ, ସଚିକାନ୍ତ ପ୍ରଧାନ, ଅଶୋକ ପ୍ରଧାନ, ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ପ୍ରସନ୍ନ ବିଷୋୟୀ, ଆଦିକନ୍ଦ ଶ୍ରୀଚନ୍ଦନ ପ୍ରମୁଖ ସାମିଲ ହୋଇଥିଲେ।

# ଲୋକନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ଼



**ପୁରୀ,୨୬।୨(ସଂଚାର ବ୍ୟୁରୋ):** ଆଜି ପବିତ୍ର ମହାଶିବରାତ୍ରୀ ତଥା ଜାଗର । ଆଜିର ଦିନରେ ଦେବ ଦେବ ମହାଦେବଙ୍କୁ ନିଷ୍ଠାର ସହ ଜାଗର ଦୀପ ଜାଳି ଆରାଧନା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ଏହି ଅବସରରେ ପୁରୀର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଲୋକନାଥଙ୍କ ମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ ଲାଗିଛି । ମନ୍ତ୍ର ଧ୍ୱନୀରେ ପ୍ରକମ୍ପିତ ହେଉଛି ପରିବେଶ । ଶାନ୍ତି ଶୃଙ୍ଖଳାରେ ଦର୍ଶନ ଚାଲିଥିବା ବେଳେ ରାତି ୩ ଟାରେ ଉଠିବ ମହାଦୀପ। ସେପଟେ ଶାନ୍ତି ଶୃଙ୍ଖଳାରେ ପ୍ରଭୁ ଲୋକନାଥଙ୍କ ଦର୍ଶନ ପାଇଁ ପୁରୀ ପୋଲିସ୍ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି । ଏନେଇ ଲୋକନାଥ ମନ୍ଦିରର ସଦସ୍ଯ ତଥା ମ୍ୟାନେଜର ଅପୋଚ କୁମାର ପରିଡ଼ା କହିଛନ୍ତି," ରାତ୍ର ୧୨ଟା ପରେ ଦ୍ୱାର ଫିଟା ନୀତି ପରେ ଶ୍ରୀଜିଉଙ୍କ ମଙ୍ଗଳ ଆଳତୀ, ଅବକାଶ ନୀତି, ସକାଳ ଧୂପ ନୀତି ହୋଇଥିଲା। ରାତି ୨ଟାରୁ ଭକ୍ତମାନେ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରୁଛନ୍ତି। ଏହା ଆଜି ରାତି ୧୧ ଟା ଯାଏ ଚାଲିବ। ରାତି ୨ଟାରୁ ୩ଟା ଭିତରେ ହରିହର ଭେଟ ଏବଂ ୩ଟା ପରେ ମହାଦୀପ ଉଠିବା ପାଇଁ ସ୍ଥିର ହୋଇଛି ।" ଭକ୍ତମାନେ ଧାଡ଼ିରେ ଶୃଙ୍ଖଳିତ ଭାବେ ମନ୍ଦିରକୁ ପ୍ରବେଶ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଛି ହୋଇଛି । ସେହିପରି ପ୍ରଭୁ ଲୋକନାଥଙ୍କୁ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମଧ ଟିକେଟ ବ୍ୟବସ୍ଥା କରାଯାଇଛି। ଯେଉଁ ଭକ୍ତ ଚାହିଁବେ ୧୦୦ ଟଙ୍କା ଟିକେଟ କରି ସ୍ୱତନ୍ତ୍ର ଲାଇନରେ ମନ୍ଦିରକୁ ପ୍ରବେଶ କରି ପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ । ମହିଳା ଭକ୍ତଙ୍କ ସୁରକ୍ଷା ପାଇଁ ମହିଳା ପୋଲିସ ମୁତୟନ କରାଯାଇଛି । ଚୋରି, ଛିନତାଇ ରୋକିବାକୁ ସାଧା ପୋଷାକରେ ପୋଲିସ କର୍ମଚାରୀଙ୍କୁ ଲୋକନାଥ ମନ୍ଦିର ଭିତରେ ମୁତୟନ କରାଯାଇଛି । ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳ ବ୍ୟବସ୍ଥା ହୋଇଛି ।

# ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗରେ ପରିବାର ଲୋକଙ୍କ ରାସ୍ତାରୋକ

**କଟକ,୨୬।୨(ସଂଚାର ବ୍ୟୁରୋ):** ଜନୈକ ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଆଠଗଡ଼ ଖୁଣ୍ଟୁଣୀ ରାଣୀବଣିଆସ୍ଥିତ ଆଦର୍ଶ କାରାଗାରରେ ଏପରି ଏକ ଅଘଟଣ ଘଟିଛି। ମୃତକ ଜଣଙ୍କ ତିଗିରିଆ ଥାନା ଅନ୍ତର୍ଗତ ପଙ୍କାଳ ଗାଁର ତୟାବ ଖାଁ ବୋଲି ଜଣାପଡ଼ିଛି। କିଛି ଦିନ ତଳେ ଏକ ମାମଲାରେ ଗିରଫ ହୋଇ ତୟାବ୍ ରାଣୀବଣିଆ କାରାଗାରରେ ରହିଥିଲେ। ଆଜି ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିବା ପରେ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ ନ କରିବା ସହ ତୟାବ୍‌ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସେହିପରି ପରିବାର ଲୋକେ ଆଠଗଡ଼ ଖୁଣ୍ଟୁଣୀ- ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥକୁ ପଙ୍କାଳ ଛକ ନିକଟରେ ଅବରୋଧ କରିଛନ୍ତି। ଏପରିକି ସେମାନେ ଆମ୍ବୁଲାନ୍ସକୁ ମଧ୍ୟ ଛାଡ଼ିନାହାନ୍ତି। ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ତିଗିରିଆ ପୁଲିସ୍ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ତୟାବ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କାରାଗାର କର୍ତ୍ତୃପକ୍ଷ ଆଠଗଡ଼ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ତୟାବ୍‌ଙ୍କ ମୃତ୍ୟୁକୁ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ ଏହାର ବିଧିବଦ୍ଧ ତଦନ୍ତ ଦାବି କରିଛନ୍ତି।



# ସୈନିକ ସ୍କୁଲ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ

### ଏକାଠି ହେଲେ ଗ୍ରାମବାସୀ ଓ ଅଭିଭାବକ

**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ସୈନିକ ସ୍କୁଲ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ କରିବା ସହ ଏହା ବିରୋଧରେ ଏକାଠି ହୋଇଛନ୍ତି ସ୍ଥାନୀୟ ଗାଡ଼କଣ ଗ୍ରାମବାସୀ, ସୈନିକ ସ୍କୁଲ ଅଭିଭାବକ ସଂଘ ଓ ଓଡ଼ିଶା ଅଭିଭାବକ ସଂଘ। 'ସୈନିକ ସ୍କୁଲ ବଞ୍ଚାଅ' ଅଭିଯାନ ଅଧୀନରେ ଆଜି ସ୍ଥାନୀୟ ଦାଶରାଜା ମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇ ଅଭିଯାନର ଆଗାମୀ ରଣନୀତି ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ତେବେ ନିକଟ ଅତୀତରେ ସ୍ଥାପିତ ଏକ ଡମ୍ପିଂୟାର୍ଡ ପାଇଁ ୧୯୬୨ରୁ ରାଜ୍ୟର ଗୌରବ ବଢ଼ାଇବା ସହ ବହୁସଂଖ୍ୟକ ସେନାଧିକାରୀ, ପ୍ରଶାସନିକ ଅଧିକାରୀ ଓ ରାଜନେତା ସୃଷ୍ଟି କରିଥିବା ସୈନିକ ସ୍କୁଲ ସ୍ଥାନାନ୍ତରକୁ ସବୁ ମହଲରେ ବିରୋଧ କରାଯାଉଛି।

ଡମ୍ପିଂୟାର୍ଡ଼ ହଟାଇବା ପାଇଁ ଏକଦା ବିଜେପି ଏଠାରେ ସତ୍ୟାଗ୍ରହ କରିଥିଲା। କିନ୍ତୁ ଆଜି ଡମ୍ପିଂୟାର୍ଡ ନ ହଟାଇ ସୈନିକ ସ୍କୁଲକୁ ହଟାଇବାକୁ ନିଆଯାଇଥିବା




ନିଷ୍ପତ୍ତି କାହା ସ୍ୱାର୍ଥରେ ବୋଲି ଗାଡ଼କଣ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏପରିକି ଯଦି ସରକାର ଏପରି ନିଷ୍ପତ୍ତିରୁ ନ ଓହରନ୍ତି, ତା'ହେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତାବନୀ ମଧ୍ୟ ଦେଇଛନ୍ତି। ତେଣୁ ଏବେ ପ୍ରଶ୍ନ ଉଠୁଛି ଯେ କାହା ପାଇଁ ସୈନିକ ସ୍କୁଲକୁ ଏଠାରୁ ଅନ୍ୟତ୍ର ଉଠାଇନେବା ସକାଶେ ଉଦ୍ୟମ ହେଉଛି ?

ଏନେଇ ସୈନିକ ସ୍କୁଲର ଜନୈକ ପୂର୍ବତନ ଶିକ୍ଷକ କହିଛନ୍ତି ଯେ ଏଠି ଦିନେ ଜଙ୍ଗଲ ଥିଲା। ଜଙ୍ଗଲ ଭିତରେ ସୈନିକ ସ୍କୁଲ୍ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଭୁବନେଶ୍ୱର ସୈନିକ ସ୍କୁଲ ଭାରତୀୟ ସେନାକୁ ପ୍ରାୟ ୭୦୦ ସେନା ଅଧିକାରୀ ଦେଇସାରିଛି। ୧୦ରୁ ଅଧିକ ଲେଫ୍ଟନାଣ୍ଟ ଜେନେରାଲ ପାହ୍ୟା ଅଧିକାରୀ ମଧ୍ୟ ଏହି ସ୍କୁଲ୍‌ର ପୂର୍ବତନ ବିଦ୍ୟାର୍ଥୀ। ଆଜି ଏହି ସ୍ଥାନ ସହରୀକରଣରେ କେନ୍ଦ୍ରସ୍ଥଳ ପାଲଟିଯିବା ପରେ ଏହାକୁ ୩୦ କିମି ଦୂରକୁ ଫିଙ୍ଗି ଦିଆଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ସ୍ଥାନକୁ ସୈନିକ ସ୍କୁଲ୍ ସ୍ଥାନାନ୍ତର କରାଯାଉଛି, ଆଗାମୀ ଦିନରେ ସେଠାରେ ମଧ୍ୟ ସହର ଗଢ଼ି ଉଠିବ। ସେତେବେଳେ ପୁଣି ଥରେ ସୈନିକ ସ୍କୁଲକୁ ଆଉ କେଉଁଠିକି ଫିଙ୍ଗିଦିଆଯିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସୈନିକ ସ୍କୁଲ ଛାତ୍ରଛାତ୍ରୀ ଓ କ୍ୟାଡେଟଙ୍କୁ ଫୁଟବଲ୍ ଭଳି କିକ୍ କରିବାକୁ ଚାହୁଁଛନ୍ତି। ତେଣୁ ସରକାର ତାଙ୍କ ନିଷ୍ପତ୍ତିର ଆଉ ଥରେ ପୁନର୍ବିଚାର କରନ୍ତୁ। ନଚେତ୍ ଏକ ସାମାନ୍ୟ ଡମ୍ପିଂୟାର୍ଡ ପାଇଁ ଯଦି ସୈନିକ ସ୍କୁଲକୁ ହଟାଯାଉଛି, ଗନ୍ଧ ହେଉଥିବା କାରଣରୁ ଆଗକୁ ଆଉ କାହା କାହାକୁ ଉଠାଇବେ ? ଏମିତି ହେଲେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ବି ହଟାଇବାକୁ ପଡ଼ିବ ବୋଲି ଉକ୍ତ ପୂର୍ବତନ ଶିକ୍ଷକ ଜଣଙ୍କ କହିଛନ୍ତି। ଏପରି ସ୍ଥିତିରେ ସୈନିକ ସ୍କୁଲ ସ୍ଥାନାନ୍ତର ପ୍ରସ୍ତାବ ପ୍ରସଙ୍ଗରେ ସରକାର କି ନିଷ୍ପତ୍ତି ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ମାର୍ଚ୍ଚ ୮ରୁ ପୁଲିସ ଏସ୍‌ଆଇ ପରୀକ୍ଷା

**କଟକ,୨୬।୨(ସଂଚାର ବ୍ୟୁରୋ)-** ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଦ୍ୱାରା ପରିଚାଳିତ ପୋଲିସ ଏସ୍‌ଆଇ ପରୀକ୍ଷା ଆସନ୍ତା ମାର୍ଚ୍ଚ ୮ ଓ ୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲାରେ ପୋଲିସ ଏସ୍‌ଆଇ ଓ ତତ୍ତୁଲ୍ୟ ପଦବୀ ନିମନ୍ତେ ଏହି ପରୀକ୍ଷା ଓଏମ୍‌ଆର୍ ସିଟ୍ ମାଧ୍ୟମରେ କରାଯିବ। ଏଥିପାଇଁ ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ https://odishapolice.gov.in ୱେବ୍‌ସାଇଟ୍‌ରେ ଆସନ୍ତା ୧ରୁ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ନିଜର ୟୁଜର ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିବା ସହ ପରୀକ୍ଷା ଓ ପରୀକ୍ଷା କେନ୍ଦ୍ର ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପାଇପାରିବେ। ସୂଚନାଯୋଗ୍ୟ, ଓଡ଼ିଶା ପୋଲିସରେ ୯୩୩ ପଦବୀ ପାଇଁ ପରୀକ୍ଷା ହେବା ନିମନ୍ତେ ଗତ ଜାନୁଆରୀ ୧୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଓମଫେଡ କ୍ଷୀର ଦର ନ ବଢ଼ିଲେ ସଂସ୍ଥା ବୁଡ଼ିବ!

**ଭୁବନେଶ୍ୱର,୨୬।୨:** ଓମଫେଡ୍ କର୍ତ୍ତୃପକ୍ଷ ଗୋଟିଏ ଲିଟର କ୍ଷୀରରେ ୧୭ରୁ ୨୧ ଟଙ୍କା ପର୍ଯ୍ୟନ୍ତ ଅଧିକ ପାଉଥିବାବେଳେ ଚାଷୀମାନଙ୍କ ଦାବିକୁ କିନ୍ତୁ ଦୀର୍ଘଦିନ ହେଲା ମାନୁନାହାନ୍ତି। କ୍ଷୀର ଲିଟର ପିଛା ଚାଷୀଙ୍କୁ ଅତି କମ୍‌ରେ ୫ ଟଙ୍କା ଅଧିକ ପ୍ରଦାନ ନକଲେ ରାଜ୍ୟରେ ବହୁ ଚାଷୀ ଦୁଗ୍ଧ ଚାଷରୁ ମୁହଁ ଫେରାଇନେବେ ଓ ଓମଫେଡ୍ ବୁଡ଼ିଯିବ ବୋଲି ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଚେତାଇ ଦିଆଯାଇଛି।

ଦୁଗ୍ଧଚାଷୀ ମହାସଂଘର ସଭାପତି ରବି ବେହେରା କହିଛନ୍ତି ଯେ ବଜାରରେ ଅନ୍ୟାନ୍ୟ ଖାଉଟି ସାମଗ୍ରୀ ସହ ତାଳଦେଇ ଗୋଖାଦ୍ୟର ଦର ବଢ଼ି ବଢ଼ି ଚାଲିଛି। ଦୁଗ୍ଧଚାଷୀମାନେ ବାଧ୍ୟ ହୋଇ ଅଧିକ ଦରରେ କୁଣ୍ଡା, ଚୋକଡ଼, ଚୁନି ଆଦି ଖରିଦ କରୁଛନ୍ତି। ଅନ୍ୟ ରାଜ୍ୟରୁ ଏଗୁଡ଼ିକ ଆମଦାନୀ ହେଉଥିବାରୁ ଗାଡ଼ିଭଡ଼ା ବାବଦରେ ଚାଷୀମାନେ ବିପୁଳ ଅର୍ଥ ଗଣୁଛନ୍ତି। କେବଳ ଗୋଖାଦ୍ୟ ନୁହେଁ, ଗାଈଗୋରୁମାନଙ୍କର




ଔଷଧ, ଇଞ୍ଜେକସନ, ଭିଟାମିନ୍ ଆଦିର ଦର ମଧ୍ୟ ବଢ଼ି ଚାଲିଛି।

ହେଲେ ଓମ୍‌ଫେଡ୍ ସଂଗ୍ରହ କରୁଥିବା କ୍ଷୀରର ଦର ବଢ଼ାଉନାହିଁ। ବର୍ତ୍ତମାନ ଓମଫେଡ୍ ଚାଷୀଙ୍କୁ ଲିଟର ପ୍ରତି ୩୫ ଟଙ୍କା ୫ ପଇସା ଦରରେ କ୍ଷୀର କିଣୁଥିବା ବେଳେ ତାହାକୁ ସର୍ବାଧିକ ଲିଟର ପ୍ରତି ୫୬ ଟଙ୍କା ଦରରେ ବିକ୍ରି କରୁଛି। ଏଥିସହ ବିଭିନ୍ନ କିସମର କ୍ଷୀର ଲିଟର ବଜାରରେ ୪୬ରୁ ୫୨ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛି। କ୍ଷୀର ବ୍ୟତୀତ ଓମଫେଡ୍ ଅନ୍ୟାନ୍ୟ କ୍ଷୀରଜାତ ପଦାର୍ଥ ଯଥା ବସାଦହି, ଘୋଳଦହି, ଛେନାପୋଡ଼, ପେଡ଼ା, ଘିଅ ଆଦି ବିକୁଛି। ଏଥିରୁ ମଧ୍ୟ ଢେର ଲାଭ କମାଉଛି।

ହେଲେ ରାଜ୍ୟର ଚାଷୀମାନେ ଦୀର୍ଘଦିନରୁ କ୍ଷୀର ଲିଟର ପ୍ରତି ଅତି କମ୍‌ରେ ୫ ଟଙ୍କା ବଢ଼ାଇବା ପାଇଁ କରୁଥିବା ଦାବିକୁ ଓମଫେଡ୍ ଅଣଦେଖା କରିବାରେ ଲାଗିଛି। ଓମଫେଡ୍‌ର ଏଭଳି ମନୋଭାବ ଯୋଗୁଁ ଗାଁଗହଳର ଦୁଗ୍ଧଚାଷୀମାନେ ଏବେ ଲାଭ ପରିବର୍ତ୍ତେ କ୍ଷତି ସହିବାରେ ଲାଗିଛନ୍ତି। କେତେକ ଚାଷୀ ଯେହେତୁ ଏହି ପେସାକୁ ଆପଣେଇଛନ୍ତି, ତେଣୁ ବାଧ୍ୟ ହୋଇ ଓମଫେଡ୍‌କୁ କ୍ଷୀର ଦେଉଛନ୍ତି।

ଓମଫେଡ୍ ସହ ବଜାରରେ ଅନ୍ୟାନ୍ୟ କ୍ଷୀର ସଂଗ୍ରହକାରୀ ସଂସ୍ଥା ଅଛନ୍ତି, ଯେଉଁମାନେ ଓମଫେଡ୍ ତୁଳନାରେ ଲିଟର ପିଛା ଅଧିକ ୪ରୁ ୮ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରୁଛନ୍ତି। ଫଳରେ ଓମଫେଡ୍‌ର ଦୁଗ୍ଧଚାଷୀମାନେ ଏବେ ଘରୋଇ ସଂସ୍ଥାମୁହାଁ ହେବାରେ ଲାଗିଛନ୍ତି। ମହାସଂଘର ଦାବି ମୁତାବକ ଯଦି ଓମଫେଡ୍ କର୍ତ୍ତୃପକ୍ଷ ଦୁଗ୍ଧର ସର୍ବନିମ୍ନ ଦର ୪୦ ଟଙ୍କା ନ କରନ୍ତି, ତା'ହେଲେ କେବଳ ଚାଷୀମାନେ କ୍ଷତିଗ୍ରସ୍ତ ହେବେନାହିଁ, ସରକାରଙ୍କର ଲାଭଜନକ ସଂସ୍ଥା ଓମଫେଡ୍ ମଧ୍ୟ ଧୀରେ ଧୀରେ ଦୁର୍ବଳ ହୋଇ ବନ୍ଦ ହୋଇଯିବ ବୋଲି ଶ୍ରୀ ବେହେରା ଚେତାଇ ଦେଇଛନ୍ତି। (ତଥ୍ୟ)

## ଉତ୍କଳ ବିଶ୍ୱବିଦ୍ୟାଳୟର ମିଟ୍ ଦି ଆଲୁମ୍‌ନି କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ଦୃଢ଼ ଇଚ୍ଛାଶକ୍ତି ଓ ନିରନ୍ତର ସାଧନା ଦ୍ୱାରା ନିଜ ସ୍ୱପ୍ନକୁ ସାକାର କରିହେବ। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଗୁରୁ ପଦ୍ମଶ୍ରୀ କୁମକୁମ୍ ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ମିଟ ଦି ଆଲୁମିନି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ମତ ଦେଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଓ ଆଲୁମ୍ନି କନେକ୍ଟର ଯୌଥ ପ୍ରୟାସରେ ଅଷ୍ଟାଦଶ 'ମିଟ୍ ଦି ଆଲୁମ୍‌ନି' କାର୍ଯ୍ୟକ୍ରମ ସ୍ନାତକୋତ୍ତର ପରିଷଦ ହଲରେ ଆୟୋଜିତ ହୋଇଥିଲା। ଏଥିରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟଶିଳ୍ପୀ ତଥା ଗୁରୁ ପଦ୍ମଶ୍ରୀ କୁମକୁମ ମହାନ୍ତି ଯୋଗଦେଇ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନିଜ ଜୀବନର ବହୁ ମହାର୍ଘ ଅଭିଜ୍ଞତା ବାଣ୍ଟିଥିଲେ। ଓଡିଶୀ ନୃତ୍ୟ କ୍ଷେତ୍ରରେ ସଫଳତା ପଛରେ ତାଙ୍କର ନୃତ୍ୟକୁ ଭଲ ପାଇବା,ନିଷ୍ଠା ଓ ସାଧନା ଥିଲା ବୋଲି ସେ କହିଥିଲେ।

# ସାହିତ୍ୟିକ ସତ୍ୟନାରାୟଣ ନନ୍ଦଙ୍କ ପରଲୋକ



**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ବିଶିଷ୍ଟ ସାହିତ୍ୟିକ, ପ୍ରାବନ୍ଧିକ, କବି ତଥା ଅନୁବାଦକ ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କର ଆଜି ବାଲେଶ୍ୱର ଜିଲ୍ଲାର ରାଜ ନୀଳଗିରିସ୍ଥିତ ତାଙ୍କ ବାସଭବନଠାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ୧୯୪୩ ସେପ୍ଟେମ୍ବର ୬ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ବାଲେଶ୍ୱରର ଫକୀରମୋହନ କଲେଜରୁ ଇଂରାଜୀ ସମ୍ମାନରେ ସ୍ନାତକ ପାସ୍ କରିବା ପରେ ୧୯୬୬ରେ ଶ୍ରୀ ନନ୍ଦ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ଏମଏ ପାସ୍ କରିଥିଲେ। ଓଡ଼ିଆ ସାହିତ୍ୟ ଜଗତରେ ସେ ଜଣେ ସାରସ୍ୱତ ସାଧକ ଭାବେ ପରିଚିତି ଲାଭ କରିଥିଲେ। ତାଙ୍କ ସାହିତ୍ୟ କୃତି ମଧ୍ୟରେ 'ନୀଳ ହଂସର ଜ୍ୱାଳା', 'ଅଧପତନର ଛନ୍ଦ', 'ଶବ୍ଦ ସଙ୍ଗମ ଓ ଅନ୍ୟାନ୍ୟ କବିତା', 'ଜିଅନ୍ତା ଶାଳଗ୍ରାମ', 'ସପ୍ତଦ୍ୱୀପା ବସୁନ୍ଧରା', 'ସନେଟ ସା', 'ହିରଣ୍ୟୟେନ ପାତ୍ରେଣ', 'ବର୍ଷାର ପାଦରେ ନୂପୁର', 'ନକ୍ଷତ୍ର ସଙ୍ଗମ ଓ ଅନ୍ୟାନ୍ୟ କବିତା', 'ଶ୍ରୀରାଧାର ପୂର୍ଣ୍ଣାଙ୍ଗ ଆଲୋଚନା', ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ 'କବି ଅନନ୍ତ ପଟ୍ଟନାୟକ ମନୋଗ୍ରାଫ' ଆଦି ବେଶ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ ପରଲୋକରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏନେଇ ଏକାଡେମୀ ପକ୍ଷରୁ ଜାରି ଏକ ଶୋକବାର୍ତ୍ତାରେ ଶ୍ରୀ ନନ୍ଦଙ୍କ ବିୟୋଗ ଓଡ଼ିଶା ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କୁହାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ଓ କର୍ମକର୍ତ୍ତା ଆଜି କାର୍ଯ୍ୟାଳୟରେ ଶ୍ରୀ ନନ୍ଦଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରଙ୍କ ବିସ୍ମୟ-ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପାଇଁ ମଧ୍ୟ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତିଭଣିକା ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି।



# ମହାକୁମ୍ଭର ସଫଳ ଆୟୋଜନ

ଗତ ଜାନୁଆରୀ ୧୩ରେ ଆରମ୍ଭ ହୋଇଥିବା ପ୍ରୟାଗରାଜ ମହାକୁମ୍ଭ ମେଳା ପବିତ୍ର ମହାଶିବରାତ୍ରିରେ ଉଦଯାପିତ ହୋଇଛି। ପ୍ରତି ୧୨ ବର୍ଷରେ ଥରେ ପ୍ରୟାଗରାଜରେ ଏହି ମହାକୁମ୍ଭ ଆୟୋଜିତ ହୋଇଥାଏ। କିନ୍ତୁ ଏଥର ପ୍ରୟାଗରାଜ ମହାକୁମ୍ଭ ଏକ ସ୍ୱତନ୍ତ୍ର ପରିସ୍ଥିତିରେ ଆୟୋଜିତ ହୋଇଥିଲା। ଦୀର୍ଘ ୧୪୪ ବର୍ଷ ପରେ ଏହି ମାହେନ୍ଦ୍ର ବେଳା ଆସିଥିଲା। ପୁଣି ୧୪୪ ବର୍ଷ ପରେ ଏଭଳି ସୁଯୋଗ ସୃଷ୍ଟି ହେବ। ତେଣୁ ମହାକୁମ୍ଭ-୨୦୨୫ର ସ୍ୱତନ୍ତ୍ରତା ରହିଛି। ଏଥିଲାଗି ଦୀର୍ଘ ଦିନ ପୂର୍ବରୁ ଯୁପି ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଥିଲା। ୪୫ ଦିନର ଏହି ମହାକୁମ୍ଭରେ ୬୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ବିଶ୍ୱର ଏହା ହେଉଛି ସବୁଠାରୁ ବଡ଼ ଧାର୍ମିକ ଉତ୍ସବ। ପ୍ରୟାଗରାଜ ମହାକୁମ୍ଭରେ ଏହି ଜନସମାଗମ ଏକ ବିଶ୍ୱରେକର୍ଡ। କେବଳ ଭାରତବାସୀ ନୁହଁନ୍ତି, ବିଦେଶରୁ ମଧ୍ୟ ଅନେକ ଏହି ମହାକୁମ୍ଭ ଦେଖିବାକୁ ଆସିଥିଲେ। କେବଳ ହିନ୍ଦୁ ଧର୍ମାବଲମ୍ବୀ ନୁହଁନ୍ତି, ଅନ୍ୟ ଧର୍ମର ବ୍ୟକ୍ତିମାନେ ମଧ୍ୟ ଏହି ଅଭୂତପୂର୍ବ ଧାର୍ମିକ ସମାବେଶ ଦେଖିବାକୁ ଆସିଥିଲେ। ପ୍ରୟାଗରାଜ ମହାକୁମ୍ଭ ହେଉଛି ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ଆସ୍ଥା ଏବଂ ବିଶ୍ୱାସର ସ୍ଥଳୀ। ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଯେପରି ସମଗ୍ର ମାନବଜାତିର ଆକର୍ଷଣ କେନ୍ଦ୍ର ପାଲଟିଛି, ଠିକ୍ ସେହିପରି ପ୍ରୟାଗରାଜ ମହାକୁମ୍ଭ ସମଗ୍ର ବିଶ୍ୱ ପାଇଁ ଏକ ବିରାଟ ସଭ୍ୟତା ଏବଂ ଐତିହ୍ୟପୂର୍ଣ୍ଣ ଧାର୍ମିକ ସମାବେଶର ପ୍ରତୀକ ପାଲଟିଛି। ମହାକୁମ୍ଭରେ ଅନେକ ବିଶିଷ୍ଟ ବ୍ୟକ୍ତି ବୁଡ଼ ପକାଇଥିଲେ। ସେମାନଙ୍କ ମଧ୍ୟରେ ରାଷ୍ଟ୍ରପତି, ଦେଶର ପ୍ରଧାନମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ବହୁ ବିଶିଷ୍ଟ ମହାକୁମ୍ଭରେ ବୁଡ଼ ପକାଇଛନ୍ତି। କୋଟି କୋଟି ସାଧାରଣ ଜନତା ଶ୍ରଦ୍ଧା ଏବଂ ବିଶ୍ୱାସର ସହ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ଶାନ୍ତି ଶୃଙ୍ଖଳାର ସହ ମେଳା ଆୟୋଜନ କରିବା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ଯୁପି ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା।ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ଦେଶର କୋଣ ଅନୁକୋଣରୁ ପ୍ରୟାଗରାଜକୁ ଅନେକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବ୍ୟବସ୍ଥା ହୋଇଥିଲା। ଅନେକ ପ୍ରୟାଗରାଜକୁ ବିମାନରେ ମଧ୍ୟ ଯାତ୍ରା କରିଛନ୍ତି। ସେମାନଙ୍କ ପାଇଁ ପ୍ରୟାଗରାଜ ବିମାନ ବନ୍ଦର ଗତ ଦେଢ଼ ବର୍ଷ ହେବ ଚଳଚଞ୍ଚଳ ରହିଥିଲା। ସର୍ବାଧିକ ବ୍ୟକ୍ତି ସଡ଼କ ପଥରେ ଆସିଛନ୍ତି। ସେମାନଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାସ୍ତାରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ପାଇଁ ଅନେକ ବ୍ୟବସ୍ଥା ହୋଇଥିଲା। ତଥାପି ପ୍ରୟାଗରାଜକୁ ଆସୁଥିବା ବା ମେଳାରୁ ଫେରୁଥିବା ବଅନେକ ଶ୍ରଦ୍ଧାଳୁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ଦୁଃଖଦାୟକ। ସେହପରିପବିତ୍ର ମୌନି ଅମାବାସ୍ୟାରେ ବୁଡ଼ ପକାଇବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ଯୋଗୁଁ ଅନେକ ପ୍ରାଣ ହରାଇଥିଲେ। ସରକାରୀ ଭାବେ ମୃତକଙ୍କ ସଂଖ୍ୟା ୩୦ ବୋଲି କୁହାଯାଉଥିବା ବେଳେ ବାସ୍ତବରେ ମୃତ୍ୟୁ ସଂଖ୍ୟା ଢେର ଅଧିକ ହେବ ବୋଲି କୁହାଯାଉଛି। ସେହିପରି ଦିଲ୍ଲୀ ରେଳ ଷ୍ଟେସନରେ ମହାକୁମ୍ଭ ଯାତ୍ରୀଙ୍କ ମଧ୍ୟରେ ଦଳାଚକଟାରେ ୧୮ଜଣ ପ୍ରାଣ ହରାଇଛନ୍ତି। ଏସବୁ ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ। କିନ୍ତୁ ଏତେ ବଡ଼ ମେଳା ଆୟୋଜନରେ ଯାହା ବ୍ୟତିକ୍ରମ ରହିଛି, ଯାହା ଅଘଟଣ ଘଟିଛି ତାହା ମେଳାର ବ୍ୟାପକତା ଦୃଷ୍ଟିରୁ କିଛି ନୁହେଁ। ପ୍ରୟାଗରାଜ ମହାକୁମ୍ଭ ସଫଳତାର ସହ ଆୟୋଜନ ଲାଗି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶଂସାର ପାତ୍ର। କିନ୍ତୁ ବିରୋଧୀ ଦଳର କିଛି ନେତା ଜିରାରୁ ଶିରା କାଢ଼ିବା ପରି ସମାଲୋଚତନା କରୁଛନ୍ତି। ଏହା ନିନ୍ଦନୀୟ ଏବଂ ସଂକୀର୍ଣ୍ଣ ରାଜନୀତି। ଏହି ସଫଳତାକୁ ଅନେକ ସହ୍ୟ କରିପାରୁନାହାଁନ୍ତି। ଲାଲୁ ପ୍ରସାଦ ଯାଦବ ଏହାଖୁ ଫାଲତୁ ବୋଲି କହୁଥିବା ବେଳେ ମମତା ବାନାର୍ଜୀ ମହାକୁମ୍ଭକୁ ମୃତ୍ୟୁ କୁମ୍ଭ କହୁଛନ୍ତି। ଯଦି ଅନ୍ୟ କୌଣସି ଧର୍ମର ଏଭଳି ଏକ ସମାବେଶ ହୋଇଥାଆନ୍ତା, ଲାଲୁ, ମମତା ସେମାନଙ୍କ ପ୍ରତି ଏପରି ମନ୍ତବ୍ୟ ଦେବାକୁ ସାହସ କରିନଥାନ୍ତେ। ହିନ୍ଦୁମାନେ ସହନଶୀଳ। ତେଣୁ ସେମାନେ ଏହାର ଫାଇଦା ଉଠାଉଛନ୍ତି।ମହାକୁମ୍ଭ ର ସଫଳତା ନେଇ ବିରୋଧୀ ବିଚଳିତ ହେବାର ଏକ ପ୍ରମୁଖ କାରଣ ହେଲା ଏହା ମାଧମରେ କାଳେ ହିନ୍ଦୁମାନେ ଏକାଠି ହୋଇଯିବେ ଏବଂ ବିଜେପି ଏଥିରୁ ରାଜନୈତିକ ଫାଇଦା ହାସଲ କରିବ। ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ଏହା ଏକ ପ୍ରସଙ୍ଗ ହୋଇପାରେ। କାଳେ ଯୋଗୀ ଆଦିତ୍ୟନାଥ ଏଥିଲାଗି ବାହାବା ନେଇଯିବେ ସେଥିଲାଗି ବିରୋଧୀ ଚିନ୍ତିତ। ଯାହା ବି ହେଉ ପ୍ରୟାଗରାଜ ମହାକୁମ୍ଭର ସଫଳତାର ଶ୍ରେୟ ନିଶ୍ଚିତ ଭାବେ ଯୋଗୀ ଏବଂ ମୋଦିଙ୍କ ସପକ୍ଷରେ ଯିବ। ଏହାକୁ ଗୌଣ କରାଯାଇପାରିବ ନାହିଁ। ୨୦୨୭ରେ ଉତ୍ତରାଖଣ୍ଡରେ ଅର୍ଦ୍ଧମହାକୁମ୍ଭ ଆୟୋଜିତ ହେବାକୁ ଯାଉଛି। ଏଥିଲାଗି ମଧ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରୟାଗରାଜ ମହାକୁମ୍ଭର ସଫଳତା ଏକ ନୂତନ ବାର୍ତ୍ତା ପ୍ରଦାନ କରିଛି। ଏହା ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ବିଶାଳତା ଏବଂ ମହାନତାକୁ ପ୍ରତିଷ୍ଠିତ କରିଛି। ଦେଶବାସୀଙ୍କୁ ଏକତାସୂତ୍ରରେ ବାନ୍ଧି ରଖିବା ନିମନ୍ତେ ଏହି ମେଳାର ସଫଳତା ଅଧିକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛଥି। ମହାକୁମ୍ଭ ବେଳେ କିଛି ଦେଶବିରୋଧୀ ଏବଂ ଆତଙ୍କୀ ସଙ୍ଗଠନ ବଡ଼ ଧରଣର ଅଘଟଣ ବା ବିସ୍ଫୋରଣ କରିବାକୁ ଯୋଜନା କରୁଥିବା ପୂର୍ବରୁ ଗୁଇନ୍ଦା ରିପୋର୍ଟ ଆସିଥିଲା। ଏହାକୁ ଦର୍ଷ୍ଟିରେ ରଖି ପ୍ରୟାଗରାଜ ଏବଂ ଅନ୍ୟାନ୍ୟ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପ୍ରତି ପାଦେ ପାଦେ ଗୁଇନ୍ଦା ବାହିନୀ ମୁତୟନ ହୋଇଥିଲେ। ଖଲିସ୍ତାନୀ ଏବଂ ପାକିସ୍ତାନର ବିଭିନ୍ନ ଆତଙ୍କୀ ସଙ୍ଗଠନର ଯୋଜନା ଏବଂ ଗତିବିଧି ଉପରେ ନଜର ରଖାଯାଇଥିଲା। ଆତଙ୍କବାଦୀଙ୍କ ସବୁ ଷଡ଼ଯନ୍ତ୍ର ବିଫଳ ହୋଇଛି।

# ମହାଶିବରାତ୍ରି ଜାଗର



## ପ୍ରସନ୍ନ କୁମାର ପାଇକରାୟ

ମାଘ ମାସ ଶେଷରେ ଫାଲଗୁନ୍ ମାସର ପ୍ରଥମ କୃଷ୍ଣ ପକ୍ଷର ଯେଉଁ ଚତୁର୍ଦ୍ଦଶୀ ତାକୁ ଶିବରାତ୍ରି କୁହାଯାଏ ବା ଫାଲଗୁନ୍ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ଆଶ୍ରୟ କରି ଯେଉଁ ଅନ୍ଧକାରମୟୀ ରାତ୍ରୀ ଉପସ୍ଥିତ ହୁଏ ତାହା ହିଁ ଶିବରାତ୍ରି ରୂପେ ପରିଚିତ। ଆଧାତ୍ମିକ ଦୃଷ୍ଟିକୋଣରୁ ଦ୍ୱାପରଯୁଗ ଏବଂ କଳିଯୁଗକୁ ରାତ୍ରି ଅଥବା କୃଷ୍ଣ ପକ୍ଷ କୁହାଯାଏ। ଏହି ରାତ୍ରିକୁ ଶିବରାତ୍ରି ବା ଶିବମୟାତ୍ମିକା ରାତି ବୋଲି କୁହାଯାଏ। ଈଶାନ୍ ସଂହିତାର ବର୍ଣ୍ଣନାରୁ ଜଣାଯାଏ ଯେ, ଏହି ରାତ୍ରିରେ ଆଶୁତୋଷ ଲିଙ୍ଗ ମୂର୍ତ୍ତି ଭାବରେ ପୃଥିବୀ ପୃଷ୍ଠରେ ଆବିର୍ଭାବ ହୋଇଥୁଲେ। ଚତୁର୍ଦ୍ଦଶୀରେ ଜ୍ୟୋତିର୍ଲିଙ୍ଗ ରୂପେ ପ୍ରକାଶିତ ହୋଇଥିବାରୁ ଏହି ଦିନଟିକୁ ତାଙ୍କର ଜନ୍ମ ଦିବସ ରୂପେ ପାଳନ କରାଯାଏ। ଶିବ ହେଲେ ହିନ୍ଦୁ ଧର୍ମର ପ୍ରମୁଖ ଦେବତା, ଶିବଙ୍କ ଜନ୍ମ ଦିନକୁ ଆମେ ଶିବରାତ୍ରି ରୂପେ ପାଳନ କରୁ। ଶିବରାତ୍ରିକୁ ମହାସମାରୋହରେ ପାଳନ କରାଯାଏ ବୋଲି ଏହା ମହାଶିବରାତ୍ରି ନାମେ ଖ୍ୟାତି। ରାତ୍ରି ଉଜାଗର ଏବଂ ପ୍ରଦୀପ ଜ୍ୱଳନ ପୂର୍ବକ ଏହି ଶିବରାତ୍ରିଟି ପାଳନ କରାଯାଉଥିବାରୁ ଏହାକୁ ଜାଗର ବୋଲି ନାମିତ କରାଯାଇଛି। ଜାଗରଯାତ୍ରା ଓଡ଼ିଶାର ଗଣପର୍ବ। ଶିବ ଶାନ୍ତି ଓ ମୁକ୍ତିର ଦେବତା। ଭଗବାନ ଆଶୁତୋଷ ଶିବଶଙ୍କରଙ୍କର ପର୍ବ ବା ବ୍ରତମାନଙ୍କ ମଧ୍ୟରେ ଶିବରାତ୍ରି ବ୍ରତ ଶ୍ରେଷ୍ଠ ବୋଲି କୁହାଯାଇଅଛି। ଶିବ ପୁରାଣରେ ଦକ୍ଷଯଜ୍ଞ ପ୍ରସଙ୍ଗ ଓ ସତୀଙ୍କ ଶରୀର ବିଷୟରେ ବର୍ଣ୍ଣନା କରାଯାଇଛି। ତପ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି ଉପାସନା ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି। ଏହାକୁ ଶିବଧର୍ମ କୁହାଯାଇଥାଏ। ଶିବ ପୁରାଣ ଅନୁଯାୟୀ ଭକ୍ତିର ତିନୋଟି ସ୍ୱରୂପ ରହିଛି। ମାନସିକ ବା ମନର ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍‌ବାରା ଭକ୍ତି। ଶିବଙ୍କୁ ଚିନ୍ତନ କରି ମନ ଦ୍ୱାରା ଜପ କରିବା, ବଚନ ଏବଂ ପୂଜା ଶରୀର ଦ୍‌ବାରା କରାଯାଇପାରିବ। ବିଷ୍ଣୁ ପୁରାଣ ଓ ବରାହ ପୁରାଣରେ ଶିବ ବିଷ୍ଣୁଙ୍କୁ ଏକତ୍ର ପ୍ରତିପାଦିତ କରାଯାଇଛି। ମତ୍ସ୍ୟପୁରାଣରେ ମଧ ବିଷ୍ଣୁଙ୍କୁ ରୁଦ୍ର ମୂର୍ତ୍ତି ଓ ଶିବଙ୍କୁ ବିଷ୍ଣୁ ରୂପୀନ ଭାବରେ ପରିଚିତ କରାଯାଇଛି। ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଏ। ମହାଦେବ ଆଶୁତୋଷଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧଃସାୟ ଓ ବୈଶିଷ୍ୟାନୁପାତିକ ପରିବେଷଣ ପ୍ରାପ୍ତ ହୁଏ। ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିଙ୍କୁ ଦୁଃଖ ଏବଂ ଦୁର୍ଗତିରୁ ରକ୍ଷା କରିଥାଏ। ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନ ପ୍ରତିଛବି। ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି ଏବଂ ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ। ଦେବ ଦେବ ମହାଦେବ ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ। ଯୋଗରେ ସେ ବିଲୟ ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ୍। ଶିବ ପ୍ରକୃତିର ଅନ୍ୟ ଏକ ସ୍‌ବରୂପ, ଶ୍ରେଷ୍ଠ ଉପାସକ। ପ୍ରକୃତିର ସେ ତାଣ୍ଡବ ପରିବେଶ ଓ ପରମେଶ୍ୱର। ଯାହାଙ୍କ ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ। ଶିବଙ୍କ ବିନା ଜଗତ ଶବ ବା ସ୍ଥାଣୁ ପାଲଟେ। ଶିବ ହିଁ ସକଳ ସୃଷ୍ଟିର ଆଧାର।

ସାରା ସଂସାରରେ ଏକ ମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ। ଶିବ ବିଶ୍ୱ ବ୍ରହ୍ମାଣ୍ଡ ତଥା ସମ୍ପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟ ପ୍ରତୀକ। ଜଗତର ମଙ୍ଗଳ ନିମନ୍ତେ ମହାନ୍ ତ୍ୟାଗୀ ଶିବ ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ଗରଳକୁ ପାନ କରି ସମ୍ପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ। ବିଷ ପାନରେ ମହାଦେବ ଶିବଙ୍କର କଣ୍ଠ ନୀଳ ହୋଇଗଲା, ତେଣୁ ସେ ନୀଳକଣ୍ଠ ନାମରେ ପରିଚିତ ହେଲେ। ମହାଶିବରାତ୍ରି ହିନ୍ଦୁ ଧର୍ମର ଏକ ପ୍ରମୁଖ ପର୍ବ। ମାନବ ଜୀବନର ଅନ୍ଧକାର ରୂପ ଅଜ୍ଞାନତାକୁ ଦୂର କରିବା ନିମନ୍ତେ ଏହି ପର୍ବ ପାଳନ କରାଯାଏ। ମହାଶିବରାତ୍ରିରେ ଯେଉଁ ମନୁଷ୍ୟ ଉପବାସ କରିବା ସହିତ ଏହି ଦିନ ରାତ୍ରିରେ ଚାରି ପ୍ରହରରେ ଶିବଲିଙ୍ଗଙ୍କୁ ଦୁଗ୍ଧ, ଦଧି ,ଘୃତ ଓ ମଧୁ ଦ୍ୱାରା ସ୍ନାନ କରାଇ ଈଶାନ, ଅଘୋର, ବାମଦେବ ଓ ସଦ୍ୟୋଜାତ ସ୍ୱରୂପରେ



ଉପାସନା କରିଥାନ୍ତି ମହାଦେବ ଆଶୁତୋଷ ସନ୍ତୁଷ୍ଟ ହୋଇଥାନ୍ତି। ଶିବରାତ୍ରିରେ ଶିବ ପଞ୍ଚାକ୍ଷର ଓଁ ନମଃ ଶିବାୟଃ ମନ୍ତ୍ର ଜପ କରିବା ଦ୍ୱାରା ଶିବ ଚେତନାର ମଙ୍ଗଳମୟ ପ୍ରଭାବ ଉପଲବ୍ଧ ସହିତ ମନ ପ୍ରାଣ ଶରୀର ପବିତ୍ର ଓ ଆତ୍ମ ଶକ୍ତି ଜାଗ୍ରତ ହୋଇଥାଏ। ଶିବ ଶାନ୍ତି ଓ ମୁକ୍ତିର ଦେବତା। ଶିବ ହେଉଛନ୍ତି ସୃଷ୍ଟି , ସ୍ଥିତି ଓ ପ୍ରଳୟର ଅଧିକାରୀ, ପରଂବ୍ରହ୍ମ ସ୍ୱରୂପ। ସକଳ ଦୁଃଖ - ତାପହାରୀ ଶିବ ହିଁ ସତ୍ୟ ସୁନ୍ଦର। ଶିବ ମୃତ୍ୟୁ ଉପରେ ବିଜୟ ଲାଭ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର କହିଛନ୍ତି ଶିବ ଶଙ୍କର ଅର୍ଥ ମଙ୍ଗଳ। ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବଙ୍କର ପ୍ରିୟ ହେଉଛି ବେଲପତ୍ର, ଫଳରେ ଧାତୁରା ଏବଂ ଫୁଲରେ ଅର୍କ। ଭଗବାନ ଶିବଙ୍କୁ ତେତିଶି କୋଟି ଦେବୀ ଓ ଦେବତାମାନଙ୍କ ଭିତରେ ପ୍ରମୁଖ ଦେବ ରୂପେ ମନାଯାଏ। ସେଥିପାଇଁ ଶିବଙ୍କୁ ଦେବ ଦେବ ମହାଦେବ କୁହାଯାଏ। ମହାଶିବରାତ୍ରି ବ୍ରତ ପାଳନର ପୌରାଣିକ ଦୃଷ୍ଟିକୋଣରୁ ଜଣାଯାଏ ଜମ୍ବୁଦ୍ୱୀପର ଶାସକ ଇକ୍ଷାକୁ ବଂଶୀୟ ରାଜା ଚିତ୍ରକେତୁ ତାଙ୍କ ପତ୍ନୀଙ୍କ ସହିତ ଶିବରାତ୍ରି ପାଳନ କରିବା ଅବସରରେ ଅଷ୍ଟାବକ୍ର ଋଷି ଉପସ୍ଥିତ ହୋଇ ଶିବରାତ୍ରି ବ୍ରତ କାହିଁକି ପାଳନ କରୁଛନ୍ତି ବୋଲି ରାଜାଙ୍କୁ ପ୍ରଶ୍ନ କଲେ। ରାଜା ଚିତ୍ରକେତୁ କହିଲେ, ପୂର୍ବ ଜନ୍ମରେ ମୁଁ ସୁସ୍ୱର ନାମକ ଜଣେ ବ୍ୟାଧ ଥିଲି। ଜଙ୍ଗଲରେ ପଶୁପକ୍ଷୀ ଶିକାର କରି ଜୀବିକା ନିର୍ବାହ କରୁଥୁଲି। ଦିନେ ଶିକାର କରୁ କରୁ ଗଭୀର ଅନ୍ଧାର ହୋଇଗଲା। ସେହି ଅନ୍ଧକାର ମୟ ରାତ୍ରିରେ ରାସ୍ତାଘାଟ ଦିଶିଲା ନାହିଁ। ଜଙ୍ଗଲର ରାତ୍ରିଚର ପ୍ରାଣୀଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଏକ ଗଛ ଉପରକୁ ଚଢ଼ିଗଲି। ଉକ୍ତ ଗଛଟି ଥିଲା ଏକ ବେଲଗଛ। ଘରକୁ ନ ଫେରି ଦୁଃଖରେ ସେହି ଗଛ ଉପରେ କାନ୍ଦି କାନ୍ଦି ରାତ୍ରି ବିତାଇଲି। ସକାଳ ହେବାରୁ ଘରକୁ ଫେରିଲି। ଏହାର କିଛି ଦିନ ପରେ ମୋର ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହେଲା। ମୋର ମୃତ୍ୟୁ ଶରୀରକୁ ଯମଦୂତ ମାନେ ନେଉଥିବା ବେଳେ ଶିବଦୂତ ମାନେ ସେଠାରେ ପହଞ୍ଚି ମୋତେ ଶିବଲୋକ ନେଇଗଲେ। ଏହାର କାରଣ ମୁଁ ସେହି ଅନ୍ଧକାରମୟୀ ଶିବ ଚତୁର୍ଦ୍ଦଶୀର ରାତ୍ରିରେ ବେଲଗଛରେ ରହି ଅଲକ୍ଷ୍ୟରେ ଲୁହ ଢ଼ଳାଇ ଓ ବେଲପତ୍ର ପକାଇ ସେହି ବୃକ୍ଷମୂଳରେ ଥିବା ଏକ ସ୍‌ବୟଂମ୍ଭୁ ଲିଙ୍ଗଙ୍କର ଉପାସନା କରିଥିଲି। ଏଣୁ ମୁଁ ଶିବଲୋକ ପ୍ରାପ୍ତ ହେଲି। ମହାଶିବରାତ୍ରିରେ ଶିବ ସାଧନା ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ। ବିଭିନ୍ନ କିମ୍ବଦନ୍ତୀରେ ମହାଶିବରାତ୍ରିର ମହତ୍ତ୍ୱ ରହିଛି। ଶିବଶଙ୍କର ନିରାକାର, ପରମେଶ୍ୱର ଶିବ ମଙ୍ଗଳମୟ। ସମ୍ଭବତଃ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀଠାରୁ ହିନ୍ଦୁମାନେ ମହାଶିବରାତ୍ରି ପାଳନ ସହ ଜ୍ୟୋତିଲିଙ୍ଗଙ୍କୁ ଦର୍ଶନ କରିଥାନ୍ତି। ଶିବ ପୂଜନର ମୁଖ୍ୟ ପିଣ୍ଡ ହିଁ ଲିଙ୍ଗ ; ଜ୍ୟୋତିଲିଙ୍ଗ। ଭାରତବର୍ଷରେ ଥିବା ୧୨ ଗୋଟି ପ୍ରମୁଖ ଶିବ ମନ୍ଦିରକୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଆଖ୍ୟା ଦିଆଯାଇଛି। ସେଗୁଡ଼ିକ ହେଲା ଗୁଜୁରାଟର ସୌରାଷ୍ଟ୍ରସ୍ଥିତ – ସୋମନାଥ, ଦାରୁକା ବନରେ -ନାଗେଶ୍ୱର, ତାମିଲନାଡୁ ସେତୁ ବନ୍ଧରେ -ରାମେଶ୍ୱର, ଆନ୍ଧ୍ରପ୍ରଦେଶର ଶ୍ରୀଶୈଳମରେ-ମଲ୍ଲିକାର୍ଜୁନ, ମଧ୍ୟପ୍ରଦେଶର ଉଜ୍ଜୟିନୀରେ -ମହାକାଳେଶ୍ୱର , ବିନ୍ଧ୍ୟାଞ୍ଚଳରେ -ଓଁକାରେଶ୍ୱର, ମହାରାଷ୍ଟ୍ରର ପରେଲୀ ଠାରେ -ବୈଦ୍ୟନାଥ, ଡ଼ାକନୀରେ-ଭୀମଶଙ୍କର, ଗୋମତି ତଟରେ-ତ୍ରୈମ୍ବକେଶ୍ୱର, ଦେବ ସରୋବରର ଶିଳାଳୟରେ -ଘୁର୍ଣ୍ଣେଶ୍ୱର, ଉତ୍ତରପ୍ରଦେଶର କାଶୀଠାରେ -ବିଶ୍ୱନାଥ, ହିମାଳଚପ୍ରଦେଶ ହିମାଳୟରେ- କେଦାରନାଥ ପ୍ରମୁଖ ଲିଙ୍ଗ ରହିଛନ୍ତି। ଓଡ଼ିଶାରେ ମଧ ଅନେକ ଶୈବ ପୀଠ ରହିଛି। ଯେପରି ପୁରୀରେ ଶ୍ରୀ ଲୋକନାଥ, ଭୁବନେଶ୍ୱରରେ- ଲିଙ୍ଗରାଜ, ବ୍ରହ୍ମେଶ୍ୱର, କପିଳେଶ୍ୱର, କେଦାରଶ୍ୱର, ଇନ୍ଦ୍ରଶ୍ୱର, ଯମେଶ୍ୱର, ନାଗେଶ୍ୱର, ସିଦ୍ଧେଶ୍ୱର, ମେଘେଶ୍ୱର, କଟକରେ -ଧବଳେଶ୍ୱର, ଗଡ଼ଗଡ଼େଶ୍ୱର, ଭଦ୍ରଖରେ-ବାବା ଆଖଣ୍ଡଳମଣି, କୋରାପୁଟରେ - ଗୁପ୍ତେଶ୍ୱର, ଖୋର୍ଦ୍ଧାରେ - ଧବଳେଶ୍ୱର, ବାଲୁଙ୍କେଶ୍ୱର, ହଟକେଶ୍ୱର ,ବିଶ୍ୱନାଥ, କେଶର କ୍ଷେତ୍ରଭାବେ- ଚଣ୍ଡେଶ୍ୱର, ଇନ୍ଦ୍ରଶ୍ୱର, ସୋମନାଥ, ବିରଜା କ୍ଷେତ୍ରରେ - ସିଦ୍ଧେଶ୍ୱର, ବେଲେଶ୍ୱର, ତ୍ରିଲୋଚନେଶ୍ୱର, ବାଲେଶ୍ୱରରେ-ଚନ୍ଦନେଶ୍ୱର, ପଞ୍ଚୁଲିଙ୍ଗେସ୍ୱର ନୟାଗଡ଼ରେ-ଲଡୁବାବା, କେନ୍ଦୁଝରରେ- ମୁର୍ଗା ମହାଦେବ, ସୁନ୍ଦରଗଡ଼ରେ -ବେଦବ୍ୟାସ, ସୋନପୁରରେ-ସୁବର୍ଣ୍ଣମେରୁ, ଆଠମଲ୍ଲିକରେ-ସିଦ୍ଧେଶ୍ୱର ବାବା ପ୍ରଭୃତି ଶୈବ ପୀଠ ଗୁଡିକରେ ମହାଶିବରାତ୍ରି ମହାଆଡ଼ମ୍ବରରେ ଭକ୍ତି ଓ ନିଷ୍ଠାର ସହ ପାଳିତ ହୋଇଆସୁଛି। ଶିବରାତ୍ରି ପୂଜା ବ୍ରତ ଯେଉଁମାନେ ଠିକ୍ ଭାବରେ କରନ୍ତି ମହାଦେବ ଆଶୁତୋଷ ତାଙ୍କର ମଙ୍ଗଳ କରନ୍ତି। ଏହି ପବିତ୍ର ମହାଶିବରାତ୍ରିରେ ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କରିବା ସହିତ ମହାଦୀପ ଦର୍ଶନ କରି ଜୀବନକୁ ଧନ୍ୟ ମନେ କରିବା। ଓଁ ନମଃ ଶିବାୟଃ।

ରାଜ୍ୟ ସମ୍ପାଦକ
ଓଡ଼ିଶା ସାମ୍ବାଦିକ ସଂଘ
ମୋବାଇଲ୍: ୭୦୦୮ ୯୩୬୩୭୩

# ଶିବମହିମା ଓ ମହାଶିବରାତ୍ରି



## ଡକ୍ଟର ମନୋରଞ୍ଜନ ବିଷୋୟୀ

ଶିବ ଉପାସନା ଆମ ସଂସ୍କୃତିର ଏକ ଉଦାର କଳ୍ପନା। ଶିବ ନିତ୍ୟ ମଙ୍ଗଳକାରୀ। ଶିବ ଯେଉଁ ଭାବଧାରାର ପ୍ରତୀକ; ସେଥିରେ ବିଶ୍ୱମଙ୍ଗଳ ହିଁ ନିହିତ। ସମଗ୍ର ବିଶ୍ୱର କଲ୍ୟାଣକାରୀ, ରକ୍ଷକ ଓ ବିଧାୟକ ଭାବେ ଶିବଙ୍କ ରୂପରେ ବ୍ରହ୍ମା ଓ ବିଷ୍ଣୁଙ୍କ ସମନ୍ୱୟ ଘଟିଛି। ତେଣୁ ସେ ସ୍ୱୟଂ ପରମେଶ୍ୱର। ଏହି ପରମେଶ୍ୱର ଜଗତ୍‌ପିତାଙ୍କ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରତୀକାତ୍ମକ ଲିଙ୍ଗ ରୂପରେ ପ୍ରଚଳିତ। ବସ୍ତୁତଃ ଲିଙ୍ଗ ହେଉଛି ମୁଖ ହସ୍ତାଦି ଅଙ୍ଗ ବିହୀନ ଲମ୍ବ ପ୍ରସ୍ତର ବା ଧାତୁଖଣ୍ଡ ଏବଂ ଏହା ଶକ୍ତି ମଧ୍ୟସ୍ଥ ଗର୍ଭରେ ପ୍ରୋଥିତ। ଶିବଙ୍କ ମୂର୍ତ୍ତି ଲିଙ୍ଗ (ଉପସ୍ଥ) ଏବଂ ପାର୍ବତୀଙ୍କ ପ୍ରତୀକ ଶକ୍ତି (ଯୋନି) ରୂପରେ ପ୍ରତିଷ୍ଠିତ। ଏହି ଉଭୟ ଶକ୍ତିର ମିଳନରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ହୋଇଥିଲା। ଲିଙ୍ଗ ହିଁ ସୃଷ୍ଟିର ପ୍ରତୀକ। ଏହାକୁ କିନ୍ତୁ ସର୍ପ ଆଚ୍ଛାଦିତ କରି ରଖିଥାଏ। ତେଣୁ ପ୍ରତ୍ୟେକ ଶିବଲିଙ୍ଗ ନାଗ ବେଷ୍ଟିତ। ଯାହା ସୃଷ୍ଟିକୁ କାଳ ଆଚ୍ଛାଦନ କରିରଖିବାର ପ୍ରତୀକ। ପ୍ରକୃତପକ୍ଷେ କହିବାକୁ ଗଲେ ଶକ୍ତି ଓ ଶିବଙ୍କୁ ଲିଙ୍ଗ ସ୍ୱରୂପ ପ୍ରତୀକାତ୍ମକ ଉପାସନା ହିଁ ଶିବ ଉପାସନା ପରମ୍ପରା। ଅତଏବ ପ୍ରକୃତି ଓ ପୁରୁଷଙ୍କର ମିଳନାତ୍ମକ ଉପାସନା ହିଁ ଶିବ ଉପାସନା।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଗ୍ ବୈଦିକ ଯୁଗରେ ପ୍ରଜନନ ଓ ଶସ୍ୟ ଉତ୍ପାଦନର ଶକ୍ତିଶାଳୀ ଦେବତା ରୂପେ ଲିଙ୍ଗ ଅନାର୍ଯ୍ୟ ବା ଅଷ୍ଟ୍ରିକ ଗୋଷ୍ଠୀ ଦ୍ୱାରା ପୂଜା ପାଉଥିଲେ। ପରେ ପରେ ଦ୍ରାବିଡ଼ ଗୋଷ୍ଠୀ ଦ୍ୱାରା କୃଷିକ୍ଷେତ୍ର ଓ ପଶୁପାଳନର ଅଧୀଶ୍ୱର ରୂପେ ପୂଜିତ ହେଲେ। ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ମଧ ଏହି ଉଭୟ ସଂସ୍କୃତିର ଲିଙ୍ଗ ଉପାସନାକୁ ଗ୍ରହଣ କରିନେବା ସହ ଏହି ଉପାସନା ପରମ୍ପରାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ। ଋଗ୍ ବେଦରେ 'ଶିବ' ନାମରେ ଉଲ୍ଲେଖ ନଥିଲେ ହେଁ; ଶିବଙ୍କୁ ରୁଦ୍ର ରୂପରେ ବର୍ଣ୍ଣନା କରାଯାଇଛି। ପ୍ରକୃତପକ୍ଷେ କହିବାକୁ ଗଲେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଏହି ଦୁଇ ସଂସ୍କୃତିର ମିଶ୍ରଣରେ ଶୈବ ଉପାସନା ପରମ୍ପରାର ସୃଷ୍ଟି। ଏହି ଉପାସନା ପରମ୍ପରାକୁ ପରବର୍ତ୍ତୀ ସମୟରେ ଅନେକ ପ୍ରଚେତା ପ୍ରଚାର ଓ ପ୍ରସାର ଘଟାଇବା ସହ ଭାରତବର୍ଷର ବାରଗୋଟି ପ୍ରସିଦ୍ଧ ଶିବଲିଙ୍ଗ ଯଥା- ୧. ସୋମନାଥ, ୨. ଶ୍ରୀ ମଲ୍ଲିକାର୍ଜ୍ଜୁନ, ୩. ଶ୍ରୀ ମହାକାଳେଶ୍ୱର, ୪. ଓଁକାରେଶ୍ୱର, ୫. ଶ୍ରୀକେଦାରନାଥ, ୬. ଶ୍ରୀ ଭୀମଶଙ୍କର, ୭. ଶ୍ରୀ ବିଘ୍ନେଶ୍ୱର, ୮. ତ୍ରୈମ୍ବକେଶ୍ୱର, ୯. ବୈଦ୍ୟନାଥ, ୧୦. ନାଗେଶ୍ୱର, ୧୧. ସେତୁବନ୍ଧୁ-ରାମେଶ୍ୱର, ୧୨. ଘୁସ୍ମେଶ୍ୱର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମର୍ଯ୍ୟାଦା ଲାଭ କଲେ। ବିଶେଷ କରି ଗୁପ୍ତଯୁଗରେ ସଂଖ୍ୟାଧିକ ଶିବ ମନ୍ଦିର ନିର୍ମାଣ ଓ ଶିବ ଉପାସନା ଏହି ଶୈବ ପରମ୍ପରାକୁ ସାର୍ବଜନୀନ କରିପାରିଥିଲା। ଏପରିକି ଅନେକ ଶିବମନ୍ଦିରରେ ଲିଙ୍ଗ ଉପାସନା ସହ ଶିବଙ୍କ ମଙ୍ଗଳମୟ ମୂର୍ତ୍ତିକୁ ମଧ ଆରାଧନା କରାଯାଇଥାଏ। ଶିବଙ୍କ ମସ୍ତକରେ ଜଟା ଓ ତହିଁ ଉପରେ ସର୍ପର କିରୀଟ ସହ କୁଣ୍ଡଳ ଓ କଙ୍କଣ ସ୍ଥାନରେ ମଧ ସର୍ପ ଆଭୂଷଣ ଏବଂ ସର୍ବାଙ୍ଗରେ ଭସ୍ମ ତଥା ବ୍ୟାଘ୍ର ଛାଲରେ ବସ୍ତ୍ର ପରିହିତ। ଏହାସହ ଶିର ଉପରେ ପତିତପାବନୀ ଗଙ୍ଗା ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର ଏବଂ ତ୍ରିନେତ୍ର ସୁଶୋଭିତ। ଏହାସହ କଣ୍ଠରେ ରୁଦ୍ରାକ୍ଷ, ହସ୍ତରେ ଡମ୍ବରୁ ଓ ତ୍ରିଶୂଳ। ଏ ପରିପ୍ରେକ୍ଷୀରେ କହିରଖେ ସର୍ପକୁ ଆଭୂଷଣ, କାମନାଶୂନ୍ୟ ଚିତାଭସ୍ମକୁ ବିଭୂତି ଆଖ୍ୟା ପ୍ରଦାନ କରି ସର୍ବାଙ୍ଗରେ ଲେପନ କରିଥିବା ଶିବ ହେଉଛନ୍ତି ଯଥାର୍ଥରେ ତ୍ୟାଗର ପ୍ରତୀକ। ଏପରିକି ତ୍ରିଶୂଳ ଓ ଡମ୍ବରୁ ହେଉଛି ଶସ୍ତ୍ର ଓ ଶାସ୍ତ୍ରର ପରିଚାୟକ। ଏହା ଶିବଙ୍କ ଅନୁଶାସନର ପ୍ରତୀପ। ଭାଲପଟରେ ଶୋଭା ପାଉଥିବା ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣତାର ପରିଚାୟକ।



ଯଥାର୍ଥରେ ଶିବ ଶବ୍ଦର ଅର୍ଥ କଲ୍ୟାଣ। ଜୀବ ଅହର୍ନିଶ ସଭିଙ୍କ କଲ୍ୟାଣ କଲେ ହିଁ ଶିବ ପଦବାଚ୍ୟ ହୋଇଥାଏ। ଫଳତଃ ଶିବ ମହିମାରେ ଆତ୍ମବିଭୋର ହୋଇ; ନିତ୍ୟ ମଙ୍ଗଳକାରୀ ଶିବଙ୍କର ନାନାଦି ଉପଚାର ଯୁକ୍ତ ଆରାଧନା ପ୍ରଚଳିତ ହୋଇ ଆସୁଛି। ଏହି ଧାରାରେ ମହାଶିବରାତ୍ରି ହେଉଛି ଆମ ସଂସ୍କୃତିର ଏକ ସମନ୍ୱୟାତ୍ମକ ମହୋତ୍ସବ। ପ୍ରାଚୀନ କାଳରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଗଣିତ ନରନାରୀ ଏହି ଉପାସନା ପାଳନ କରି ଆସୁଛନ୍ତି। ଏପରିକି ବୈଷ୍ଣବୀୟ ଭାବଧାରାର ସ୍ପର୍ଶରେ ହରି ଓ ହର ଉଭୟ ଏକ ଓ ଅଭିନ୍ନ ପାଲଟିଯିବା ସହ ମହାଶିବରାତ୍ରି ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ ପୂର୍ବକ ଏକ ଜୟନ୍ତୀ ରୂପ ସ୍ୱୀକୃତ ଲାଭ କରିଅଛି। ଈଶାନ ସଂହିତା ବର୍ଣ୍ଣନାନୁସାରେ ମହାଶିବରାତ୍ରିର ପୁଣ୍ୟ ରଜନୀରେ ହିଁ ଶିବ ଲିଙ୍ଗର ଆବିର୍ଭାବ ହୋଇଥିଲା। ଏପରିକି ଶିବଲିଙ୍ଗର ଆର୍ବିଭାବକୁ ନେଇ ପୁରାଣଶାସ୍ତ୍ରରେ ବହୁ ଆଖ୍ୟାୟିକା ପ୍ରଚଳିତ ଥିଲେ ମଧ ପ୍ରତ୍ୟେକ ଏହି ପୁଣ୍ୟ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ତାମସୀ ରାତ୍ରିକୁ ମହାଶିବରାତ୍ରି ଅର୍ଥାତ୍ ଶିବଲିଙ୍ଗର ଆବିର୍ଭାବ ମୁହୂର୍ତ୍ତ ଭାବେ ସ୍ୱୀକାର କରିଆସୁଛନ୍ତି। ଏହିଦିନ ପ୍ରତ୍ୟେକ ଶୈବପୀଠରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ। ଏହି ଦିନ ବ୍ରତ ପାଳନ କରୁଥିବା ପ୍ରତ୍ୟେକ ନରନାରୀ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ଉଜାଗର ରହି ଉପବାସ କରିଥାନ୍ତି। ଏହାସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍‌ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ ସହ ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଶିବ ଲିଙ୍ଗକୁ ସ୍ନାନ କରାଯାଇଥାଏ। ଏପରିକି ସାରା ରାତି ଉଜାଗର ରହି ଦୀପ ଜାଳି ଶିବନାମ ଜପ ଓ ସ୍ମରଣ କରାଯାଏ। ତେଣୁ ଏହି ପର୍ବକୁ ଜାଗର ମଧ କୁହାଯାଏ। ବସ୍ତୁତଃ ମହାଶିବରାତ୍ରିର ବିଶେଷ ଆକର୍ଷଣ ହେଉଛି ରାତ୍ରିର ଶେଷ ପ୍ରହରରେ ମନ୍ଦିର ଶିଖରକୁ ଉଠୁଥିବା ଦିବ୍ୟ ଜ୍ୟୋତି ସ୍ୱରୂପ ମହାଦୀପ। ଏ ପରିପ୍ରେକ୍ଷୀରେ କହିରଖେ ଦୀପଜ୍ୟୋତିକୁ ପରଂବ୍ରହ୍ମ ତଥା ପାପନାଶକ ଶକ୍ତି ରୂପେ ମାନ୍ୟତା ପ୍ରଦାନ କରାଯାଇଛି। ତେଣୁ ଲକ୍ଷ ଲକ୍ଷ ଭକ୍ତ ଶିବରାତ୍ରି ଉପବାସ କରି ମହାଦୀପ ଉଠିବାର ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରିଥାଆନ୍ତି। ଏହି ମହାଦୀପ ଦର୍ଶନ ପରେ ମହାଦୀପକୁ ପ୍ରଣିପାତ କରି ଶିବଭକ୍ତିରେ ବିଭୋର ହେବା ସହ ବ୍ରତ ଉଦ୍‌ଯାପନ କରିଥାନ୍ତି।

**ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ**
**ମୋବାଇଲ୍: ୮୮୯୫୧୪୧୭୨୭**

# ଶିବ ଧର୍ମ




## ଡଃ.ଅରୁନ୍ଧତୀ ଦେବୀ

ମହାଶିବରାତ୍ରି ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋର୍ତିଲିଙ୍ଗ ପ୍ରକଟ ହେବାର ଶୁଭ ସମୟ। ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ। ମହାଶିବ ରାତ୍ରିରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ। ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ। ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ। ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି। ଏହାକୁ ଶିବ ଧର୍ମ କୁହାଯାଇଥାଏ। ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି। ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ। ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଷମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ। ଓଡ଼ିଶାରେ ଶିବଙ୍କ ଉଦ୍ଦେଶ୍ୟରେ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଯେଉଁ ପର୍ବ ପାଳିତ ହୁଏ, ତାହା ମହାଶିବରାତ୍ରି ପର୍ବ ଭାବରେ ସର୍ବଜନ ବିଦିତ। ଏହିଦିନ ଶିବ ବ୍ରତ ପାଳନ କରି ମନୁଷ୍ୟ ତ୍ରିତାପରୁ ମୁକ୍ତିଲାଭ କରେ ଓ ଶିବ ସନ୍ତୁଷ୍ଟ ହୋଇ ମାନବ ସମାଜର କଲ୍ୟାଣ ସାଧନ କରନ୍ତି। ଶିବରାତ୍ରି ବ୍ରତର ଉପବାସ, ଜାଗରଣ ଓ ଶିବପୂଜା ପ୍ରଧାନ। ବ୍ରତର ଅର୍ଥ ବେଦବୋଧିତ ଇଷ୍ଟ ପ୍ରାପ୍ତି ନିମିତ୍ତ କର୍ମ। ଦାର୍ଶନିକମାନେ ଅଭ୍ୟୁଦୟ ଓ ନିଃଶ୍ରେୟସ କର୍ମକୁ ବ୍ରତ କୁହନ୍ତି। ବ୍ରତ ଅର୍ଥ ନିୟମ। ପୁରାଣରେ ବ୍ରତ - ଧର୍ମ ଅଟେ। ଯେଉଁ କର୍ମ ଦ୍ୱାରା ଭଗବାନଙ୍କର ସାନିଧଲାଭ ହୋଇଥାଏ, ତାକୁ ବ୍ରତ କୁହାଯାଏ। ଉପବାସ ଜୀବାତ୍ମାର ଶିବଙ୍କ ସମୀପରେ ବାସ କରିବାକୁ ଉପବାସ କୁହାଯାଏ। ଦେବୀ ପୁରାଣରେ ଉଲ୍ଲେଖ ଅଛି, ଭଗବାନ ଶିବଙ୍କର ଧାନ, ଜପ, ତାଙ୍କର ସ୍ନାନ (ଅଭିଷେକ) ଓ ତାଙ୍କର ମହିମା ଶ୍ରବଣ କୀର୍ତ୍ତନ କରି କାଳଯାପନ କରିବା ଉପବାସ କରୁଥିବା ବ୍ୟକ୍ତିର କର୍ତ୍ତବ୍ୟ। ବ୍ରତୀ ନିମିତ୍ତ ସମସ୍ତ ପ୍ରକାର ବିଷୟ ଭୋଗର ବର୍ଜନ ଅତ୍ୟନ୍ତ ପ୍ରୟୋଜନ। କେବଳ ଅନଶନ କରିବାକୁ ଉପବାସ କୁହାଯାଏନା। ଜାଗରଣ-ମୁମୁକ୍ଷୁ ଜୀବାତ୍ମା ନିମିତ୍ତ ଜାଗରଣର ଆବଶ୍ୟକ ଅଛି। 'ଯାନିଶା ସର୍ବଭୂତାନାଂ ତସ୍ୟାଂ ଜାଗ୍ରତୀ ସଂଯମୀ' ବିଷୟାସକ୍ତ ସଂସାରୀ ଲୋକଙ୍କ ପାଇଁ ଯେ ରାତ୍ରି, ସେହି ସମୟରେ ସଂଯମୀ ବ୍ୟକ୍ତି ଜାଗ୍ରତ ରୁହେ। ତେଣୁ ଶିବରାତ୍ରିରେ ଜାଗରଣ ରହିବା ଆବଶ୍ୟକ। ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା। ଏହା ହିଁ ବାସ୍ତବିକ୍ ଶିବପୂଜା। ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ। କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧ୍ୟରେ ରହିବା ଜ୍ଞାନ ପ୍ରଧାନ। ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ। ସମସ୍ତ ମନୁଷ୍ୟଙ୍କ ନିମିତ୍ତ ମହାଶିବରାତ୍ରି ବ୍ରତ କଲ୍ୟାଣକାରୀ ଅଟେ। ଶିବଙ୍କ ମନ୍ଦିରରେ ମହାଦୀପ ଜଳାଇବା ଅର୍ଥ ନିଜର ସହସ୍ରାରେ ଜ୍ୟୋତିଃ ଦର୍ଶନ କରି ରାତ୍ରିଉଜାଗର ହେଲେ, ଶିବଙ୍କ ସହିତ ଶକ୍ତିଙ୍କର ମିଳନ ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ। ସନାତନ ଧର୍ମରେ ବ୍ରତ ସହିତ ମନୁଷ୍ୟର ଆଧାତ୍ମିକ ବିକାଶ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ରହିଅଛି। ତେଣୁ - "ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଶୂନ୍ୟ ମଧ ନିରାମୟ, ନିରାମୟ ମଧେ ଜ୍ୟୋତିଃ ସଃ ଜ୍ୟୋତି ଭଗବାନୟୋ" ହେ ପରମ ଜ୍ୟୋତି ସ୍ୱରୂପ ପରମ ଶିବ ଏ ମର ସଂସାରର ସମସ୍ତ ପ୍ରାଣୀଙ୍କୁ ଅଜ୍ଞାନରୂପୀ ଅନ୍ଧକାରରୁ ଆଲୋକ ଦିଗକୁ ଏବଂ ଅସତ୍ୟରୁ ସତ୍ୟ ଦିଗକୁ ନେଇ ଯାଆନ୍ତୁ। ମହାଶିବରାତ୍ରି ପାଳନ ଅବସରରେ ଏହା ହିଁ କାମନା। "ଅସତୋମାଂ ସଦ୍‌ଗମୟ, ତମସୋମାଂ ଜ୍ୟୋତିର୍ଗମୟ, ମୃତ୍ୟୁ ମାଂ ଅମୃତୋ ଗମୟ"।



**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ**
**ମୋବାଇଲ୍: ୯୯୩୭୧୭୨୮୧୦**

## ଚଳିତ ବର୍ଷ ପ୍ରଥମ 'ମେଡ୍ ଇନ ଇଣ୍ଡିଆ' ସେମିକଣ୍ଡକ୍ଟର ଚିପ୍



**ନୂଆଦିଲ୍ଲୀ,୨୬।୨ :** କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମେଡ୍ ଇନ୍ ଇଣ୍ଡିଆ ସେମିକଣ୍ଡକ୍ଟର ଚିପ୍‌କୁ ନେଇ ବଡ଼ ଘୋଷଣା କରିଛନ୍ତି । ଭାରତ ଚଳିତ ବର୍ଷ ଅର୍ଥାତ ୨୦୨୫ରେ ମେନ୍ ଇନ୍ ଇଣ୍ଡିଆ ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନ ଲାଗି ପ୍ରସ୍ତୁତ ହୋଇଯିବ ବୋଲି ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଆୟୋଜିତ 'ବିଶ୍ୱ ନିବେଶକ ସମ୍ମିଳନୀ ୨୦୨୫'ର ଦ୍ୱିତୀୟ ଦିନରେ ଘୋଷଣା କରିଛନ୍ତି । ସେ ଭିଡିଓ କନଫରେନ୍ସିଂ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ବିବୃତ୍ତି ରଖିଛନ୍ତି। ଭାରତ ସେମିକଣ୍ଡକ୍ଟର ଚିପ୍ ବିକାଶରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ହାସିଲ କରିଛି, ଯେଉଁଠି ଏକା ସହିତ ୫ ୟୁନିଟ୍‌ରେ କାମ ଚାଲିଛି । ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ୨୦୨୫ ପର୍ଯ୍ୟନ୍ତ ଆସିଯିବ । ଏହାସହିତ ଭାରତ ସରକାର ଅତ୍ୟାଧୁନିକ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ମ୍ୟାନୁଫାକଚରିଂ ଲାଗି ୮୫ ହଜାର ଇଞ୍ଜିନିୟରଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ଗତ କିଛି ଦଶନ୍ଧି ଧରି, ଭାରତର ବୈଦ୍ୟୁତିକ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ଅଭୂତପୂର୍ବ ରହିଛି, ଯାହାର ମୂଲ୍ୟ ୧୦ ଲକ୍ଷ କୋଟିରେ ପହଞ୍ଚିଛି । ଭାରତ ଏବେ ୨.୫ ଲକ୍ଷ କୋଟି ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ରପ୍ତାନି କରୁଛି, ଯେଉଁଥିରେ ମୋବାଇଲ (୪ଲକ୍ଷ କୋଟି ଟଙ୍କା), ଲାପଟପ୍, ସର୍ଭର, ଟେଲିକମ ଉପକରଣ (୭୫ହଜାର କୋଟି) ଏବଂ ପ୍ରତିରକ୍ଷା ଓ ମେଡିକାଲ୍ ଇଲେକ୍ଟ୍ରୋନିକ୍ସ ସମେତ ୫ ଲକ୍ଷ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ରପ୍ତାନି କରୁଛି । ଭାରତରୁ ରପ୍ତାନି ହେଉଥିବା ୩ ଶ୍ରେଷ୍ଠ ସାମଗ୍ରୀ ମଧ୍ୟରୁ ଇଲେକ୍ଟ୍ରୋନିକ୍ସ ରହିଛି ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି ।

## ସୁଦାନ ସେନା ବିମାନ ଦୁର୍ଘଟଣାଗ୍ରସ୍ତ, ୪୬ରୁ ଅଧିକ ମୃତ



**ୟୁକ୍ରେନ୍,୨୬।୨:** ସୁଦାନର ସୈନ୍ୟ ବିମାନ ଦୁର୍ଘଟଣାଗ୍ରସ୍ତ। ଦୁର୍ଘଟଣାରେ ପାଖାପାଖି ୪୬ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି । ସୁଦାନର ଓମଡୁରମାନ ସହରରେ ଘଟିଛି ଏହି ଦୁର୍ଘଟଣା । ଆଗକୁ ବି ବଢ଼ିପାରେ ମୃତ୍ୟୁ ସଂଖ୍ୟା ।

ସୁଡାନିଜ୍ ସେନା ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ଦିନ ଓମଡୁରମାନର ଉତ୍ତରରେ ଥିବା ୱାଡି ସୟେଦନା ଏୟାରବେସ୍‌ରୁ ଉଡ଼ାଣ ଭରିଥିଲା ସେନା ବିମାନ ଆଣ୍ଟୋନୋଭ୍। ତେବେ ଟେକ୍ ଅଫ୍ କରିବା ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସେନା ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ଦୁର୍ଘଟଣାରେ ସାମରିକ କର୍ମଚାରୀ ଏବଂ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଏହା ବ୍ୟତୀତ ଦୁର୍ଘଟଣାର ମୁଖ୍ୟ କାରଣ କ'ଣ ତାହା ମଧ୍ୟ କୁହାଯାଇ ନାହିଁ । ତଥାପି, ଦଳର କହିବାନୁସାରେ, କେଜ୍‌ରିୱାଲ ରାଜ୍ୟସଭାକୁ ଯାଉନାହାଁନ୍ତି। ଏଏପି ମୁଖପାତ୍ର ପ୍ରିୟଙ୍କା କକ୍କର କହିଛନ୍ତି , କେଜ୍‌ରିୱାଲ ରାଜ୍ୟ ସଭାକୁ ଯାଉନାହାଁନ୍ତି। ସେ କହିଛନ୍ତି , ଗଣମାଧ୍ୟମରେ ଏହା ମଧ୍ୟ କୁହାଯାଉଥିଲା ଯେ କେଜ୍‌ରିୱାଲ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବେ। ଏବେ ଗଣମାଧ୍ୟମ ନିଜେ କହୁଛି ଯେ ସେ ରାଜ୍ୟ ସଭା ନିର୍ବାଚନ ଲଢ଼ିବେ। ଏହି ଦୁଇଟି ଭୁଲ। ଅରବିନ୍ଦ କେଜ୍‌ରିୱାଲ ଏଏପିର ଜାତୀୟ ସଂଯୋଜକ। ମୁଁ ଜାଣିଛି ତାଙ୍କର ସବୁଠି ଚାହିଦା ଅଛି କିନ୍ତୁ ସେ କୌଣସି ଗୋଟିଏ ଆସନରେ ସୀମିତ ନୁହଁନ୍ତି। ତେବେ ଏଥିରେ ପ୍ରାଣ ହରାଇଥିବା ଲୋକଙ୍କ ମୃତଦେହକୁ ଓମଡୁରମାରର ନାଓ ହସପିଟାଲକୁ ନିଆଯାଇଥିଲା। ଘଟଣାରେ ୫ ଜଣ ଆହତ ହୋଇଛନ୍ତି । ସେମାନଙ୍କ ଚିକିତ୍ସା ଚାଲିଛି । ବିମାନ ଯେଉଁ ସ୍ଥାନରେ ପଡିଛି, ସେଠାରେ ଥିବା ଅନେକ ଘର ନଷ୍ଟ ହୋଇଯାଇଛି । ବିମାନ ପଡିବା ଯୋଗୁଁ ବିସ୍ଫୋରଣ ହୋଇଛି। ଫଳରେ ଆଖପାଖ ଅଞ୍ଚଳର ବିଜୁଳି ଗାଏବ ହୋଇଯାଇଛି ।

## ବସ୍‌ରେ ଯୁବତୀଙ୍କୁ ବଳାତ୍କାର
### ଚମ୍ପଟ ମାରିଲା ଅଭିଯୁକ୍ତ



**ପୁଣେ,୨୬।୨:** ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ ଯୁବତୀ। ହେଲେ ଜଣେ ଯୁବକ ତାଙ୍କୁ ବସ୍ ସେଠାରେ ଅଟକିବ ନାହିଁ କହି ପାର୍କିଂରେ ଥିବା ଅନ୍ୟ ଏକ ବସ୍ ନିକଟକୁ ନେଇ ଯାଇଥିଲେ। ପରେ ସୁଯୋଗ ନେଇ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପୁଣେର ସ୍ୱର୍ଗଟେ ଥାନାରେ ଏନେଇ ପୀଡ଼ିତା ଅଭିଯୋଗ କରିବା ପରେ ତନାଘନା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ପୀଡିତା ଜଣକ ସ୍ୱର୍ଗଟେ ବସଷ୍ଟାଣ୍ଡରେ ବସ ପାଇଁ ଅପେକ୍ଷା କରିଥିଲେ। ସେହି ସମୟରେ ଅଭିଯୁକ୍ତ ଯୁବକ ସେଠାକୁ ଆସିଥିଲେ। ସେ ମିଠା ମିଠା କଥା କହି ନିଜର ପରିଚୟ ଦେଇଥିଲେ। ପରେ ସେ ପୀଡ଼ିତାଙ୍କୁ କେଉଁଠିକୁ ଯାଉଛନ୍ତି ବୋଲି ପଚାରିଥିଲେ। ବସ୍ ଫାଲଟନ୍ ଯିବ ବୋଲି ଜାଣିବା ପରେ ବସ୍ ସେଠାରେ ଅଟକିବ ନାହିଁ ବୋଲି ସେ କହିଥିଲେ। ପରେ ବସ୍ କେଉଁଠାରୁ ମିଳିବ ତାହା ଜଣାଇବା ଲାଗି ସେ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ସିସିଟିଭି ଫୁଟେଜରେ ଝିଅଟି ଅଭିଯୁକ୍ତଙ୍କ ସହ ବସ ଆଡକୁ ଯାଉଥିବାର ଦେଖାଯାଉଛି। ଯେତେବେଳେ ଯୁବତୀ ବସ ପାଖରେ ପହଞ୍ଚୁଛନ୍ତି ଅନ୍ଧାର ହୋଇଥିବା ଦେଖିବାକୁ ପାଉଛନ୍ତି। ହେଲେ ଅଭିଯୁକ୍ତ ତାଙ୍କୁ ଏକ ବିଳମ୍ବିତ ରାତିର ବସ ବୋଲି କହିଛନ୍ତି। ପରେ ଯୁବତୀଜଣଙ୍କ ବସ୍‌ରେ ଚଢ଼ିବା ମାତ୍ରେ ସେ ପଛ ପଟରୁ ଦ୍ୱାର ବନ୍ଦ କରି ତାଙ୍କୁ ବଳାତ୍କାର କରିଥିଲେ। ଏହା ପରେ ଅଭିଯୁକ୍ତ ଜଣକ ପ୍ରଥମେ ବସରୁ ଓହ୍ଲାଇ ପଡ଼ିଥିଲେ। ଦୁଇ ମିନିଟ ପରେ ଯୁବତୀଜଣଙ୍କ ତଳକୁ ଓହ୍ଲାଇଥିଲେ। ସେ ଫଲଟନ ଯାଉଥିବା ବସରେ ଚଢ଼ିଥିଲେ। ସେଠାରୁ ସେ ତାଙ୍କର ଜଣେ ବନ୍ଧୁଙ୍କୁ ଫୋନ କରିଥିଲେ। ତାଙ୍କ ବନ୍ଧୁଙ୍କ ପରାମର୍ଶ କ୍ରମେ ସେ ତୁରନ୍ତ ସ୍ୱର୍ଗଟେ ପୋଲିସ ଷ୍ଟେଶନରେ ପହଞ୍ଚି ସମ୍ପୂର୍ଣ୍ଣ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ପୋଲିସ କହିଛି ଯେ ଅଭିଯୁକ୍ତ ଜଣଙ୍କ ଶିରୁର ଗାଁର ବାସିନ୍ଦା। ଆମେ ସିସିଟିଭି ଫୁଟେଜ ନେଇଛୁ। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ବିରୁଦ୍ଧରେ ଧାରା ୩୯୨ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଖୋଜା ଚାଲିଛି। ଗତକାଲିଠାରୁ ୮ ଟିମ୍ ଏହି ଘଟଣାରେ କାମ କରୁଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଯାଉଛି। ବସ ଭିତରେ ଜଣେ ଝିଅକୁ ବଳାତ୍କାର କରାଯାଉଛି ଏବଂ କିଭଳି ପାଖରେ ଥିବା କେହି ଏହା ଜାଣି ମଧ୍ୟ ପାରନ୍ତି ନାହିଁ। ବସ୍‌ଟି ଲକ ନ ହେବା କ'ଣ ଡ୍ରାଇଭର କିମ୍ବା କଣ୍ଡକ୍ଟରଙ୍କ ଦୋଷ? ଏହାଛଡ଼ା ପୋଲିସ ପାଟ୍ରୋଲିଂ ଉପରେ ମଧ୍ୟ ପ୍ରଶ୍ନ କରାଯାଉଛି।

# ଭାରତୀୟଙ୍କ ପାଇଁ ପ୍ରସ୍ତୁତି ପଥରେ ନୂଆ ପେନସନ ସ୍କିମ୍




**ନୂଆଦିଲ୍ଲୀ,୨୬।୨ :** ଶ୍ରମ ମନ୍ତ୍ରଣାଳୟ ସୂତ୍ରରୁ ବୁଧବାର ମିଳିଥିବା ସୂଚନା ଅନୁଯାୟୀ ସରକାର ଏକ 'ସାର୍ବଜନୀନ ପେନସନ ଯୋଜନା' ଉପରେ କାମ କରୁଛନ୍ତି ଯାହା ଅସଂଗଠିତ କ୍ଷେତ୍ର ସମେତ ସମସ୍ତ ନାଗରିକଙ୍କ ପାଇଁ ଉପଲବ୍ଧ ହେବ।


ବର୍ତ୍ତମାନ, ଅସଂଗଠିତ କ୍ଷେତ୍ରର - ଯେପରିକି ନିର୍ମାଣ ଶ୍ରମିକ, ଘରୋଇ କର୍ମଚାରୀ ଏବଂ ଗିଗ୍ ଶ୍ରମିକ(ଡେଲିଭରି କର୍ମଚାରୀ) ସରକାରଙ୍କ ଦ୍ୱାରା ପରିଚାଳିତ ବଡ଼ ସଞ୍ଚୟ ଯୋଜନାର ସୁବିଧା ପାଇପାରିବେ ନାହିଁ। ଏହି ଯୋଜନା ସମସ୍ତ ବେତନଭୋଗୀ କର୍ମଚାରୀ ଏବଂ ସ୍ୱନିଯୁକ୍ତଙ୍କ ପାଇଁ ମଧ୍ୟ ଖୋଲା ରହିବ।

ତଥାପି, ଏହି ନୂତନ ପ୍ରସ୍ତାବ ଏବଂ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଭଳି ବିଦ୍ୟମାନ ଯୋଜନା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି ଯେ ପୂର୍ବ ଅବଦାନ ପାଇଁ ସ୍ୱେଚ୍ଛାକୃତ ଆଧାରରେ ହେବ, ଏବଂ ସରକାର ନିଜ ପକ୍ଷରୁ କୌଣସି ଅବଦାନ ଦେବେ ନାହିଁ।

ସୂତ୍ରରୁ ଏହା ମଧ୍ୟ ଜଣା ପଡିଛି ଯେ, ସାଧାରଣ ଧାରଣା ହେଉଛି ଏକ 'ସାର୍ବଜନୀନ ପେନସନ ଯୋଜନା' ପ୍ରଦାନ କରିବା - ଅର୍ଥାତ୍, କିଛି ବିଦ୍ୟମାନ ଯୋଜନାକୁ ମିଶାଇ ଦେଶରେ ପେନସନ/ ସଞ୍ଚୟ ଢାଞ୍ଚାକୁ ସୁଗମ କରିବା। ଏଗୁଡ଼ିକୁ ସ୍ୱେଚ୍ଛାକୃତ ଆଧାରରେ ଯେକୌଣସି ନାଗରିକଙ୍କ ପାଇଁ ଏକ ସୁରକ୍ଷିତ ବିକଳ୍ପ ଭାବରେ ଦେଖାଯିବ। ବର୍ତ୍ତମାନ ପାଇଁ 'ନୂତନ ପେନସନ୍ ଯୋଜନା' ନାମରେ ନାମିତ ଏହି ନୂତନ ଯୋଜନା, ପୂର୍ବରୁ ଥିବା ଜାତୀୟ ପେନସନ୍ ଯୋଜନାକୁ ମଧ୍ୟ ବଦଳାଇବ ନାହିଁ କିମ୍ବା ଏହାକୁ ଗ୍ରହଣ କରିବ ନାହିଁ, ଏହା ଏକ ସ୍ୱେଚ୍ଛାକୃତ ପେନସନ୍ ଯୋଜନା ମଧ୍ୟ ଅଟେ, ସୂତ୍ରଗୁଡ଼ିକ ଗୁରୁତ୍ୱାରୋପ କରିଛନ୍ତି। ପ୍ରସ୍ତାବ ଡକ୍ୟୁମେଣ୍ଟ ସମାପ୍ତ ହେବା ପରେ ହିତାଧିକାରୀଙ୍କ ପରାମର୍ଶ ଆରମ୍ଭ ହେବ ବୋଲି ସୂତ୍ରରୁ ଜଣା ପଡିଛି।

ବୁଧବାର ସୁଦ୍ଧା, ଅସଂଗଠିତ କ୍ଷେତ୍ର ପାଇଁ ଅନେକ ସରକାରୀ ପେନସନ୍ ଯୋଜନା ଅଛି, ଯେପରିକି ଅଟଳ ପେନସନ୍ ଯୋଜନା, ଯାହା ନିବେଶକଙ୍କୁ ୬୦ ବର୍ଷ ବୟସ ହେବା ପରେ ୧,୦୦୦ - ୧,୫୦୦ ଟଙ୍କା ମାସିକ ରିଟର୍ଣ୍ଣ ପ୍ରଦାନ କରେ, ଏବଂ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା (ପିଏମ୍‌ଏସ୍‌ୱାଇ), ଯାହା ରାସ୍ତା ବିକ୍ରେତା, ଘରୋଇ ଶ୍ରମିକ କିମ୍ବା ଶ୍ରମିକମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଚେଷ୍ଟା କରେ। କୃଷକମାନଙ୍କ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି, ଯେପରିକି ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନା, ଯାହା ନିବେଶକଙ୍କୁ ୬୦ ବର୍ଷ ବୟସ ହେବା ପରେ ମାସିକ ୩,୦୦୦ ଟଙ୍କା ପ୍ରଦାନ କରେ।

## ରାଜ୍ୟସଭାକୁ ଯିବା ପାଇଁ କେଜ୍‌ରିୱାଲଙ୍କ ଫିଟିଲା ବାଟ



**ନୂଆଦିଲ୍ଲୀ,୨୬।୨:** ଆମ ଆଦମୀ ପାର୍ଟିର ରାଜ୍ୟ ସଭା ଏମ୍‌ପି ସୁନୀଲ ଆରୋରା ସଂସଦ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଦଳ ଆରୋରାଙ୍କୁ ଲୁଧିଆନା ପଶ୍ଚିମରୁ ବିଧାୟକ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଇଛି। ସ୍ଥାନୀୟ ବିଧାୟକଙ୍କ ମୃତ୍ୟୁ ପରେ ଏହି ଆସନଟି ଖାଲି ପଡ଼ିଥିଲା। ଏପରି ପରିସ୍ଥିତିରେ, ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲଙ୍କ ପାଇଁ ରାଜ୍ୟ ସଭାର ବାଟ ଏବେ ସଫା ହୋଇଯାଇଛି। ଦିଲ୍ଲୀରେ ଆମ ଆଦମୀ ପାର୍ଟିର ଶୋଚନୀୟ ପରାଜୟ ପରେ, ଅରବିନ୍ଦ କେଜ୍‌ରିୱାଲ ଏବେ ସଂସଦରେ ତାଙ୍କର ରାଜନୀତି ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। କୁହାଯାଉଛି ଯେ ଏହି ଯୋଜନା ଅନୁଯାୟୀ, ୨୦୨୨ରେ ରାଜ୍ୟ ସଭା ଏମ୍‌ପି ହୋଇଥିବା ସୁନୀଲ ଆରୋରାଙ୍କୁ ଏବେ ପଞ୍ଜାବରୁ ବିଧାନସଭା ଉପନିର୍ବାଚନ ଲଢ଼ିବାକୁ ପଠାଯାଉଛି। ଦଳ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଯେ ସୁନୀଲ ଆରୋରା ଲୁଧିଆନା ପଶ୍ଚିମରୁ ଆମ ଆଦମୀ ପାର୍ଟି ପ୍ରାର୍ଥୀ ହେବେ।

## ସେନା ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ

**ଶ୍ରୀନଗର,୨୬।୨:** ଜମ୍ମୁ କଶ୍ମୀରର ରାଜୌରୀରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଠାରେ ସେନା ଗାଡ଼ି ଉପରେ ଅନେକ ରାଉଣ୍ଡ ଗୁଳିଚାଳନା କରାଯାଇଛି। ଏହା ପରେ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେଃନ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଜମ୍ମୁର ରାଜୌରୀର ସୁନ୍ଦରବନୀ ସେକ୍ଟରରେ ବୁଧବାର ଅପରାହ୍ନ ପ୍ରାୟ ୧୨.୪୫ ସମୟରେ ଏକ ସେନା ଗାଡ଼ି ଉପରେ ୪ ରୁ ୫ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା। ଏହି ଘଟଣା ଘଟାଇବା ପରେ ଆତଙ୍କବାଦୀମାନେ ତୁରନ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ବର୍ତ୍ତମାନ ଏହି ଘଟଣାରେ କେହି ମୃତ କିମ୍ବା ଆହତ ହୋଇଥିବାର କୌଣସି ଖବର ମିଳିପାରିନାହିଁ। ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି ଏବଂ ଆତଙ୍କବାଦୀମାନଙ୍କୁ ଖୋଜା ଚାଲିଛି। ଜମ୍ମୁର ସୁନ୍ଦରବନୀ ଅଞ୍ଚଳ, ଯେଉଁଠାରେ ଏହି ଆକ୍ରମଣ ଘଟିଛି, ତାହା ଏଲଓସି ସଂଲଗ୍ନ। ସକାଳରୁ ଏଠାରେ ଏକ ସର୍ଚ୍ଚ ଅପରେଶନ ଚାଲିଥିଲା, ଏହି ସମୟରେ ସେନା ଗାଡ଼ି ଉପରେ ଆକ୍ରମଣ ହୋଇଛି। ସେନା ଏପର୍ଯ୍ୟନ୍ତ ଏହାକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିନାହିଁ। ଏହି ଅଞ୍ଚଳ ପାକିସ୍ତାନ ସୀମା ସଂଲଗ୍ନ, ତେଣୁ ପୋଲିସକୁ ବର୍ତ୍ତମାନ ସେଠାକୁ ଯିବାକୁ ଅନୁମତି ଦିଆଯାଉନାହିଁ। ସେନା ନିଜେ ସେଠାରେ ସର୍ଚ୍ଚ ଅପରେଶନ କରୁଛି।



## ମହାକାଶରେ ପ୍ଲାନେଟ୍ ପରେଡ୍, ଯୋଗଦେବ ବୁଧ



**ହାଇଦ୍ରାବାଦ,୨୬।୨ :** ବର୍ଷ ୨୦୨୫ ପ୍ରାରମ୍ଭରେ ସନ୍ଧ୍ୟା ଆକାଶରେ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ବିରଳ ଦୃଶ୍ୟ ଜାନୁଆରୀ ୨୧ଠାରୁ ଆକାଶରେ ଦୃଶ୍ୟମାନ ହୋଇଥିଲା। ଗୋଟିଏ ସରଳରେଖାରେ ଏକାଧିକ ଗ୍ରହ ଦିଶୁଥିବାରୁ ଏହାକୁ 'ପ୍ଲାନେଟୋରୀ ପରେଡ୍' ବୋଲି କୁହାଯାଉଛି। ଏହି ବିରଳ ଘଟଣାର ଶେଷ ଭାଗରେ ଆଉ ଏକ ଗ୍ରହ ଯୋଗଦେବାକୁ ଯାଉଛି । ଫେବୃଆରୀ ୨୮ ତାରିଖରେ ସନ୍ଧ୍ୟା ହେବା ମାତ୍ରେ ଆକାଶରେ ଗୋଟିଏ ରେଖାରେ ୭ଟି ଗ୍ରହ ଦୃଶ୍ୟମାନ ହେବ । ବୁଧ ଗ୍ରହ ପୂର୍ବରୁ ଦୃଶ୍ୟମାନ ହେଉଥିବା ୬ଟି ଗ୍ରହ ସହିତ ଯୋଡ଼ି ହେବ । ଏହି ବିରଳ ଦୃଶ୍ୟ ୨୦୪୦ ପର୍ଯ୍ୟନ୍ତ ଆଉ ଦୃଶ୍ୟମାନ ହେବ ନାହିଁ ବୋଲି କୁହାଯାଉଛି ।ଭାରତୀୟ ସ୍କାଏ ୱାଚରମାନଙ୍କ ପାଇଁ ଏହି ବିରଳ ଦୃଶ୍ୟ ଦେଖିବାର ସର୍ବୋତ୍ତମ ସମୟ ହେଉଛି ସୂର୍ଯ୍ୟାସ୍ତ । ସୂର୍ଯ୍ୟାସ୍ତର ପ୍ରାୟ ୪୫ ମିନିଟ୍ ପରେ ଆକାଶରେ ୭ଟି ଗ୍ରହଗୁଡ଼ିକ ଗୋଟିଏ ସରଳରେଖାରେ ଦୃଶ୍ୟମାନ ହେବେ। ଏହି ମହାଜାଗତିକ ଘଟଣା ଦେଖିବା ପାଇଁ ଆପଣଙ୍କୁ ସର୍ବନିମ୍ନ ପ୍ରଦୂଷଣ ଥିବା ଏକ ସ୍ଥାନ ଖୋଜିବାକୁ ପଡ଼ିବ ।ଅନେକ ଜ୍ୟୋତିର୍ବିଜ୍ଞାନୀଙ୍କ କହିବାନୁସାରେ, ମହାକାଶରେ ସମସ୍ତ ୮ଟି ଗ୍ରହ ସୂର୍ଯ୍ୟଙ୍କ ଚାରିପଟେ ଘୂରିଥାନ୍ତି, ଯେଉଁଥିରେ ଆମ ଗ୍ରହ ପୃଥିବୀ ସାମିଲ । ସମସ୍ତ ଗ୍ରହ ପରସ୍ପରଠାରୁ ଦୂରରେ, କିନ୍ତୁ ବୃତ୍ତାକାର ପଥରେ ସୂର୍ଯ୍ୟଙ୍କ ପରିକ୍ରମା କରନ୍ତି । ଏହି ପରିକ୍ରମା କରିବା ସମୟରେ ସମସ୍ତ ଗ୍ରହର ବେଗ ଓ ସମୟ ମଧ ଭିନ୍ନ ଭିନ୍ନ ରହିଥାଏ । କିନ୍ତୁ ଏପରି ସମୟ ଆସେ ଯେତେବେଳେ ପରିକ୍ରମା କରିବା ସମୟରେ ସମସ୍ତ ଗ୍ରହ ସୂର୍ଯ୍ୟଙ୍କ ଗୋଟିଏ ପାର୍ଶ୍ୱକୁ ଆସିବା ସହ ପୃଥିବୀରୁ ଏକ ସରଳରେଖାରେ ଦୃଶ୍ୟମାନ ହୁଅନ୍ତି। କିନ୍ତୁ ବାସ୍ତବରେ ଏମାନେ ପରସ୍ପରଠାରୁ ବହୁ ଦୂରରେ ରହିଥାନ୍ତି । ଏମିତି ଅନେକ ଦିନ ଗୋଟିଏ ସରଳରେଖାରେ ପରିକ୍ରମା କରିବା ପରେ ସେମାନେ ପୁଣି ପରସ୍ପରଠାରୁ ଦୂରକୁ ଚାଲିଯାଆନ୍ତି ।

### ● ଭାରତ ସହ ଡବଲ ଗେମ୍ ଖେଳିଲେ ଟ୍ରମ୍ପ
## ଭାରତକୁ ଅଫର କରିଥିଲେ ପାକିସ୍ତାନକୁ ଦେଇଦେଲେ



**ନୂଆଦିଲ୍ଲୀ/ୱାଶିଂଟନ୍,୨୬।୨:** ଭାରତକୁ ପଞ୍ଚମ ପିଢ଼ିର ଗୁପ୍ତ ଯୁଦ୍ଧ ବିମାନ ଏଫ୍-୩୫ ପ୍ରଦାନ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ'ଣ ଭାରତ ସହିତ ଡବଲ ଖେଳ ଖେଳିଛନ୍ତି? ଏବେ ଏହି ପ୍ରଶ୍ନ ଉଠିବାର କାରଣ ହେଉଛି ଆମେରିକା ପାକିସ୍ତାନକୁ ଏଫ୍-୧୬ ଲଢୁଆ ବିମାନ ପାଇଁ ୩୯୭ ନିୟୁତ ଡଲାରର ଏକ ବଡ଼ ସହାୟତା ଦେଇଛି। ଯଦିଓ ଏହା ବିଶ୍ୱାସ କରାଯାଉଥିଲା ଯେ କ୍ଷମତାକୁ ଆସିବା ପରେ ଟ୍ରମ୍ପ ପାକିସ୍ତାନକୁ ତାର ଏଫ୍-୧୬ ଯୁଦ୍ଧ ବିମାନର ରକ୍ଷଣାବେକ୍ଷଣ ପାଇଁ ଦିଆଯାଉଥିବା ସହାୟତା ବନ୍ଦ କରିଦେବେ, କିନ୍ତୁ ଟ୍ରମ୍ପ ତାହା କରିନଥିଲେ। ବରଂ ସେ ଏଫ୍-୧୬ ପାଇଁ ପାକିସ୍ତାନକୁ ବିପୁଳ ପାଣ୍ଠି ଦେଉଛନ୍ତି।

ଗତ ମାସ ଜାନୁଆରୀ ୨୦ ତାରିଖରେ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ, ଡୋନାଲ୍ଡ ଟ୍ରମ୍ପ ବିଦେଶୀ ଦେଶଗୁଡ଼ିକୁ ଆମେରିକୀୟ ସହାୟତା ବନ୍ଦ କରିଦେଇଥିଲେ, କିନ୍ତୁ ମାସ ଶେଷ ସୁଦ୍ଧା ଟ୍ରମ୍ପ ତାଙ୍କ ନିଷ୍ପତ୍ତିକୁ ବଦଳାଇ ଦେଇଥିଲେ।

ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଫ୍ରିଜ ତାଲିକାରୁ ୨୪୩ଟି ଜିନିଷକୁ ବାଦ ଦେଇଛି, ଯେଉଁଥିରେ F-୧୬ ପାଇଁ ପାକିସ୍ତାନକୁ ଦିଆଯାଇଥିବା ୩୯୭ ନିୟୁତ ଡଲାରର ସହାୟତା ମଧ୍ୟ ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁସାରେ, ଆମେରିକା ନିଶ୍ଚିତ ଭାବରେ ଏହି ଯୁଦ୍ଧ ବିମାନଗୁଡ଼ିକ ଉପରେ ନଜର ରଖିବ, ଯାହା ଦାରା ଏହି ବିମାନଗୁଡ଼ିକ କେବଳ ଆତଙ୍କବାଦ ବିରୋଧୀ କାର୍ଯ୍ୟରେ ବ୍ୟବହୃତ ହେବ ଏବଂ ଭାରତ ବିରୋଧରେ ଏହାର ବ୍ୟବହାର ହେବ ନାହିଁ। ଆମେରିକା ଏହା ଏଥିପାଇଁ କରିଛି କାରଣ ପାକିସ୍ତାନ ସହିତ ଏହାର ସାମରିକ ବିକ୍ରୟ ଚୁକ୍ତିନାମାରେ ଏହି ସୀମା ସ୍ଥିର କରାଯାଇଛି।

## ୭୭ ବର୍ଷୀୟା ମା'ଙ୍କୁ ଭରଣପୋଷଣ ବିରୋଧରେ ଆବେଦନ କଲା ପୁଅ

**ନୂଆଦିଲ୍ଲୀ,୨୬।୨:** ବାର୍ ଏବଂ ବେଞ୍ଚ ରିପୋର୍ଟ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କ ୭୭ ବର୍ଷୀୟା ମା'ଙ୍କୁ ୫,୦୦୦ ଟଙ୍କା ଭରଣପୋଷଣ ଦେବାକୁ ନିମ୍ନ ଅଦାଲତର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଏକ ଆବେଦନ ଦାଖଲ କରିବା ପରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହାକୁ "କଳିଯୁଗର ଏକ ଉଦାହରଣ" ବୋଲି କହି ବିଚାରପତି ଜସଗୁରପ୍ରୀତ ସିଂହ ପୁରୀ ସେହି ବ୍ୟକ୍ତିଙ୍କୁ ତିନି ମାସ ମଧ୍ୟରେ ସାଙ୍ଗରୁର ଫାମିଲି କୋର୍ଟରେ ତାଙ୍କ ମାଆଙ୍କ ନାମରେ ୫୦,୦୦୦ ଟଙ୍କା ଜମା କରିବାକୁ କହିଛନ୍ତି।

ଆବେଦନକୁ ଖାରଜ କରି କୋର୍ଟ କହିଥିଲେ ଯେ ଫାମିଲି କୋର୍ଟଙ୍କ ନିର୍ଦ୍ଦେଶରେ କିଛି ଅସୁବିଧା ନାହିଁ ଏବଂ ୫,୦୦୦ ଟଙ୍କାର ଭରଣପୋଷଣ ପରିମାଣ "ବହୁତ କମ୍ ଅଟେ "। "ଏହା କଳିଯୁଗର ଏକ କ୍ଲାସିକ୍ ଉଦାହରଣ ଯାହା ବର୍ତ୍ତମାନର ମାମଲାରେ ପ୍ରତିଫଳିତ ହୋଇଛି, ଯାହା ଏହି କୋର୍ଟର ବିବେକକୁ ଦୋହଲାଇ ଦେଇଛି। ପାସ୍ ହୋଇଥିବା ଆଦେଶରେ କୌଣସି ସମସ୍ୟା ନାହିଁ... ବରଂ, ଏହା ଉଲ୍ଲେଖ କରିବା ଅଯଥା ହେବ ନାହିଁ ଯେ ୫,୦୦୦ ଟଙ୍କା ମଧ୍ୟ ବହୁତ କମ୍," ବୋଲି କୋର୍ଟ କହିଛନ୍ତି। କୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଭରଣପୋଷଣ ପରିମାଣ ବୃଦ୍ଧି କରିବା ପାଇଁ ବ୍ୟକ୍ତିଙ୍କ ମା'ଙ୍କ ଦ୍ୱାରା କୌଣସି ପୃଥକ ଆବେଦନ ଦାଖଲ କରାଯାଇ ନଥିଲା।

୭୭ ବର୍ଷୀୟ ମହିଳାଙ୍କ ସ୍ୱାମୀ ୧୯୯୨ ମସିହାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପୁଅ ଏବଂ ଗୋଟିଏ ଝିଅ ବିବାହିତ। ମହିଳାଙ୍କ ଆଉ ଏକ ପୁଅ ମଧ୍ୟ ଥିଲେ, ଯିଏ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କ ବିଧବା ଏବଂ ଦୁଇ ପୁଅଙ୍କୁ ଛାଡି ଚାଲିଯାଇଥିଲେ। ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ, ତାଙ୍କ ପୁଅ ଏବଂ ତାଙ୍କ ମୃତ ପୁଅର ପିଲାମାନଙ୍କୁ ୫୦ ବିଘା ଜମି ଦିଆଯାଇଥିଲା। ୧୯୯୩ ମସିହାରେ, ତାଙ୍କୁ ଭରଣପୋଷଣ ଭାବରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେ ସେବେଠାରୁ ତାଙ୍କ ଝିଅ ସହିତ ରହୁଛନ୍ତି। ତାଙ୍କ ଆବେଦନରେ, ମହିଳାଙ୍କ ପୁଅ ଯୁକ୍ତି ଦେଇଥିଲେ ଯେ ଯେହେତୁ ସେ ତାଙ୍କ ସହିତ ରହୁ ନଥିଲେ, ତେଣୁ ନିମ୍ନ କୋର୍ଟର ଆଦେଶ ଅବୈଧ ଥିଲା। ତଥାପି, ମହିଳାଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲ କହିଥିଲେ ଯେ ତାଙ୍କର କୌଣସି ଆୟର ଉତ୍ସ ନାହିଁ ଏବଂ ତାଙ୍କ ଦୈନନ୍ଦିନ ଜୀବିକା ପାଇଁ କୌଣସି ବିକଳ୍ପ ନାହିଁ। ମହିଳା ଜଣକ ଏହା ମଧ୍ୟ ଯୁକ୍ତି ଦର୍ଶାଇଥିଲେ ଯେ ସେ ତାଙ୍କ ଝିଅର ଦୟାରେ ବଞ୍ଚିବାକୁ ବାଧ୍ୟ। ଏହାକୁ ଏକ "ଦୁର୍ଭାଗ୍ୟଜନକ ମାମଲା" ବୋଲି ଅଭିହିତ କରି ହାଇକୋର୍ଟ କହିଛନ୍ତି ଯେ ପୁରୁଷଙ୍କ ପାଖରେ ଆବେଦନ ଦାଖଲ କରିବାର କୌଣସି କାରଣ ନାହିଁ କାରଣ ତାଙ୍କ ମାଆଙ୍କ ପାଖରେ କୌଣସି ଆୟର ଉତ୍ସ ନାହିଁ। "ଏହା ପ୍ରକୃତରେ ଏହି ଅଦାଲତର ବିବେକକୁ ଚକିତ କରିଛି ଯେଉଁଠାରେ ପୁଅ ତାଙ୍କ ନିଜ ମାଆଙ୍କ ବିରୁଦ୍ଧରେ ବର୍ତ୍ତମାନର ଆବେଦନ ଦାଖଲ କରିବାକୁ ବାଛିଛି, ଯଦିଓ ସେ ତାଙ୍କ ପିତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଏବଂ ତାଙ୍କ ୭୭ ବର୍ଷ ବୟସର ମାଆଙ୍କର କୌଣସି ଆୟର ଉତ୍ସ ନାହିଁ ଏବଂ ତାଙ୍କ ବିବାହିତ ଝିଅ ସହିତ ରହୁଛନ୍ତି," କୋର୍ଟ କହିଛନ୍ତି।

## ଆତ୍ମହତ୍ୟା ଧମକ ଦେଲେ ସୁନ୍ଦରୀ ସାଧ୍ୱୀ ହର୍ଷା



**ପ୍ରୟାଗରାଜ,୨୬।୨:** ମହାକୁମ୍ଭ ସମୟରେ ଭାଇରାଲ ହୋଇଥିବା ସୁନ୍ଦରୀ ସାଧ୍ୱୀ ହର୍ଷା ରିଚାରିଆଙ୍କ ବିଷୟରେ ଏକ ଖବର ସାମ୍ନାକୁ ଆସିଛି। ହର୍ଷା ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି ଏହା ପଛର କାରଣ ମଧ କହିଛନ୍ତି। ଭିଡିଓରେ ହର୍ଷା କାନ୍ଦି କାନ୍ଦି ନିଜର ଯନ୍ତ୍ରଣା ପ୍ରକାଶ କରୁଛନ୍ତି। ହର୍ଷା ସୋସିଆଲ ମିଡିଆରେ ଭିଡିଓ ଜାରି କରି କହିଛନ୍ତି, ମୋର କିଛି ନକଲି ଭିଡିଓ ମଧ ମୁଁ ଜାଣିଥିବା ଲୋକଙ୍କ ଦ୍ୱାରା ଶେୟାର କରାଯାଉଛି। ଏହି ନକଲି ଭିଡିଓଗୁଡ଼ିକ ଶେୟାର ହେବା ଦ୍ୱାରା ମୋର ବଦନାମ ହେଉଛି। ଏହି ଭିଡିଓ ଭାଇରାଲ କରୁଥିବା ଲୋକଙ୍କ ନାଁ ବି ମୁଁ ଜାଣିଛି। ହର୍ଷା ଭିଡିଓରେ ଆହୁରି କହିଛନ୍ତି, ମୁଁ ଏତେ ବିରକ୍ତ ଯେ, ଆତ୍ମହତ୍ୟା କରିବାକୁ ବାଧ ହେବି। ଯଦି ମୁଁ ଆତ୍ମହତ୍ୟା କରେ, ତେବେ ମୁଁ ସୁଇସାଇଡ୍ ନୋଟ୍‌ରେ ସେମାନଙ୍କ ସମସ୍ତଙ୍କ ନାମ ଲେଖିବି। ମୁଁ ତୁମକୁ କହିବି କିଏ ମୋ ପ୍ରତି କ'ଣ କରିଛି? ଭିଡିଓର ଆରମ୍ଭରେ ହର୍ଷା କହିଛନ୍ତି, ମୁଁ ମହାକୁମ୍ଭରେ ଏକ ପ୍ରତିଜ୍ଞା କରିଥିଲି, ମୁଁ ହିନ୍ଦୁତ୍ୱ ସନାତନ ପାଇଁ କାମ କରିବାକୁ ସଂକଳ୍ପ କରିଥିଲି। ମୁଁ ଯୁବପିଢ଼ିଙ୍କୁ ଧାର୍ମିକ ସଂସ୍କୃତି ବିଷୟରେ ସଚେତନ କରିବା ପାଇଁ କାମ କରିବି, କିନ୍ତୁ କିଛି ଧର୍ମ ବିରୋଧୀ ଲୋକ ମୋତେ ଆଗକୁ ବଢ଼ିବାରୁ ବାଧା ଦେଉଛନ୍ତି। ମୋର ପୁରୁଣା ଭିଡିଓଗୁଡ଼ିକ ଶେୟାର କରୁଛନ୍ତି।। ଲୋକମାନେ ପଚାରୁଛନ୍ତି ଯେ, ସେ କିପରି ଜଣେ ସାଧ୍ୱୀ ହୋଇପାରିବେ? ମୁଁ କେବେ କହିନାହିଁ ଯେ ମୁଁ ଜଣେ ସାଧ୍ୱୀ।

# ବାହାବେଦୀରେ କନ୍ୟାର ବନ୍ଧୁଙ୍କୁ ଫୁଲମାଳ ପିନ୍ଧାଇଦେଲେ ବର



**ନୂଆଦିଲ୍ଲୀ,୨୬।୨ :** ବାଜୁଥିଲା ବାଜା, ଚାଲିଥିଲା ଖାଇବା ପିଇବା। ସମସ୍ତେ ହସଖୁସିରେ ମାତି ଥିଲେ, ବାହାଘର ପାଇଁ ପ୍ରସ୍ତୁତି ସରିଥିଲା। ସମସ୍ତେ ବାହାଘରକୁ ଉପଭୋଗ ବି କରୁଥିଲେ। କିନ୍ତୁ ହଠାତ ସବୁ କିଛି ବଦଳି ଯାଇଥିଲା। ଉଡ଼ିଥିଲା ଚେୟାର, ଶୁଭିଥିଲା ଚିତ୍କାର। କାରଣ ବାହା ହେବାକୁ ଆସିଥିବା ବର ଜଣଙ୍କ ପିଇଥିଲେ ପ୍ରବଳ ମଦ। ମଦ ନିଶାରେ ସେ କନ୍ୟା ବଦଳରେ ତାଙ୍କ ବେଷ୍ଟ ଫ୍ରେଣ୍ଡଙ୍କୁ ପିନ୍ଧାଇ ଦେଇଥିଲେ ଫୁଲ ମାଳ।

ବାସ ଏହାକୁ ନେଇ ଆରମ୍ଭ ହୋଇଥିଲା ତୁମୁଳକାଣ୍ଡ। ବେଦୀରେ ବାହା ହେବାକୁ ବସିଥିବା ୨୧ ବର୍ଷୀୟ ରାଧା ଦେବୀ ରାଗରେ ବରଙ୍କୁ ଦେଇଥିଲେ ଶକ୍ତ ଚାପୁଡ଼ା। ଏହାପରେ ବେଦୀରୁ ଉଠିଥିଲେ ଓ ବାହା ହେବେ ନାହିଁ କହି ସେଠାରୁ ଚାଲି ଯାଇଥିଲେ। ବାହାଘର ବେଳେ ଏପରି ହାଇଡ୍ରାମା ଉତ୍ତର ପ୍ରଦେଶର ବରେଲୀରେ ଦେଖିବାକୁ ମିଳିଛି।

ପୂରା ଘଟଣାର ଆଉ ଗୋଟିଏ କାହାଣୀ ହେଲା ରବୀନ୍ଦ୍ର କୁମାର ନିଜ ପସନ୍ଦର ଗୋଟିଏ ଝିଅଙ୍କୁ ବାହା ହେବାକୁ ଚାହୁଁଥିଲେ। ବାହାଘର ଦିନ ସେ ମଣ୍ଡପକୁ ପ୍ରଚୁର ମଦ ପିଇ ଆସିଥିଲେ। ମଣ୍ଡପରେ ପହଞ୍ଚିବା ପରେ ସେ କନ୍ୟା ପକ୍ଷଙ୍କ ସହ ଅଭଦ୍ରଙ୍କ ଭଳି ବ୍ୟବହାର କରିଥିଲେ। ବାହାଘର ଅଧାରୁ ମଧ୍ୟ ସେ ନିଜ ସାଙ୍ଗମାନଙ୍କ ସହ ମଦ ପିଇବାରେ ଲାଗିଥିଲେ।

ପଣ୍ଡିତ ଫୁଲ ମାଳ ଅଦଳବଦଳ ପାଇଁ ଡାକିବା ବେଳେ ମଧ୍ୟ ପିଇବାରେ ଲାଗିଥିଲେ। ତେବେ ପଣ୍ଡିତଙ୍କ ଡକରା ପାଇଁ ସେ ଝୁଲିଝୁଲି ବେଦୀକୁ ଆସିଥିଲେ। ଏହାପରେ ଫୁଲମାଳ ଅଦଳବଦଳ ହୋଇଥିଲା। କିନ୍ତୁ ନିଶାରେ ଚୁର ରବୀନ୍ଦ୍ର କନ୍ୟା ରାଧାଙ୍କ ବଦଳରେ ତାଙ୍କ ପାଖରେ ଛିଡ଼ା ହୋଇଥିବା ବନ୍ଧୁଙ୍କ ବେକରେ ଫୁଲ ମାଳ ପକାଇ ଦେଇଥିଲେ। ଯୌତୁକ ଦାବିକୁ ନେଇ ରାଗରେ ଥିବା ରାଧା ଏବେ ଫୁଲ ମାଳ କାଣ୍ଡକୁ ନେଇ ପୂରା ଚିହିଁକି ଉଠିଥିଲେ। ସେ ସିଧା ସର୍ବସମ୍ମୁଖରେ ରବୀନ୍ଦ୍ରଙ୍କୁ ଶକ୍ତ ଚାପୁଡ଼ା ମାରିବା ସହ ବେଦୀରୁ ଚାଲି ଯାଇଥିଲେ।

ଏହାକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ଆରମ୍ଭ ହୋଇଯାଇଥିଲା ଯୁକ୍ତିତର୍କ ଓ ମାରପିଟ। ସେମାନେ ପରସ୍ପର ଉପରକୁ ଚେୟାର ଓ ଅନ୍ୟାନ୍ୟ ଜିନିଷ ମଧ୍ୟ ଫିଙ୍ଗିଥିଲେ। ଶେଷରେ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିବା ସହ ସ୍ଥିତିକୁ ନିଜ ନିୟନ୍ତ୍ରଣକୁ ନେଇଥିଲା।

ସବୁକିଛି ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ୨୬ ବର୍ଷୀୟ ରବୀନ୍ଦ୍ର କୁମାର ବରଯାତ୍ରୀଙ୍କ ସହ ବିଳମ୍ବରେ ବାହାଘର ମଣ୍ଡପରେ ପହଞ୍ଚିଥିଲେ। ବିଳମ୍ବରେ ବାହା ହେବାକୁ ଆସିଥିବା ବରଯାତ୍ରୀ ମଣ୍ଡପରେ ପହଞ୍ଚିବା ମାତ୍ରେ ମଦ ନିଶାରେ ଅଭଦ୍ରଙ୍କ ଭଳି ବ୍ୟବହାର କରିଥିଲେ। ବରର ପରିବାର ଲୋକ ବାହାଘର ମଣ୍ଡପରେ ଅଧିକ ଯୌତୁକ ମାଗିଥିଲେ। ବାହାଘର ପୂର୍ବରୁ କନ୍ୟା ଘର ଲୋକ ୨.୫ ଲକ୍ଷ ଓ ବାହାଘର ଦିନ ସକାଳୁ ଆଉ ୨ ଲକ୍ଷ ଦେଇଥିଲେ। କିନ୍ତୁ ୪.୫ ଲକ୍ଷ ଟଙ୍କା ପାଇବା ସତ୍ତ୍ୱେ ବର ଘର ଲୋକଙ୍କ ମନ ବୁଝି ନଥିଲା। ସେମାନେ ମଣ୍ଡପରେ ଅଧିକ ଟଙ୍କା ମାଗିଥିଲେ। ଏହାକୁ ନେଇ ମଣ୍ଡପରେ ବେଶ କିଛି ସମୟରେ ଯୁକ୍ତିତର୍କ ହୋଇଥିଲା।

## ହାସିନାଙ୍କୁ ତଡିଥିଲେ, ଏବେ ନୂଆ ଦଳ ଗଢ଼ିବେ ଛାତ୍ରନେତା

**ଢାକା,୨୬।୨:** ବାଂଲାଦେଶରେ ଲାଗି ରହିଛି ରାଜନୈତିକ ଅସ୍ଥିରତା। ଯେଉଁ ଛାତ୍ର ନେତାମାନଙ୍କ ଯୋଗୁଁ ଶେଖ ହାସିନାଙ୍କ ସରକାରର ପତନ ଘଟିଥିଲା, ସେହି ନେତାମାନେ ଏବେ ଏକ ନୂତନ ରାଜନୈତିକ ଦଳ ଗଠନ କରିବା ନେଇ ଘୋଷଣା କରିଛନ୍ତି। ଶେଖ ହାସିନାଙ୍କ ସରକାରକୁ ଭାଙ୍ଗିବା ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିବା ଜାତୀୟ ନାଗରିକ ସମିତି ଏବଂ ଭେଦଭାବ ବିରୋଧୀ ଛାତ୍ର ଆନ୍ଦୋଳନ ଦେଶର ରାଜନୀତିରେ ପ୍ରବେଶ କରିବା ନେଇ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାରେ, ନୂତନ ଦଳ ଗଠନର ଘୋଷଣା ଶୁକ୍ରବାର (ବାଂଲାଦେଶୀ ସମୟ) ଅପରାହ୍ନ ୩ଟାରେ କରାଯିବ। ଏନେଇ ସାମ୍ବାଦିକ ସମ୍ମିଳନୀରେ ଜାତୀୟ ନାଗରିକ ସମିତିର ମୁଖ୍ୟ ସଂଗଠକ ସରଜିସ ଆଲାମ ସୂଚନା ଦେଇଛନ୍ତି।

# ଜାଡ୍ରାନ୍ଙ୍କ ଶତକ, ଆଫଗାନିସ୍ତାନଠାରୁ ହାରି ଇଂଲଣ୍ଡ ବିଦା




ଲାହୋର୍,୨୬।୨: ଚଳିତ ଚାମ୍ପିଅନ୍ସ ଟ୍ରଫିରେ ଆଜି ବଡ଼ ବିପର୍ଯ୍ୟୟ ଘଟାଇ ଆଫଗାନିସ୍ତାନ ଇଂଲଣ୍ଡକୁ ପ୍ରତିଯୋଗିତାରୁ ବିଦାୟ ରାସ୍ତା ଦେଖାଇଛି। ଓପନର ଇବ୍ରାହିମ୍ ଜାଡ୍ରାନ୍ଙ୍କ ୧୭୭ ରନ୍‌ର ଦମ୍‌ଦାର ଇନିଂସକୁ ଆଧାର କରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୭ ୱିକେଟ୍‌ରେ ୩୨୫ ରନ୍ କରିଥିଲା। ଏହାର ଜବାବରେ ଇଂଲଣ୍ଡ ୪୯.୫ ଓଭର୍‌ରେ ୩୧୭ ରନ୍‌ରେ ଅଲ୍‌ଆଉଟ୍ ହେବା ଫଳରେ ପ୍ରତିଯୋଗିତାରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଥିଲା। ଜାଡ୍ରାନ୍ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଜାଡ୍ରାନ୍ ତାଙ୍କ ୧୭୭ ରନ୍‌ର ବଳିଷ୍ଠ ଇନିଂସ ପାଇଁ ୧୪୬ଟି ବଲ୍ ଖେଳିବା ସହ ୧୨ଟି ଚୌକା ଓ ୬ଟି ଛକା ଲଗାଇଥିଲେ। ଏହା ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର୍ ହୋଇଥିବା ବେଳେ ଜାଡ୍ରାନ୍ଙ୍କ କ୍ୟାରିୟରର ମଧ୍ୟ ଶ୍ରେଷ୍ଠ ଇନିଂସ। ତାଙ୍କ ବ୍ୟତୀତ ଅଜମତ୍‌ଉଲ୍ଲା ଓମରଜାଇ ୪୧, ଅଧିନାୟକ ହସମତ୍‌ଉଲ୍ଲା ଶାହିଦି ଓ ମହମ୍ମଦ ନବୀ ୪୦ ରନ୍ ଲେଖାଏଁ କରିଥିଲେ। ଇଂଲଣ୍ଡ ପକ୍ଷରୁ ପେସର୍ ଜୋଫ୍ରା ଆର୍ଚର୍ ୩ଟି, ଲିଆମ୍ ଲିଭିଙ୍ଗଷ୍ଟୋନ୍ ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଜୋ ରୁଟ୍ ୧୧ଟି ଚୌକା ଓ ଗୋଟିଏ ଛକା ସହ ୧୨୦ ରନ୍ କରିଥିବା ବେଳେ ଓପନର ବେନ୍ ଡକେଟ୍ ୩୮ ଓ ଜେମି ଓଭର୍ଟନ୍ ୩୨ ରନ୍ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ଓମରଜାଇ ୫ ୱିକେଟ୍‌ର ସଫଳତା ପାଇଥିବା ବେଳେ ନବୀଙ୍କୁ ଦୁଇଟି ୱିକେଟ୍ ମିଳିଛି। ଆଫଗାନିସ୍ତାନ ଆସନ୍ତା ୨୮ ତାରିଖରେ ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ। ଏହି ମ୍ୟାଚ୍‌ଟି ଦଳର ସେମିଫାଇନାଲ୍ ଭାଗ୍ୟ ନିର୍ଦ୍ଧାରଣ କରିବ।

## ଚାମ୍ପିଅନ୍ସ ଟ୍ରଫି ବିପର୍ଯ୍ୟୟ ନେଇ ପିସିବିରେ ହଙ୍ଗାମା

# ସନ୍ନ୍ୟାସ ନେବେ ପାକିସ୍ତାନ କ୍ରିକେଟର୍ ଫଖର ଜମାନ!




ଇସଲାମାବାଦ,୨୬।୨: ଘରୋଇ ମଇଦାନରେ ଆୟୋଜିତ ଚାମ୍ପିଅନ୍ସ ଟ୍ରଫିରେ ଲଜ୍ଜାଜନକ ପ୍ରଦର୍ଶନ ପରେ ପାକିସ୍ତାନ କ୍ରିକେଟ ଦଳରେ ଅଶାନ୍ତି ଆରମ୍ଭ ହୋଇଛି। ନ୍ୟୁଜିଲ୍ୟାଣ୍ଡ ଏବଂ ଭାରତଠାରୁ ପରାଜୟ ପରେ ଏବେ ପାକିସ୍ତାନ କ୍ରିକେଟ ଦଳର ଜଣେ ବଡ଼ ଖେଳାଳି ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନୀ ଗଣମାଧ୍ୟମରୁ ଆସୁଥିବା ରିପୋର୍ଟ ଅନୁସାରେ, ଦଳର ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବଂ ଚାମ୍ପିଅନ୍ସ ଟ୍ରଫି ୨୦୧୭ ଫାଇନାଲ ହିରୋ ଫଖର ଜମାନ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବାମହାତୀ ଷ୍ଟାର ବ୍ୟାଟ୍ସମ୍ୟାନ୍ ଖୁବ୍‌ଶୀଘ୍ର ଏହାକୁ ନେଇ ଆନୁଷ୍ଠାନିକ ଭାବରେ ଘୋଷଣା କରିବେ। ୨୯ ବର୍ଷ ପରେ ପ୍ରଥମ ଥର ପାଇଁ ଆଇସିସି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ପାକିସ୍ତାନକୁ ଦୃଢ଼ ପ୍ରଦର୍ଶନ ଆଶା କରାଯାଉଥିଲା, କିନ୍ତୁ ମହମ୍ମଦ ରିଜୱାନଙ୍କ ନେତୃତ୍ୱାଧୀନ ଦଳ ପ୍ରଶଂସକମାନଙ୍କୁ ବହୁତ ନିରାଶ କରିଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିପକ୍ଷରେ ପରାଜୟ ସହିତ ଦଳ ପ୍ରଥମ ରାଉଣ୍ଡରୁ ବାଦ ପଡ଼ିଛି। ସେବେଠାରୁ ସମସ୍ତେ ଦଳର ଖେଳାଳିଙ୍କୁ ଟ୍ରୋଲ୍ କରୁଛନ୍ତି। ପୂର୍ବତନ କ୍ରିକେଟର ଏବଂ ଗଣମାଧ୍ୟମ ବ୍ୟତୀତ ପ୍ରଶଂସକମାନେ ମଧ୍ୟ ଦଳରେ ପରିବର୍ତ୍ତନ ଦାବି କରୁଛନ୍ତି। ପ୍ରଶଂସକଙ୍କ ଦାବି ମଧ୍ୟରେ ପାକିସ୍ତାନର କିମ୍ବଦନ୍ତୀ ଓପନର ଫଖର ଜମାନ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନୀ ଗଣମାଧ୍ୟମ ସାମା ଟିଭିର ରିପୋର୍ଟ ଅନୁଯାୟୀ, ୩୪ ବର୍ଷୀୟ ଫଖର ଜମାନ ଏ ବିଷୟରେ ତାଙ୍କର ନିକଟତମ ଲୋକଙ୍କ ସହ କଥା ହୋଇଛନ୍ତି ଏବଂ ସେମାନଙ୍କୁ କହିଛନ୍ତି ଯେ ସେ ଅବସର ନେବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ଏହାକୁ ଆନୁଷ୍ଠାନିକ ଭାବରେ ଘୋଷଣା ମଧ୍ୟ କରିବେ। କେବଳ ଏତିକି ନୁହେଁ, ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ ଫଖର ଖୁବ ଶୀଘ୍ର ପାକିସ୍ତାନ ଛାଡି ତାଙ୍କ ପରିବାର ସହିତ ଅନ୍ୟ ଦେଶରେ ରହିବାକୁ ଯୋଜନା କରୁଛନ୍ତି। ଚାମ୍ପିଅନ୍ସ ଟ୍ରଫି ପରାଜୟ ପରେ ପାକିସ୍ତାନୀ ଦଳର ଏହା ବିପର୍ଯ୍ୟୟ ସାବ୍ୟସ୍ତ ହେବ। ଫଖରଙ୍କ ଦିନିକିଆ କ୍ୟାରିଅର ମଧ୍ୟ ୨୦୧୭ ଚାମ୍ପିଅନ୍ସ ଟ୍ରଫି ସହିତ ଆରମ୍ଭ ହୋଇଥିଲା। ଏହି ଟୁର୍ନାମେଣ୍ଟର ଫାଇନାଲରେ ସେ ଭାରତ ବିପକ୍ଷରେ ଏକ ଚମତ୍କାର ଶତକ ହାସଲ କରି ତାଙ୍କ ଦଳକୁ ଚାମ୍ପିଅନ କରିଥିଲେ। ଏବେ ୮ ବର୍ଷ ପରେ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବିଦାୟ ନେବା ସହିତ ତାଙ୍କ କ୍ୟାରିଅରର ଅନ୍ତ ହେବାକୁ ଯାଉଛି। ଫଖର ୮୬ଟି ଦିନିକିଆ ମ୍ୟାଚ୍‌ରେ ୪୬ ହାରରେ ୩୬୫୧ ରନ କରିଛନ୍ତି, ଯେଉଁଥିରେ ୧୧ ଶତକ ଏବଂ ୧୭ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ସେ ପାକିସ୍ତାନ ପାଇଁ ODIରେ ଦ୍ୱିଶତକ ହାସଲ କରିଥିବା ଏକମାତ୍ର ବ୍ୟାଟସମ୍ୟାନ।

## ବୟସ ଜାଲିଆତି ମାମଲାରେ ଲକ୍ଷ୍ୟଙ୍କୁ ଆଶ୍ୱସ୍ତି




ବେଙ୍ଗାଲୁରୁ, ୨୬।୨: ବୟସ ଜାଲିଆତି ମାମଲାରେ କର୍ଣ୍ଣାଟକ ପୁଲିସ ବ୍ୟାଡ୍‌ମିଣ୍ଟନ୍ ତାରକା ଲକ୍ଷ୍ୟ ସେନ୍, ତାଙ୍କ ପରିବାର ଓ ପ୍ରଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ରହିତାଦେଶ ଜାରି କରିଛନ୍ତି। ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଓ କେ ବିନୋଦ ଚନ୍ଦ୍ରନ୍ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ କର୍ଣ୍ଣାଟକ ସରକାର ଏବଂ ଅଭିଯୋଗକାରୀ ଏମ୍‌ଜି ନାଗରାଜଙ୍କୁ ନୋଟିସ୍ ଜାରି କରିଛନ୍ତି। ନାଗରାଜ ଅଭିଯୋଗ କରିଥିଲେ ଯେ ବିଭିନ୍ନ ବୟସବର୍ଗ ପ୍ରତିଯୋଗିତା ଖେଳିବା ଲାଗି ଲକ୍ଷ୍ୟ, ତାଙ୍କ ଭାଇ ଚିରାଗ, ମାତା-ପିତା ଓ ପ୍ରଶିକ୍ଷକଙ୍କ ସହ ଯୋଜନାବଦ୍ଧ ଭାବେ ନିଜନିଜ ବୟସକୁ ଅଢ଼େଇ ବର୍ଷ ପର୍ଯ୍ୟନ୍ତ କମାଇ ଦେଇଥିଲେ। ଜାଲ ଜନ୍ମଗତ ପ୍ରମାଣପତ୍ର ପ୍ରସ୍ତୁତ କରି ଏଭଳି କାରନାମା କରିଥିଲେ। ଲକ୍ଷ୍ୟ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ। ନାଗରାଜଙ୍କ ଅଭିଯୋଗ ଆଧାରରେ କର୍ଣ୍ଣାଟକ ପୁଲିସ ଲକ୍ଷ୍ୟ ଏବଂ ଅନ୍ୟମାନଙ୍କ ବିରୋଧରେ ଫୌଜଦାରି ମାମଲା ଦାୟର କରିଥିଲା। କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ମଧ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଲକ୍ଷ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଲାହୋରରେ ଇତିହାସ ରଚିଲେ ଆର୍ଚର



ଲାହୋର, ୨୬।୨: ଚାମ୍ପିଅନ୍ସ ଟ୍ରଫି-୨୦୨୫ରେ ବୁଧବାର ପାକିସ୍ତାନର ଲାହୋରର ଗଦାଫି ଷ୍ଟାଡିୟମରେ ଇଂଲଣ୍ଡ ଏବଂ ଆଫଗାନିସ୍ତାନ ମଧରେ ଖେଳାଯାଉଥିବା ମ୍ୟାଚ୍‌ରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଧାର୍ଯ୍ୟ ୫୦ ଓଭରରେ ୭ ୱିକେଟ ହରାଇ ୩୨୫ ରନ୍ କରିଛି। ଇଂଲଣ୍ଡ ପାଇଁ କର ବା ମର ମ୍ୟାଚ୍‌ରେ ଜୋଫ୍ରା ଆର୍ଚର ପ୍ରାରମ୍ଭରେ ଆଫଗାନିସ୍ତାନର ବିପର୍ଯ୍ୟୟ ଘଟାଇଥିଲେ। ଆର୍ଚର ଆଫଗାନିସ୍ତାନର ଟପ୍ ଅର୍ଡରକୁ ଧ୍ୱଂସ କରିଦେଇଥିଲେ। ପାୱାରପ୍ଲେ ମଧରେ ହିଁ, ଇଂଲିସ୍ ଦ୍ରୁତ ବୋଲର ତିନି ଜଣ ଆଫଗାନିସ୍ତାନ ବ୍ୟାଟସମ୍ୟାନଙ୍କୁ ପାଭିଲିୟନକୁ ପଠାଇ ଦେଇଥିଲେ।

ତିନୋଟି ୱିକେଟ ନେବା ସହିତ, ଆର୍ଚର ଏକଦିବସୀୟ କ୍ରିକେଟରେ ତାଙ୍କର ଅନନ୍ୟ ଅର୍ଦ୍ଧଶତକ ମଧ ପୂରଣ କରିଛନ୍ତି। ଆର୍ଚର ଜେମ୍ସ ଆଣ୍ଡରସନଙ୍କ ସର୍ବକାଳୀନ ରେକର୍ଡକୁ ମଧ ଭାଙ୍ଗି ଦେଇଛନ୍ତି। ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନ୍ ରହମାନୁଲ୍ଲା ଗୁରବାଜଙ୍କୁ ପାଭିଲିୟନ ପଠାଇ ଜୋଫ୍ରା ଆର୍ଚର ଏକଦିବସୀୟ କ୍ରିକେଟରେ ତାଙ୍କର ୫୦ ୱିକେଟ ପୂରଣ କରିଥିଲେ। ଆର୍ଚର ଏକଦିବସୀୟ କ୍ରିକେଟରେ ଇଂଲଣ୍ଡ ପାଇଁ ଦ୍ରୁତତମ ୫୦ ୱିକେଟ୍ ନେବାରେ ମଧ ଶ୍ରେଷ୍ଠ ବୋଲର ହୋଇଛନ୍ତି। ସେ ତାଙ୍କର ୩୦ତମ ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଛନ୍ତି। ଏହା ସହିତ ଆର୍ଚର ଜେମ୍ସ ଆଣ୍ଡରସନଙ୍କ ସର୍ବକାଳୀନ ରେକର୍ଡ ଭାଙ୍ଗି ଦେଇଛନ୍ତି।

ଆଣ୍ଡରସନ ତାଙ୍କର ୩୧ତମ ମ୍ୟାଚ୍‌ରେ ଏକଦିବସୀୟରେ ୱିକେଟ୍ ହାସଲ କରିବାର ଅର୍ଦ୍ଧଶତକ ପୂରଣ କରିଥିଲେ। ଇଂଲିଶ ଦ୍ରୁତ ବୋଲର ଗୁରବାଜଙ୍କୁ କ୍ଲିନ୍ ବୋଲ୍ଡ କରି ମାତ୍ର ୬ ରନ୍‌ରେ ପାଭିଲିୟନ ଫେରାଇ ଦେଇଥିଲେ। ସେହି ସମୟରେ, ସିଦିକୁଲ୍ଲାହ ଅଟଳ ମାତ୍ର ୪ ରନ କରି ଆର୍ଚରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗତ ମ୍ୟାଚ୍‌ରେ ୯୦ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିବା ରେହମତ ଶାହଙ୍କୁ ମାତ୍ର ୪ ରନ୍‌ରେ ଆର୍ଚର୍ ଆଉଟ୍ କରିଥିଲେ। ଯଦି ଇଂଲଣ୍ଡ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସେମିଫାଇନାଲରେ ପହଞ୍ଚିବାର ଆଶାକୁ ଉଜ୍ଜୀବିତ ରଖିବାକୁ ଚାହେଁ, ତେବେ ଦଳକୁ ଯେକୌଣସି ମୂଲ୍ୟରେ ଆଫଗାନିସ୍ତାନ ବିପକ୍ଷରେ ବିଜୟୀ ହେବାକୁ ପଡିବ। ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଦଳକୁ ଅଷ୍ଟ୍ରେଲିଆ ହାତରୁ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦଳର ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ଦୃଢ଼ ଥିଲା। ତଥାପି, ଇଂଲଣ୍ଡ ବୋଲରମାନେ ୩୫୨ ରନର ଟାର୍ଗେଟକୁ ରକ୍ଷା କରିବାରେ ବିଫଳ ହୋଇଥିଲେ। ଯଦି ଜୋସ୍ ବଟଲରଙ୍କ ସେନା ଆଫଗାନିସ୍ତାନ ବିପକ୍ଷରେ ପରାଜୟର ସମ୍ମୁଖୀନ ହୁଏ, ତେବେ ଏହି ଟୁର୍ଣ୍ଣାମେଣ୍ଟରେ ଦଳର ଯାତ୍ରା ଶେଷ ହୋଇଯିବ।

# ଡବଲ ବିଜୟରେ କମ୍ପିଲା କଳିଙ୍ଗ: ଚାମ୍ପିଅନ୍‌କୁ ଚକ୍‌ମା

ଭୁବନେଶ୍ୱର, ୨୬।୨(ସଂଚାର ବ୍ୟୁରୋ): ସୋମବାର ଯୁଗଳ ପରାଜୟ ବରଣ କରିଥିବା ଭାରତୀୟ ହକି ମଙ୍ଗଳବାର ଯୁଗଳ ବିଜୟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣକୁ ଚମତ୍କାର ଢଙ୍ଗରେ ଶେଷ କରିଛି। ହର୍ମନପ୍ରୀତ୍ ସିଂହଙ୍କ ପୁରୁଷ ଦଳ ୨-୧ରେ ଇଂଲଣ୍ଡକୁ ପରାସ୍ତ କରିଛି। ସଂଧ୍ୟା ମୁକାବିଲାରେ ଭାରତୀୟ ମହିଳା ଦଳ ସୁଟ୍ ଆଉଟ୍‌ରେ ୪ ଥର ବିଜେତା ନେଦରଲାଣ୍ଡ୍‌ସକୁ ପରାସ୍ତ କରି ଡ୍ର' ମ୍ୟାଚ୍‌ରୁ ଅତିରିକ୍ତ ଗୋଟିଏ ପଏଣ୍ଟସ୍ଥ କରି ନେଇଛି। ପୁରୁଷ ଦଳ ଏଥି ସହ ୮ରୁ ୫ ବିଜୟ ୧୫ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଲମ୍ଫ ମାରିଛି। ଇଂଲଣ୍ଡ କିନ୍ତୁ ୪ ବିଜୟ ଓ ୨ ଡ୍ର' ବିଜୟରୁ ୧୬ ପଏଣ୍ଟ ପାଇ ଶୀର୍ଷରେ ଅଭିଯାନ ଶେଷ କରିଛି। ଅଲିମ୍ପିକ୍ କାଂସ୍ୟ ବିଜେତା ଭାରତୀୟ ଦଳ ପ୍ରୋ ଲିଗ୍‌ର ଶେଷ ଚରଣକୁ ଅନ୍ତୱର୍ପରେ ଜୁନ୍ ମାସରେ ଖେଳିବ।

### ଇଂଲଣ୍ଡକୁ ପୁରୁଷ, ନେଦରଲାଣ୍ଡ୍‌ସକୁ ମହିଳା ହରାଇଲେ

ଭାରତୀୟ ଦଳ ମଙ୍ଗଳବାର ପ୍ରଥମ କ୍ୱାର୍ଟର୍‌ରେ ପ୍ରଭାବହୀନ ରହିଥିଲେ ମଧ କ୍ରମେ ଲୟକୁ ଫେରିଥିଲା। ପ୍ରଥମ କ୍ୱାର୍ଟରଟି ଗୋଲ୍‌ଶୂନ୍ୟ ବିତିଥିଲା। ବିଶେଷ ଗୋଲ୍ ସୁଯୋଗ ବି ସୃଷ୍ଟି କରିପାରି ନଥିଲା। ଦ୍ୱିତୀୟ କ୍ୱାର୍ଟର୍ ପ୍ରଥମରୁ ଯୁଗରାଜ ସିଂହ ହଳଦିଆ କାର୍ଡ ପାଇ ବାହାରକୁ ଯିବା ସତ୍ତ୍ୱେ ଅଧିନାୟକ ହର୍ମନପ୍ରୀତ୍ ସିଂହଙ୍କ ପେନାଲ୍ଟି କର୍ଣ୍ଣର ଗୋଲ୍ ଭାରତକୁ ଆଗୁଆ କରିଦେବା ସହ ମହିଳା ଦଳର ବିଜୟପରଠାରୁ ଉଲ୍ଲସିତ ଥିବା ପ୍ରଶଂସକଙ୍କୁ ଉନ୍ମାଦନାରେ ଭରି ଦେଇଥିଲେ। ଇଂଲଣ୍ଡ କିନ୍ତୁ ଏହାକୁ ରିଭ୍ୟୁ ଜରିଆରେ ପାଇଥିବା ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ଶୁଝି ଦେଇଥିଲା। ସ୍ପଟ୍ ଷ୍ଟ୍ରୋକ୍‌କୁ ଗୋଲ୍‌ରେ ପରିଣତ କରିବାରେ କନୋର ୱିଲିୟମ୍‌ସନ୍ କୌଣସି ତ୍ରୁଟି କରି ନଥିଲେ। ପ୍ରଥମାର୍ଦ୍ଧ ୧-୧ ଗୋଲ୍‌ରେ ଶେଷ ହୋଇଥିଲା। ତୃତୀୟ କ୍ୱାର୍ଟରରେ ମଧ ଭାରତୀୟ ଖେଳାଳି ଦମ୍ ଲଗାଇ ଦେଇଥିଲେ। ଫଳରେ ଦଳକୁ ମିଳିଥିବା କ୍ରମାଗତ ପେନାଲ୍ଟି କର୍ଣ୍ଣରରୁ ହର୍ମନପ୍ରୀତ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ଭାରତକୁ ପୁଣି ଥରେ ଆଗୁଆ କରିଥିଲେ। ଶେଷ କିଛି କ୍ଷଣ ଇଂଲଣ୍ଡ ସବୁ ପ୍ରୟାସ କରିଥିଲେ ମଧ ଭାରତର ଡିଫେଣ୍ଡର୍ ସବୁଗୁଡ଼ିକୁ ପଣ୍ଡ କରି ଦେଇଥିଲେ। ଶେଷ ହ୍ୱିସିଲ୍ ବାଜିବା ପୂର୍ବରୁ କିନ୍ତୁ କଳିଙ୍ଗ ଷ୍ଟାଡିୟମ୍ ପ୍ରାୟ ୫ ମିନିଟ୍ ଧରି ଆତଶବାଜିରେ କମ୍ପି ଉଠିଥିଲା। ଏପରିକି ଶେଷ ରିଭ୍ୟୁ ଫଳାଫଳ ପୂର୍ବରୁ କଳିଙ୍ଗରେ ବିଜୟ ଉତ୍ସବରେ ପ୍ରଶଂସକମାନେ ନାଚି ଉଠିଥିଲେ। ଚମତ୍କାର ଖେଳିଥିବା ହାର୍ଦ୍ଦିକ ସିଂହ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ବିବେକ ପ୍ରସାଦ ସାଗର ଓ ସୁଶୀଳା ଚାନୁ ମ୍ୟାଚ୍ ପରେ ନିଜ ଜନ୍ମଦିନକୁ ପାଳନ କରିବା ଏହାକୁ ଅଧିକ ସ୍ମରଣୀୟ କରି ଦେଇଥିଲା। ମ୍ୟାଚ୍ ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବାଂଶୀ ସୂରଜ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ଉତ୍ସାହିତ କରିଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ଏବଂ ସମ୍ପାଦକ ଭୋଳାନାଥ ସିଂହ ପ୍ରତିଯୋଗିତାର ସଫଳ ସମାପନ ପାଇଁ ସମସ୍ତଙ୍କୁ ଶ୍ରେୟ ଦେଇଥିଲେ। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ପୁରୁଷ ଦଳ ୪-୨ରେ ଆୟର୍ଲାଣ୍ଡ୍‌କୁ ପରାସ୍ତ କରିଥିଲା। ଫଳରେ ଆୟର୍ଲାଣ୍ଡ୍ ବିପକ୍ଷରେ ଜର୍ମାନୀ ଡବଲ୍ ବିଜୟ ସହ ଅଭିଯାନ ଶେଷ କରିଥିଲା। ଜର୍ମାନୀ ମଧ ଭୁବନେଶ୍ୱରରେ ଖେଳିଥିବା ୮ ମ୍ୟାଚ୍‌ରୁ ୪ ବିଜୟ ସହ ୧୩ ପଏଣ୍ଟ ପାଇ ବିଦାୟ ନେଇଛି।

### ଚାମ୍ପିଅନ୍‌କୁ ଚକ୍‌ମା

ଭାରତୀୟ ମହିଳା ଦଳ ସୋମବାର ଗତ ସଂସ୍କରଣ ବିଜେତା ନେଦରଲାଣ୍ଡ୍‌ସ୍‌ଠାରୁ ୨-୪ରେ ହାରିଥିଲେ ମଧ ମଙ୍ଗଳବାର ସେହି ଦଳ ବିପକ୍ଷରେ ୪-୩ (୨-୨) ବିଜୟ ସହ ମଧୁର ପ୍ରତିଶୋଧ ନେଇଛି। ଅବଶ୍ୟ ସୁଟ୍ ଆଉଟ୍‌ରେ ଭେଟେରାନ୍ ଗୋଲି ସବିତାଙ୍କ ସାହସିକ ପ୍ରଦର୍ଶନ ବଳରେ ଭାରତ ଏହି ବିଜୟ ପାଇଛି। ନିୟମିତ ସମୟରେ ଉଭୟ ଦଳ ୨-୨ ଗୋଲ୍‌ରେ ଅମୀମାଂସିତ ରହିବା ପରେ ସୁଟ୍ ଆଉଟ୍ ବେଳକୁ ସଲିମା ଟେଟେଙ୍କ ଦଳ ବାଜିମାରି ନେଇଛି। ଦ୍ୱିତୀୟାର୍ଦ୍ଧରେ ଚମତ୍କାର ପ୍ରତ୍ୟାବର୍ତ୍ତନ କାରଣରୁ ଭାରତ ଅଷ୍ଟମ ମ୍ୟାଚ୍‌ରୁ ଦ୍ୱିତୀୟ ଡ୍ର' ଅର୍ଜନ କରିପାରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଚ୍ୟୁତ! ତୁମକୁ...

ବିକି ଦି' ପଇସା ରୋଜଗାର କରିବା ସହ ଏଥିରେ ପୁଅକୁ ଗାଁ ସ୍କୁଲରେ ପାଠ ପଢ଼ାଉଥିଲା। କିନ୍ତୁ ପିଲାର ଭବିଷ୍ୟତ ଭଲ ହେବ ଭାବି ସେ କିସ ଏଜେଣ୍ଟଙ୍କ ମିଛ ଆଶ୍ୱାସନାରେ ଫସିଯାଇଥିଲେ।

କିସରେ ନାମ ଲେଖାଇବାର ପ୍ରଥମ ତିନି ବର୍ଷ ବାର୍ଷିକ ପରୀକ୍ଷା ପରେ ଘରକୁ ଆସୁଥିଲା ରାମଚନ୍ଦ୍ର। କିନ୍ତୁ ୨୦୧୫ରେ ନବମ ପରୀକ୍ଷାର ଗୋଟିଏ ବିଷୟ ବାକି ଥିବା ବେଳେ ସେ ହଠାତ କିସ୍ ହଷ୍ଟେଲରୁ କୁଆଡ଼େ ନିଖୋଜ ହୋଇଗଲା। ପରୀକ୍ଷା ସରିବା ପରେ ପୁଅ ଗାଁକୁ ଆସିବ ବୋଲି ମା' ଅନେଇ ବସିଥିଲେ। କିନ୍ତୁ ଲଗାତାର ତିନି ବର୍ଷ ପୁଅ ଗାଁକୁ ନ ଆସିବାରୁ ସେ ପ୍ରଥମେ କିସ ଏଜେଣ୍ଟଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ ସେମାନେ ରାମଚନ୍ଦ୍ରର ନିଖୋଜ କଥା ଶୁଣିବା ପରେ ଆଉ ଧରାଛୁଆଁ ଦେଇନଥିଲେ। ତେଣୁ ବାଧ୍ୟ ହୋଇ ବୁଧାଇ ନିଜେ ଆସି କିସରେ ପହଞ୍ଚିଥିଲେ। କିନ୍ତୁ ତାଙ୍କୁ କିସ୍ ପରିସରରେ ପ୍ରବେଶର ସୁଯୋଗ ବି ଦିଆଯାଇନଥିଲା। ତେଣୁ ସେ ଫେରିଯାଇ ଗତ ୨୦୧୮ ଅପ୍ରେଲ ୧୮ ତାରିଖରେ ମୁଦୁଲିପଡ଼ା ଥାନାରେ ତାଙ୍କ ପୁଅ କିସରୁ ନିଖୋଜ ହୋଇଥିବା ନେଇ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ଅଚ୍ୟୁତଙ୍କ ପରି ଜଣେ ବଡ଼ହାତୀ ବିରୋଧରେ କୌଣସି ପଦକ୍ଷେପ ନେବାକୁ ଉଚିତ ମଣିଲାନି।

ଏହି ଖବର ସେତେବେଳେ କିଛି ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏଥିରେ ହସ୍ତକ୍ଷେପ କରିଥିଲେ ଆରଟିଆଇ କର୍ମୀ ପ୍ରଦୀପ ପ୍ରଧାନ। ସେ ଶିଶୁ ଅଧିକାର ସୁରକ୍ଷା କମିଶନ୍‌ରେ ଆବେଦନ କରିଥିଲେ। କମିଶନ ଏହି ମାମଲାର ଶୁଣାଣି କରି ମାଲକାନଗିରି ଏସଡିପିଓ ଓ କିସ୍ ଅଧିକାରୀଙ୍କୁ ୨୦୧୮ ମେ' ୮ରେ ଏହି ଘଟଣା ସମ୍ପର୍କରେ ରିପୋର୍ଟ ମାଗିଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ନା ପୁଲିସ ନା କିସ୍ କର୍ତ୍ତୃପକ୍ଷ, କେହି ବି କମିଶନ୍‌ଙ୍କ ନିର୍ଦ୍ଦେଶକୁ ଆଜି ପର୍ଯ୍ୟନ୍ତ ମାନିନାହାଁନ୍ତି। ୨୦୧୮ ମେ' ୩୦ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଥିଲେ ବି ଆଜିଯାଏଁ କମିଶନଙ୍କୁ ଉତ୍ତର ମିଳିପାରିନି। ବିଜେଡି ବଳରେ ବଳୀୟାନ୍ ଅଚ୍ୟୁତଙ୍କ ପତିଆରା ଭୟରେ ପୁଲିସ ବି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇପାରୁନଥିଲା।

ଯେତେବେଳେ ସରକାର ଆଦିମ ଅଧିବାସୀ ବଣ୍ଡା ଜନଜାତିର ସଂରକ୍ଷଣ ଓ ସାମାଜିକ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ସେତେବେଳେ କିସରେ ମାଗଣା ପାଠପଢ଼ା ନାଁରେ ବଣ୍ଡା ପିଲାମାନେ ନିଖୋଜ ହୋଇଯାଉଛନ୍ତି। ଭାତହାଣ୍ଡିରୁ ଗୋଟିଏ ଚିପିଲା ଭଳି ଏଇ ଘଟଣା ଆମ ନଜରକୁ ଆସିଛି। କିନ୍ତୁ ଏହିଭଳି ବହୁ ଆଦିବାସୀ ପିଲା କିସରୁ ନିଖୋଜ ହେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି। କାରଣ ପ୍ରତିଦିନ ବହୁ ଆଦିବାସୀ ବାପାମା' ପିଲାଙ୍କୁ ଆସି ଅନୁଷ୍ଠାନ ପାଖରେ ଖୋଜୁଥିବା ଦୃଷ୍ଟିଗୋଚର ହେଉଛି ବୋଲି ଚର୍ଚ୍ଚା। ସେମାନଙ୍କୁ ପିଲାଙ୍କ ବିଷୟରେ ସୂଚନା ଦେବା ତ ଦୂରେ ଥାଉ, କିସ୍ ପରିସରକୁ ପଶିବାକୁ ବି ଅନୁମତି ମିଳୁନି। ଏପରିକି ଏଠି ମାଗଣା ପାଠପଢ଼ା ନାଁରେ ଶିଶୁ ଚାଲାଣ ସହ ଅଙ୍ଗ ତସ୍କରୀ ହେଉଛି ବୋଲି ମଧ୍ୟ ଅଭିଯୋଗ ଉଠିଲାଣି। ପୂର୍ବରୁ ମଧ୍ୟ କିସର ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଶିଶୁ କମିଶନ ଚଢ଼ାଉ କରି ଏପରି ଅନିୟମିତାକୁ ଧରିଥିଲେ। ପରେ ଅବଶ୍ୟ ବିଜେଡି ସରକାର ଏହି ଘଟଣାକୁ ଚାପିଦେଇଥିଲା। କିନ୍ତୁ ବ୍ୟକ୍ତିଗତ ଫାଇଦା ପାଇଁ ନିରୀହ, ନିଷ୍ପାପ ଆଦିବାସୀ ଛୁଆଙ୍କୁ ବିକିଦେଉଥିବା ଅଚ୍ୟୁତଙ୍କୁ ଧର୍ମ ସହିବ ତ ବୋଲି ଲୋକେ କୁହାକୁହି ହେଉଛନ୍ତି।

### ଟ୍ରାଙ୍କୁଲାଇଜ୍ ହେବେ...

ମିଳିଥିବା ତଥ୍ୟ ମୁତାବକ କଟକ ଚାନ୍ଦବାଲି ରାସ୍ତା କାମ ପାଇଁ ଠିକାଦାରଙ୍କୁ ବଟି ମାଗି ୫ ମାସ ଜେଲ ଯାଇଛନ୍ତି ମାମୁ। ସାଲେପୁରର ଜଣେ ଠିକାଦାରଙ୍କ ଘରେ ବୋମାମାଡ଼ କରି ୩ ମାସ ଜେଲ ଭୋଗିଛନ୍ତି।

କେନ୍ଦ୍ରାପଡ଼ା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷାଙ୍କୁ ଦୁର୍ବ୍ୟବହାର କରି ମଧ୍ୟ ସେ ଗିରଫ ହୋଇଛନ୍ତି। ଡିପିସି ଅଫିସରେ ପଶି ଅଫିସରଙ୍କୁ ମାଡ଼ ମାରି ଜେଲ ଚାରି କାନ୍ଥ ଭିତରେ ରହିଛନ୍ତି। କେବଳ ଜିଲ୍ଲା ଭିତରେ ମାମୁଙ୍କ ଅପରାଧ ସୀମିତ ନାହିଁ, ବରଂ ବାହାର ଜିଲ୍ଲାରେ ରହିଛି ହିଜବୁରଙ୍କ ବିରୋଧରେ କେସର ଲମ୍ବା ତାଲିକା। ଏସବୁ ବାଦ ମଧ୍ୟ ଟେଣ୍ଡର ଫିକ୍ସିଂ, ବାଲି ଖାଦାନ ନିଲାମ, ଲଘୁ ଖଣିଜ ଲୁଟ୍, ମନଇଚ୍ଛା ବଟି ଆଦାୟ, ଅପହରଣ ଭଳି ସାଙ୍ଘାତିକ ଅଭିଯୋଗ ରହିଛି ମାମୁଙ୍କ ନାଁରେ। କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ ସ୍କାନରରେ ମଧ୍ୟ ଅଛନ୍ତି ହିଜବୁର। ଭଣଜା ଜଣେ କୁଖ୍ୟାତ ଅପରାଧୀ ହୋଇଥିବା ବେଳେ ତା ନାଁ ବିକ୍ରି କରି ମାମୁ ଏବେ ଏକ ନିର୍ଦ୍ଦିଷ୍ଟ ବିରୋଧୀ ଦଳର ବୋଲକରା ସାଜିଛନ୍ତି। ସ୍ଥାନୀୟ ବିଧାୟକଙ୍କ ଛାତ୍ରଛାୟାରେ ରହି ହାକିମାତି ଚଳାଉଥିବା ଏହି ମାମୁ କୋଟି କୋଟି ଟଙ୍କା ବେଆଇନ ଭାବେ ଗଚ୍ଛିତ ରଖିଥିବା ଖବର ଏବେ ଓଡ଼ିଶା ପୁଲିସ ହାତରେ ଲାଗିଛି।

ଏଭଳି ଏକ ଅଭିଯୋଗ ଡିଜିପିଙ୍କ ପାଖରେ ପହଞ୍ଚିବା ପରେ ତୁରନ୍ତ ପେସାଦାର ଅପରାଧୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଣ୍ଟା ଭିଡ଼ିଛନ୍ତି ନିଜେ ଡିଜିପି। ୱାଇବି ଖୁରାନିଆ ଡିଜିପି ଭାବେ କାର୍ଯ୍ୟ କରିବା ଦିନଠାରୁ ତାଙ୍କ ଆକ୍ସନ ଉଣା ଅଧିକେ ସଭିଙ୍କୁ ଜଣା। ଅପରାଧୀ ହୁଅନ୍ତୁ ଅଥବା ଖାକିପିନ୍ଧା ପୁଲିସ। ଅପରାଧୀଙ୍କ ବିରୋଧରେ ସେ ଯେମିତି ଦମନଲୀଳା କରନ୍ତି, ଅପରାଧକୁ ପ୍ରଶ୍ରୟ ଦେଉଥିବା ପୁଲିସ ବାବୁଙ୍କ ବିରୋଧରେ ମଧ୍ୟ ସେମିତି ଆକ୍ସନ ନିଅନ୍ତି। ଭରତପୁର ଥାନା ଓ କୁଜଙ୍ଗ ଥାନା ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଏଣୁ କେନ୍ଦ୍ରାପଡା 'ମାମୁ'ଙ୍କ ବିରୋଧରେ ମଧ୍ୟ ଅଭିଯୋଗର ଫର୍ଦ୍ଦ ଲମ୍ବିବା ପରେ ତାଙ୍କୁ ଟ୍ରାଙ୍କୁଲାଇଜ କରିବା ପାଇଁ କୁଆଡ଼େ ଆରମ୍ଭ ହୋଇଛି ଅଭିଯାନ। ହିଜବୁରଙ୍କ ସହ ଷ୍ଟେଜ ଶେୟାର କରି ଛତ୍ରଛାୟାରେ ରଖୁଥିବା ବାବୁଙ୍କ ପ୍ରତି ମଧ୍ୟ ଅଢୁଆ ବଢ଼ୁଥିବା ବେଳେ ତୁଳସୀ କ୍ଷେତ୍ରରେ ଖୁବଶୀଘ୍ର ଖୁରାନିଆଙ୍କ ଖୁର ଚାଲିବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

### ଜମି କେଳେଙ୍କାରୀର...

ବିଜେଡି ସରକାରର ଜମି ଦୁର୍ନୀତିର କଳାଫର୍ଦ୍ଦ ଲୋକଲୋଚନକୁ ଆସିଛି। ଇଡକୋର ଚନ୍ଦକା ଶିଳ୍ପାଞ୍ଚଳରେ ମୋଟ ୬୯୪.୪୧୦ ଏକର ଜମି ରହିଛି। ସେଥିମଧ୍ୟରୁ ସର୍ବସାଧାରଣ ଉପଯୋଗ (କମ୍ୟୁନିଟି ୟୁଟିଲିଟି) ପାଇଁ ୧୦୪.୭୦୦ ଏକରକୁ ବାଦ୍ ଦେଲେ ବାକି ୫୮୯.୭୧୦ ଏକର ଜମିକୁ ଶିଳ୍ପ ପାଇଁ ଆବଣ୍ଟନ କରିବାର ପ୍ରାବଧାନ ରହିଛି। ୨୦୨୫ ଜାନୁୟାରୀ ଶେଷ ସୁଦ୍ଧା ଏହି ଶିଳ୍ପାଞ୍ଚଳର ମୋଟ ୪୭୯.୦୭୯ ଏକର ଜମି ବିଭିନ୍ନ ସଂସ୍ଥାକୁ ଆବଣ୍ଟିତ ହୋଇଛି। ଆଉ ୧୧୦.୬୩୧ ଏକର ଜମି ଏବେବି ସେଠାରେ ବଳକା ଥିବା ଜଣାପଡ଼ିଛି। ମାତ୍ର ଏହି ଶିଳ୍ପାଞ୍ଚଳରେ ମୋଟ ୩୧ ଥରରେ କିଟ ଓ ତା'ର ଦୁଇ ସଂସ୍ଥା (କିସ୍ ଓ କିମ୍ସ)କୁ ମୋଟ ୧୦୮.୦୧୨ ଏକର ଇଡକୋ ଜମି ଆବଣ୍ଟନ ହୋଇଛି। ଆଉ କମ୍ୟୁନିଟି ୟୁଟିଲିଟି ପାଇଁ ଉଦ୍ଦିଷ୍ଟ ଜମିରୁ ପ୍ରାୟ ୬୦ ପ୍ରତିଶତ ଜମି ମଧ୍ୟ ଏବେ କିଟ୍ ଜବରଦଖଲରେ ରହିଥିବା ଜଣାପଡ଼ିଛି।

ସେହିପରି ୨୦୧୮ ଜୁଲାଇ ମାସରେ ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ମିଳିଥିବା ତଥ୍ୟରେ ସାଧାରଣ ପ୍ରଶାସନ ବିଭାଗ ନିଜର କୌଣସି ଜମି କିଟକୁ ଦେଇନଥିବା ଦର୍ଶାଇଥିଲା। ମାତ୍ର ଅଚ୍ୟୁତ ସାମନ୍ତ ବିଜେଡି ସାଂସଦ ହେବା ପରେ ୨୦୧୯ରୁ ୨୦୨୪ ମଧ୍ୟରେ ୧୧.୩ ଏକର ସାଧାରଣ ପ୍ରଶାସନ ବିଭାଗର ଜମି କିଟ୍‌କୁ ଅନୁଷ୍ଠାନିକ ଭାବେ ଦିଆଯାଇଥିବା ଜଣାପଡ଼ିଛି।

କେବଳ ସରକାରୀ ଜମି ବା ଜଙ୍ଗଲ ଜମି ନୁହେଁ, ସରକାରୀ ରାସ୍ତାକୁ ବି ହଡ଼ପ କରିଛନ୍ତି ଅଚ୍ୟୁତ ସାମନ୍ତ। ଇଡକୋ ରାସ୍ତାରେ ନିଜ ସଂସ୍ଥା କିଟ୍ ନାଁରେ ଗେଟ ନିର୍ମାଣ କରି ଓ ସେଠାରେ ସିକ୍ୟୁରିଟି ଜଗାଇ ହାଇଜାକ୍ କରିନେଇଛନ୍ତି ସର୍ବସାଧାରଣ ରାସ୍ତା। ସାଧାରଣ ଲୋକଙ୍କୁ ତ ସେ ରାସ୍ତାରେ ଯିବା ମନା, ସେଠି ଥିବା ସରକାରୀ ପ୍ରତିଷ୍ଠାନକୁ ଆସୁଥିବା କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ବାଟ ବି ଓଗାଳୁଛନ୍ତି। ଏମିତିକି ଇଡକୋ ଆଦେଶର ଅବମାନନା କରି ରାସ୍ତା ଉପରେ ହୋଇଛି ବେଆଇନ ଗାଡ଼ି ପାର୍କିଂ।

ଅଚ୍ୟୁତଙ୍କ ହିଟଲରୀ ଓ ସାମନ୍ତବାଦୀ ନୀତି ଯୋଗୁଁ ସରକାରୀ ସଂସ୍ଥାକୁ ବି ଛାଡୁନାହାନ୍ତି ସରକାରୀ ବାଟ। ଫାଟକ ପକାଇ, ସିକ୍ୟୁରିଟି ଜଗାଇ ଓଗାଳୁଛନ୍ତି ରାସ୍ତା। ନୋ ପାର୍କିଂ ସାଇନ୍ ବୋର୍ଡରେ କଳା ବୋଳି ଜୋର ଜବରଦସ୍ତି କରୁଛନ୍ତି ପାର୍କିଂ। କିଟ କ୍ୟାମ୍ପସ୍‌ର ଗେଟ୍ ନମ୍ବର-୬ରେ ସର୍ବସାଧାରଣଙ୍କ ପ୍ରବେଶ ମନା। କିଟ ଛାତ୍ରଛାତ୍ରୀଙ୍କୁ ବାଦ୍ ଦେଇ ଅନ୍ୟ କେହି ପଶିଲେ ଅଟକାଉଛନ୍ତି ସିକ୍ୟୁରିଟି ଗାର୍ଡ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଏଇ ରାସ୍ତା କିଟ୍‌ର ନୁହେଁ। ଏହା ସରକାରଙ୍କର, ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ରାସ୍ତା। ଏଇ ରାସ୍ତା ସଂଯୋଗ କରୁଛି କେନ୍ଦ୍ରୀୟ ସଂସ୍ଥା, ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାସନ ଟେକ୍ନୋଲୋଜି- ଏନଆଇଏଫଟି ଓ ପୋଷାକ ଉଷ୍ଟାୟନ କେନ୍ଦ୍ରକୁ।

କିଟ ଓ ଏନଆଇଏଫଟି ମଧ୍ୟରେ ଥିବା ସରକାରୀ ରାସ୍ତାରେ ଇଡକୋ ପକ୍ଷରୁ ଲାଗିଛି ନୋ ପାର୍କିଂ ସାଇନ୍ ବୋର୍ଡ। ହେଲେ ତା' ଉପରେ କଳା ବୋଳି ଜୋରଜବରଦସ୍ତି ନିଜର ଗାଡ଼ି ପାର୍କିଂ କରାଉଛି କିଟ। ଆଉ ନିଜ ପାଖ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧମୁକ୍ତ ରଖିଛି।

### ବନ୍ଧାହେଲେ...

ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଆଜି ତାଙ୍କୁ ଖୋର୍ଦ୍ଧାରୁ ଧରି ପୁଲିସ୍ ଜଗତସିଂହପୁର ଥାନାକୁ ଆଣିଛି। ଏଥିସହ ପୁଲିସ୍‌ର ଏକ ୯ଜଣିଆ ଟିମ୍ ଶ୍ରୀ ନାହାକ ଓ ମହିଳା ହୋମ୍‌ଗାର୍ଡଙ୍କୁ ଜେରା କରିଥିଲା। ସମ୍ପୃକ୍ତ ମହିଳା ହୋମଗାର୍ଡଙ୍କର ଡାକ୍ତରୀ ମାଇନା କରିବାକୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ଜଣାପଡ଼ିଛି। ଏହି ମାମଲାରେ ତଦନ୍ତ ଜାରି ରହିଥିବା ଜଗତସିଂହପୁର ଏସପି ଭବାନୀ ଶଙ୍କର ଉଦ୍‌ଘାଟା। ପୀଡ଼ିତା ମହିଳା ହୋମ୍‌ଗାର୍ଡଙ୍କ ଅଭିଯୋଗରେ କେତେ ସତ୍ୟତା ରହିଛି, ତା'ର ଖୋଳତାଡ଼ ଚାଲିଥିବା ସେ କହିଛନ୍ତି।

### ପୋଲାଭରମ

କଂକ୍ରିଟ କାର୍ଯ୍ୟ ହେବା ସହିତ ପ୍ରକଳ୍ପର ଖମ୍ବ ଛିଡ଼ା ହୋଇପାରିଥିଲା। ପ୍ରଥମେ ଏହାର ଜଳଧାରଣ କ୍ଷମତା ୩୬ ଲକ୍ଷ କ୍ୟୁସେକ ଥିବା ବେଳେ ପରବର୍ତ୍ତୀ ସମୟରେ ୫୦ ଲକ୍ଷ କ୍ୟୁସେକ୍‌କୁ ବୃଦ୍ଧି କରାଯାଇଛି।

ତେବେ ପୋଲାଭରମ ପ୍ରକଳ୍ପ ଦ୍ରୁତ ଗତିରେ ଆଗେଇ ଯିବା ସମୟରେ ଓଡ଼ିଶାରେ ବିଜେଡି କ୍ଷମତାରେ ଥିଲା ଓ କେନ୍ଦ୍ର ସରକାରରେ ପ୍ରଥମେ ଅଂଶୀଦାର ଓ ପରେ ଘନିଷ୍ଠ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲା। କେନ୍ଦ୍ରକୁ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରୁଥିଲା ବିଜେଡି। ହେଲେ ପୋଲାଭରମ ପ୍ରସଙ୍ଗରେ ଆଞ୍ଚଳିକ ଦଳ ଭାବେ ବିଜେଡି କେନ୍ଦ୍ର ଉପରେ ଯେଭଳି ଚାପ ଦେବା କଥା ତାହା ଦେଇପାରିଲା ନାହିଁ। ବିଧାନସଭାରେ ଏହାକୁ ନେଇ ତୁମ୍ବିତୋଫାନ ହେଲା। ବିରୋଧୀଦଳରେ ଥିବା କଂଗ୍ରେସ ଓ ବିଜେପି ନେତାମାନେ ପୋଲାଭରମ ପ୍ରକଳ୍ପ ଦ୍ୱାରା ମାଲକାନଗିରିର ଗାଁଗଣ୍ଡା ବିଶେଷକରି ମୋଟୁ ଓ ପଡ଼ିଆ ବ୍ଲକର ଗାଁ କିଭଳି ଜଳମଗ୍ନ ହେବ, ତାହା ବାରମ୍ବାର ଦର୍ଶାଇଲେ। ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଇବ ବୋଲି କହିଲେ।

ଲୋକଙ୍କ ଦୁଃଖ ନିଜ ଆଖିରେ ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ମାଲକାନଗିରି ଯିବାକୁ କଂଗ୍ରେସ ନେତାମାନେ ବିଧାନସଭା ଭିତରେ ଓ ବାହାରେ କାକୁତିମିନତି ବି ହେଲେ। କିନ୍ତୁ କୌଣସି ଅକୁହା କାରଣରୁ ବିଜେଡି ଏଥିପ୍ରତି କର୍ଣ୍ଣପାତ କଲାନାହିଁ। କେନ୍ଦ୍ର ଆଗରେ ଯେଭଳି ଦାବି ଉପସ୍ଥାପନ କରିବା କଥା, ତାହା ବି କରିପାରିଲା ନାହିଁ। ଯାହା ଫଳରେ କେନ୍ଦ୍ର ସରକାର ଗତ ଦୁଇଟି ବଜେଟ୍‌ରେ ପୋଲାଭରମ ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଅର୍ଥ ଯୋଗାଇଦେଲେ।

ଏବେ ଚନ୍ଦ୍ରବାବୁ ନାଇଡୁ ଘୋଷଣା କରିଛନ୍ତି ଯେ ୨୦୨୭ ସୁଦ୍ଧା ପୋଲାଭରମ ପ୍ରକଳ୍ପ ନିଶ୍ଚିତ ସରିବ। ଏହି ପ୍ରକଳ୍ପରୁ କ୍ରିଷ୍ଣା ନଦୀକୁ ୮୦ ଟିଏମ୍‌ସି ଫୁଟ ଜଳ ଯିବ। ବିଶାଖାପାଟଣା ଷ୍ଟିଲ୍ ପ୍ଲାଣ୍ଟକୁ ୨୩.୪୪ ଟିଏମସି ଫୁଟ ପାଣି ଯୋଗାଯିବ। ୯୬୦ ମେଗାୱାଟ ଜଳବିଦ୍ୟୁତ୍ ଉତ୍ପାଦନ ହେବ। ଆନ୍ଧ୍ର ସରକାର ଏହି ପ୍ରକଳ୍ପକୁ ଚୂଡ଼ାନ୍ତ ରୂପ ଦେବାକୁ ଯାଉଥିବାବେଳେ ବିଜେଡି ଏବେ ମଇଦାନକୁ ବାହାରି ରାଜନୈତିକ ରୁଟିସେକା ଆରମ୍ଭ କରିଛି। ପୋଲାଭରମ ପ୍ରକଳ୍ପ ବିରୋଧରେ ଆନ୍ଦୋଳନ ଡାକରା ଦେଇଛି। ତେବେ କ୍ଷମତାରେ ଥିବାବେଳେ ଦଳ ଯାହା କରିପାରିଲା ନାହିଁ, ଏବେ ତାହା କିଭଳି କରିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ବିଜେଡି ନେତାମାନେ ମୋଟୁ ଲୋକଙ୍କୁ କ'ଣ କହି ଆଶ୍ୱାସନା ଦେବେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ପାସ୍ ପାଇଁ...

ସବୁଠି ଥିଲା ଅବ୍ୟବସ୍ଥା।

ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ମୁତାବକ ଲୋକଙ୍କ ଆକ୍ରୋଶରୁ ବର୍ତ୍ତି ନଥିଲେ ନିଜେ ଖୋର୍ଦ୍ଧା ଜିଲ୍ଲାପାଳ। ଭୁବନେଶ୍ୱର ଓ କଟକ ଡିସିପି ମଧ୍ୟ ନିରବଦ୍ରଷ୍ଟା ସାଜିଥିଲେ। ପାସ ପାଇଥିବା ଲୋକଙ୍କୁ ସାଧାରଣ ଲୋକେ ଦୁର୍ବ୍ୟବହାର କରିଥିଲେ। ଭିଆଇପିଙ୍କୁ ଜଗିବା ବେଳକୁ ସର୍ବସାଧାରଣଙ୍କ ଦର୍ଶନ ଅଣାୟତ୍ତ ହୋଇଥିଲା। ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ୫ ଜଣ ଅତିରିକ୍ତ ଡିସିପି, ୫ ଜଣ ଏସିପି, ୨୮ ଜଣ ଇନ୍ସପେକ୍ଟରଙ୍କ ସହ ୩୨ ପ୍ଲାଟୁନ ଫୋର୍ସର ଉଡ଼ିଥିଲା ଧଜ୍ଜିଆ। ବଡ଼ବଡ଼ିଆଙ୍କୁ ଭିଆଇପି ଟ୍ରିଟମେଣ୍ଟ ଦେଉ ଦେଉ ଅସମ୍ଭାଳ ହୋଇଥିଲା ଅବସ୍ଥା। ସେବାୟତଙ୍କ ମଧ୍ୟରେ ବିବାଦ ମଧ୍ୟ ନିଆଁରେ ଆହୁରି ଘିଅ ଢାଳିଥିଲା, ଯାହାକୁ ନେଇ ମନ୍ଦିର ଭିତରେ ସାଧାରଣ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା।

### ଆଶାୟୀ ନେତାଙ୍କ...

ପ୍ରାଧାନ୍ୟ ଦେବା ସହ ବରିଷ୍ଠ ଆଉ ଅଭିଜ୍ଞ ନେତାଙ୍କୁ ବି କିଭଳି ଥଇଥାନ କରାଯିବ, ସେନେଇ ଆଲୋଚନା ହୋଇଛି। ନିର୍ବାଚନ ପୂର୍ବରୁ ଅନ୍ୟ ଦଳରୁ ବିଜେପିକୁ ଆସିଥିବା ନେତାଙ୍କୁ ବୋର୍ଡ କିମ୍ବା ନିଗମ ଦିଆଯିବ, ତାକୁ ନେଇ ବି ହୋଇଛି ଅଙ୍କକଷା।

ରାଜ୍ୟରେ ୩୭ଟି ବୋର୍ଡ ଓ ନିଗମ ସହ ୩୦ଟି ଜିଲ୍ଲାରେ ଯୋଜନା ବୋର୍ଡ, ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରହିଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଥିବା ବେଳେ ନୂଆ ସରକାର ମଧ୍ୟ ଦକ୍ଷିଣ ଓଡିଶା ଏବଂ ଉତ୍ତର ଓଡିଶା ବିକାଶ ପରିଷଦ ଗଠନ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ଯେଉଁଥିରେ ମଧ୍ୟ ସରକାର ରାଜନୈତିକ ନିଯୁକ୍ତି ଦେଇପାରିବେ। ସେହିଭଳି ମହିଳା କମିଶନ, ଶିଶୁ ସୁରକ୍ଷା ଆୟୋଗରେ ମଧ୍ୟ ନେତାଙ୍କୁ ଥଇଥାନ କରାଯିବ। ୧୪ ତାରିଖ ଦିନ ରାଜ୍ୟ କାର୍ଯ୍ୟାଳୟରେ ବସିଥିବା ବୈଠକରେ ମଧ୍ୟ ଏନେଇ ବିଚାରବିମର୍ଶ ହୋଇଥିଲା। ଆଜି ବୈଠକ ପରେ ଏନେଇ ଖୁବ୍‌ଶୀଘ୍ର ତାଲିକା ଚୂଡ଼ାନ୍ତ ହେବା ନେଇ ଆଶା ରହିଛି। ପରବର୍ତ୍ତୀ ସମୟରେ ଏହି ତାଲିକାରେ କୋର୍ କମିଟିର ମୋହର ବାଜିବ।

### ୭ ବର୍ଷୀୟା କନ୍ୟା...

ସାକ୍ଷୀ ଦେବାକୁ ଯୋଗ୍ୟ ତେବେ ତା'ର ସାକ୍ଷୀ ଆଧାରରେ ବିଚାର କରାଯାଇପାରିବ। ତେଣୁ ପିଲାଙ୍କୁ ପିଲା ଭାବି ଅଣଦେଖା କରିବାର ଭୁଲ। କାରଣ ଏଣିକି ଅଦାଲତରେ ପିଲାଙ୍କ କଥାକୁ ଗୁରୁତ୍ୱ ଦିଆଯିବ। ଖୋଦ୍ ସୁପ୍ରିମକୋର୍ଟ କହିଛନ୍ତି ପିଲାମାନଙ୍କ ମନ ସ୍ୱଚ୍ଛ। ତେଣୁ ସେମାନଙ୍କ ସାକ୍ଷୀ ଏଣିକି ଉପଯୁକ୍ତ ଏବଂ ଗ୍ରହଣୀୟ ହେବ। ସୁପ୍ରିମକୋର୍ଟଙ୍କ କହିବା ମୁତାବକ, ଯଦି କୌଣସି ଶିଶୁ ସାକ୍ଷୀ ଦେବାକୁ ଯୋଗ୍ୟ ତେବେ ତା'ର ମନ୍ତବ୍ୟକୁ ଗୁରୁତ୍ୱ ଦିଆଯିବ। ସାକ୍ଷୀର କୌଣସି ବୟସ ସୀମା ନାହିଁ। ମାତ୍ର ୭ ବର୍ଷର ଝିଅର ସାକ୍ଷୀକୁ ଆଧାର କରି ଏକ ହତ୍ୟା ମାମଲାର ବିଚାର କରିବା ସହ ଅଭିଯୁକ୍ତ ବାପାକୁ ଆଜୀବନ କାରାଦଣ୍ଡ ଦେଇଛନ୍ତି ସୁପ୍ରିମକୋର୍ଟ, ଯାହାକୁ ନେଇ ଏବେ ସବୁଠି ଚର୍ଚ୍ଚା।

### ୪୫ ଦିନରେ...

ହୋଇଥିଲା। ଆଜି ସକାଳୁ ସୂର୍ଯ୍ୟୋଦୟ ପରେ ତ୍ରିବେଣୀ ସଙ୍ଗମରେ ଜଳରାଶିରେ ସ୍ନାନ କରିବା ସକାଶେ ଭକ୍ତମାନଙ୍କ ମଧ୍ୟରେ ଏକରକମ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଚଳିତ ବର୍ଷର କୁମ୍ଭମେଳାରେ ଆମେରିକା ଜନସଂଖ୍ୟାରୁ ବି ଅଧିକ ବୁଡ଼ ପକାଇଥିବାରୁ ଏହାକୁ 'ଦ ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ଣ୍ଣାଲ୍'ରେ ସ୍ଥାନ ଦିଆଯାଇଛି।

ଏହି ମେଳାରେ ବିଶ୍ୱର ବିଭିନ୍ନ କୋଣରୁ ସାଧୁ ସନ୍ନ୍ୟାସୀଙ୍କ ସହ ନାଗା ସାଧୁମାନେ ଯୋଗଦେଇଥିଲେ। ଚଳିତ ବର୍ଷର ମେଳାରେ ନାହିଁ ନଥିବା ଭିଡ଼ ହୋଇଥିବାରୁ ପ୍ରୟାଗରାଜରେ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଥିଲା। ସୁରକ୍ଷା ଦାୟିତ୍ୱରେ ସ୍ଥାନୀୟ ପୁଲିସ୍ ସହ ଅର୍ଦ୍ଧସାମରିକ ବଳ, ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀଙ୍କ ସହ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ ମଧ୍ୟ ହୋଇଥିଲା।

ଅନ୍ତିମ ଦିନର ସ୍ନାନକୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଗୋରଖପୁର କଣ୍ଟ୍ରୋଲ୍ ରୁମ୍‌ରୁ ତଦାରଖ କରିଥିଲେ। ଚଳିତ ବର୍ଷର କୁମ୍ଭମେଳାରେ ଏକାଧିକ ବାର ଦୁର୍ଘଟଣା ଘଟିଥିବାବେଳେ ଦଳାଚକଟାରେ ୩୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ଏହି କୁମ୍ଭମେଳାରେ ମୋଟ ୬ଟି ପ୍ରମୁଖ ସ୍ନାନରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇଛନ୍ତି।

# ମାହାଙ୍ଗା ବ୍ଲକ ଅଧ୍ୟକ୍ଷାଙ୍କ ଆଉ ଏକ ଜାଲିଆତି

- ମାଗଣା ଚାଉଳ ପାଇଁ ରାସକାର୍ଡରେ ଦିଅରଙ୍କ ନାଁ
- ଦାମୀ ଗାଡ଼ି ଚଢୁଥିବା ଶ୍ରୀକାନ୍ତ ବି ଗିଳିଛନ୍ତି ଚାଉଳ



**ମାହାଙ୍ଗା,୨୬।୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅଧ୍ୟକ୍ଷାଙ୍କ ଆଉ ଏକ କାରନାମା ଏବେ ପଦାକୁ ଆସିଛି। ସ୍ୱଚ୍ଛତାକୁ ନେଇ ବାହାସ୍ଫୋଟ ମାରୁଥିବା ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ ଅଧିକ ମାଗଣା ଚାଉଳ ନେବାକୁ ଦାମୀ ଚାରିଚକିଆ ଚଢ଼ି ବୁଲୁଥିବା ତାଙ୍କ ଦିଅର ଶ୍ରୀକାନ୍ତ ଜେନାଙ୍କ ନାଁକୁ ରାସନ କାର୍ଡରେ ଦରଜ କରିଛନ୍ତି। ଚାରିଚକିଆ ଯାନ ଥିବା ଲୋକେ ମାଗଣା ରାସନ ପାଇପାରିବେ ନାହିଁ ବୋଲି ସରକାରୀ ନିୟମ ଥିବା ବେଳେ ନିଜେ ବ୍ଲକ ଅଧ୍ୟକ୍ଷା କିଭଳି ସେଥିପ୍ରତି ଆଖିବୁଜି ଦେଲେ, ତାହା ବଡ଼ ପ୍ରଶ୍ନବାଚୀ ହୋଇଛି।

ବ୍ଲକ ଅଧ୍ୟକ୍ଷାଙ୍କ ପରିବାର ଗତ ୨୦୧୫ରୁ ରାସନ କାର୍ଡ ହାତେଇଛନ୍ତି। ଉକ୍ତ ବର୍ଷ ଦୀପା ମଲ୍ଲିକ ତାଙ୍କ ଶାଶୂଙ୍କ ନାଁରେ ରାସନ କାର୍ଡ ହାତେଇଥିଲେ। କାର୍ଡରେ ସଦସ୍ୟ ଭାବେ ଅଛନ୍ତି ଦୀପା ମଲ୍ଲିକଙ୍କ ଶଶୂର ମାଧବାନନ୍ଦ ମଲ୍ଲିକ, ସ୍ୱାମୀ ତପନ କୁମାର ଜେନା, ଦିଅର ଶ୍ରୀକାନ୍ତ ଜେନା ଓ ତ୍ରିନାଥ ଜେନା। ବୁଧକୁନିଆ ଗାଁ ଘର ନମ୍ବର-୬୨ ରହିଛି। ଦୀପା ଓ ସ୍ୱାମୀ ଭିନ୍ନେ ମଧ୍ୟ ହୋଇନାହାଁନ୍ତି। ରାସନ କାର୍ଡ ଓ ଭୋଟର କାର୍ଡରେ ସ୍ୱାମୀ-ସ୍ତ୍ରୀ ଓ ଶାଶୂ-ଶଶୁରଙ୍କ ଘର ନମ୍ବର ଗୋଟିଏ ଥିବାରୁ ଏହା ସୁସ୍ପଷ୍ଟ। ଦୀପା ମଲ୍ଲିକ ବ୍ଲକ ଅଧ୍ୟକ୍ଷା ଭାବେ ମାସିକ ୧୫ ହଜାର ଟଙ୍କା ଦରମା ପାଉଛନ୍ତି। ଏ ଦୃଷ୍ଟିରେ ତାଙ୍କ ପରିବାର ରାସନ କାର୍ଡ ପାଇବାକୁ ହକଦାର ନୁହେଁ।

ସେହିପରି ଗତକାଲି ବିଧାୟକଙ୍କ ନାଁରେ ବିଷୋଦଗାର କରୁଥିବା ବ୍ଲକ୍ ଅଧ୍ୟକ୍ଷାଙ୍କ ଅସଲ ମୁଖା ଏବେ କ୍ରମଶଃ ଖୋଲିବାରେ ଲାଗିଛି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୃଷ୍ଠପୋଷକତାରେ ବିଜେଡି ପାଇଁ କାମ କରୁଥିବା ଦୀପା ମଲ୍ଲିକ ରାଜନୈତିକ ପତିଆରାରେ ରାସନ କାର୍ଡ ହାତେଇ ନେଇଛନ୍ତି। ହେଲେ ନିଜ ନାଁକୁ ସେ ଜାଣିଶୁଣି କାର୍ଡରେ ରଖିନାହାଁନ୍ତି। କିନ୍ତୁ ଏକାନ୍ନବର୍ତ୍ତୀ ପରିବାର ହୋଇଥିବାରୁ ଏହି ରାସନକାର୍ଡରୁ ସେ ମଧ୍ୟ ଫାଇଦା ପାଉଛନ୍ତି। ଏହି ଘଟଣାରୁ ବ୍ଲକ ଅଧିକାରୀଙ୍କ ବିରୋଧରେ ଜାଲିଆତିର ଅଭିଯୋଗ ଆଣୁଥିବା ଦୀପା ମଲ୍ଲିକ ଓ ତାଙ୍କ ସମର୍ଥକମାନେ କିଭଳି ପୂର୍ବ କାମରେ ଜାଲିଆତି କରିଥିଲେ, ତାହା ସ୍ପଷ୍ଟ ବାରି ହୋଇପଡୁଛି। ଏଥିରୁ ବର୍ତ୍ତିବା ପାଇଁ ଗତ ୪ ଦିନ ଧରି ସେମାନେ ବ୍ଲକ କାର୍ଯ୍ୟାଳୟରେ ଆନ୍ଦୋଳନର ନାକଟବାଜି କରୁଛନ୍ତି। ମାଗଣା ଚାଉଳ ତାଲିକାରେ ଥିବା ଦିଅର ବି ସେମାନଙ୍କ ସାଥ୍ ଦେଉଛନ୍ତି।

କିଛି ବର୍ଷ ପୂର୍ବେ ଏମିତି ଏକ ଘଟଣାରେ କଟକର ପୂର୍ବତନ ମେୟର ଅନୀତା ବେହେରାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ତାଙ୍କ ନାଁ ମଧ୍ୟ ରାସନ କାର୍ଡରେ ଥିବା ସତ୍ତ୍ୱେ ସେ ମେୟର ହୋଇଥିଲେ। ତେଣୁ ସ୍ୱାମୀ, ଶ୍ୱଶୂର, ଦିଅରଙ୍କୁ ଆୟୁଧ କରି ରାସନ କାର୍ଡ ହାତେଇଥିବା ଦୀପା ମଲ୍ଲିକ ଏବେ କ'ଣ କରିବେ, ତାକୁ ଅପେକ୍ଷା କରିଛନ୍ତି ମାହାଙ୍ଗାବାସୀ।

# ପଞ୍ଚାୟତ କାର୍ଯ୍ୟାଳୟ ଭାଙ୍ଗିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

- ଜଙ୍ଗଲ ଜମି ଉପରେ ବେଆଇନ୍ ଭାବେ ନିର୍ମାଣ ହୋଇଛି
- ପୂର୍ବରୁ ହାଇକୋର୍ଟରେ ଖାରଜ ହୋଇସାରିଛି ମାମଲା

**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା ରଣପୁର ବ୍ଲକ ଝାଡ଼ପଡ଼ା ପଞ୍ଚାୟତରେ ଜଙ୍ଗଲ ଜମି ଉପରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ପଞ୍ଚାୟତ ଗୃହକୁ ହଟାଇବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବୁନାଲ୍ (ଏନ୍‌ଜିଟି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ଘଟଣାର ତଦନ୍ତ ପାଇଁ ନୟାଗଡ଼ ଜିଲ୍ଲାପାଳ, ଖୋର୍ଦ୍ଧା ଡିଏଫଓ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବୈଜ୍ଞାନିକଙ୍କୁ ନେଇ ଏକ ତିନିଜଣିଆ କମିଟି ଗଠନ କରାଯାଇଥିଲା।

ଏହି ମାମଲାରେ ରାଜ୍ୟ ସରକାର, ରାଜ୍ୟ ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ସଚିବ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ନୟାଗଡ଼ ଜିଲ୍ଲାପାଳ ଓ ଏସପି, ରଣପୁର ତହସିଲଦାର, ଝାଡ଼ପଡ଼ା ପଞ୍ଚାୟତ ସରପଞ୍ଚ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନୋଟିସ ଜାରି ହୋଇଥିଲା। ଝାଡ଼ପଡ଼ା ଗାଁର ନିତ୍ୟାନନ୍ଦ ଜେନା କିଛି ବର୍ଷ ତଳେ ସେହି ମୌଜାର ଖାତା ନମ୍ବର ୩୮୭, ପ୍ଲଟ ନମ୍ବର ୧୭୯୩ରେ ବେଆଇନ ଭାବେ ଏକ ଗୃହ ନିର୍ମାଣ କରିଥିଲେ। ଏହି ଜମିର ସାବିକ କିସମ ଜଙ୍ଗଲ ଥିବାରୁ ଏଠାରେ ବିନାନୁମତିରେ କୌଣସି ନିର୍ମାଣ କାର୍ଯ୍ୟ କରିହେବ ନାହିଁ କିମ୍ବା ଏହି ଜମି କାହାକୁ ହସ୍ତାନ୍ତର କରାଯାଇପାରିବାର ପ୍ରାବଧାନ ନ ଥିବା ସତ୍ତ୍ୱେ ଉକ୍ତ ଘରକୁ ଝାଡ଼ପଡ଼ା ପଞ୍ଚାୟତ ଅଫିସ ଭାବେ ବ୍ୟବହାର କରାଗଲା। ପଞ୍ଚାୟତ ପକ୍ଷରୁ ସେହି ଖାତା ନମ୍ବରରେ ଥିବା ପ୍ଲଟ ନମ୍ବର ୧୭୯୫କୁ ପଞ୍ଚାୟତ ନାମରେ ହସ୍ତାନ୍ତର କରିବାକୁ ରଣପୁର ତହସିଲ ନିକଟରେ ଆବେଦନ କରାଯାଇଥିଲା। କିନ୍ତୁ ତହସିଲଦାର ଏହାକୁ ଖାରଜ କରିଦେଇଥିଲେ । ପଞ୍ଚାୟତ ପକ୍ଷରୁ ପରେ ଉପଜିଲ୍ଲାପାଳଙ୍କ ନିକଟରେ ଆବେଦନ କରାଯାଇଥିଲେ ମଧ୍ୟ ତାହା ବି ଖାରଜ ହୋଇଥିଲା। ଏହି ଜମିର ସାବିକ କିସମ ଜଙ୍ଗଲ ହୋଇଥିବାରୁ ଏହା ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି ଉପଜିଲ୍ଲାପାଳ ଉଲ୍ଲେଖ କରିଥିଲେ।

ଏହା ବିରୋଧରେ ପଞ୍ଚାୟତ ହାଇକୋର୍ଟରେ ଅପିଲ କରିଥିଲେ ମଧ୍ୟ ସେଠାରେ ବି ଏହି ଆବେଦନକୁ ଖାରଜ କରିଦିଆଯାଇଥିଲା। ପଞ୍ଚାୟତ ଅଫିସ ପାଇଁ ଆଉ ଏକ ଉପଯୁକ୍ତ ଯାଗା ଚୟନ କରିବାକୁ ହାଇକୋର୍ଟ ପ୍ରସ୍ତାବ ଦେଇଥିଲେ। କିନ୍ତୁ ପଞ୍ଚାୟତ ପକ୍ଷରୁ ପ୍ଲଟ ନମ୍ବର ୧୭୯୩ରେ ଥିବା ଘର ନିକଟରେ ଆଉ ଏକ ଗୃହ ନିର୍ମାଣ ପାଇଁ ଉଦ୍ୟମ ହେବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଝାଡ଼ପଡ଼ାର ବାସିନ୍ଦା ରବୀନ୍ଦ୍ର ପ୍ରଧାନ ଏନଜିଟିରେ ମାମଲା ଦାଏର୍ କରିଥିଲେ।

ଏନଜିଟିଙ୍କ ନିର୍ଦ୍ଦେଶ କ୍ରମେ ଗଠନ ହୋଇଥିବା କମିଟି ଯାଞ୍ଚ୍ କରି ଉକ୍ତ ଗୃହ ଜଙ୍ଗଲ ଜମି ଉପରେ ନିର୍ମାଣ କରାଯାଇଥିବା ତାଙ୍କ ରିପୋର୍ଟରେ ସ୍ପଷ୍ଟ କରିଥିଲେ। ରାଜ୍ୟ ସରକାର ମଧ୍ୟ ଉକ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଟ୍ରିବ୍ୟୁନାଲ୍ କହିଥିଲେ। ଏହି ଆଧାରରେ ଜଙ୍ଗଲ ଜମି ଉପରେ ବେଆଇନ ନିର୍ମାଣକୁ ଭାଙ୍ଗିବା ସହ ନୂତନ ନିର୍ମାଣ ଉପରେ ରୋକ ଲଗାଇବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ମାସକ ମଧ୍ୟରେ ଏହି ବେଆଇନ ଘରକୁ ଭାଙ୍ଗିବା ଲାଗି ନୟାଗଡ଼ ଜିଲ୍ଲାପାଳଙ୍କୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟର ଆଇନଜୀବୀ ଶ୍ରୀ ଅଖଣ୍ଡ ଏହି ମାମଲା ପରିଚାଳନା କରୁଥିଲେ।

**ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ଉତ୍ସବରେ ମୁଖ୍ୟମନ୍ତ୍ରୀ**

# ଏକାମ୍ର କ୍ଷେତ୍ରର ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ



**ଭୁବନେଶ୍ୱର,୨୬।୨ (ସଂଚାର ବ୍ୟୁରୋ):** ଆତ୍ମାର ଜାଗୃତି ହିଁ ଜାଗର ପର୍ବର ମୁଖ୍ୟ ଉଦ୍ଦେଶ୍ୟ। ଆତ୍ମାର ଜାଗରଣରେ ଜାଗର ପର୍ବର ସୁଫଳ ମିଳିପାରିବ। ଲିଙ୍ଗରାଜ ମନ୍ଦିର ଓ ଏକାମ୍ର କ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ଆମ ସରକାର ଚେଷ୍ଟା କରୁଛନ୍ତି। କେବଳ ଲିଙ୍ଗରାଜ ମନ୍ଦିର ନୁହେଁ, ବରଂ ରାଜ୍ୟର ସମସ୍ତ ଆଧ୍ୟାତ୍ମିକ ସ୍ଥାନର ଉନ୍ନତିକରଣ ସହିତ ବିକାଶ ପାଇଁ ଆମ ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରଭୁ ଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ଅବସରରେ ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ଭଜନ ମଣ୍ଡପଠାରେ ଏକାମ୍ର ସାଂସ୍କୃତିକ ମଞ୍ଚ ପକ୍ଷରୁ ଆୟୋଜିତ ଭଜନ ସମାରୋହ କାର୍ଯ୍ୟକ୍ରମରେ ଯୋଗ ଦେଇ ମତ ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀକ୍ଷେତ୍ର ପୁରୀ, ଅର୍କ କ୍ଷେତ୍ର କୋଣାର୍କ ଓ ଏକାମ୍ର କ୍ଷେତ୍ର ଲିଙ୍ଗରାଜ ଭଳି ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଉନ୍ନତି ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଏସବୁ କ୍ଷେତ୍ରଗୁଡ଼ିକ ଆମର ଆଧ୍ୟାତ୍ମିକ ପରମ୍ପରାକୁ ବଜାୟ ରଖିବା ସହ ରାଜ୍ୟର ଅର୍ଥନୈତିକ ସମୃଦ୍ଧିରେ ମଧ୍ୟ ଯୋଗଦାନ କରିଆସିଛି। ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଆମର ଲକ୍ଷ୍ୟ। ଦେବ ଦେବ ମହାଦେବ ହେଉଛନ୍ତି ସମଗ୍ର ବିଶ୍ୱର କଲ୍ୟାଣକାରୀ ରକ୍ଷକ। ସେ ଅକାଳ ମୃତ୍ୟୁହରଣର ମହାଶକ୍ତି ମୃତ୍ୟୁଞ୍ଜୟ। ଭାରତବର୍ଷର ପ୍ରସିଦ୍ଧ ଶୈବ କ୍ଷେତ୍ର ମଧ୍ୟରୁ ପ୍ରଭୁ ଲିଙ୍ଗରାଜଙ୍କ ଏହି ଏକାମ୍ର କ୍ଷେତ୍ର ଅନ୍ୟତମ। ପ୍ରଭୁ ଲିଙ୍ଗରାଜ ଏଠାରେ ତ୍ରିଭୁବନେଶ୍ୱର ଦେବ ଭାବେ ପୂଜା ପାଇଆସୁଛନ୍ତି। ଏକାମ୍ର କ୍ଷେତ୍ର ରାଜଧାନୀ ଭୁବନେଶ୍ୱରକୁ ଭାରତର ଏକ ଆଧ୍ୟାତ୍ମିକ କ୍ଷେତ୍ର ଭାବେ ପରିଗଣିତ କରିଛି। ଆଜିର ଏହି ଶିବରାତ୍ରିର ବିଶେଷତ୍ୱ ହେଉଛି ୧୪୪ ବର୍ଷ ଅନ୍ତରାଳରେ ଆସିଥିବା ମହାକୁମ୍ଭର ଆଜି ଅନ୍ତିମ ଦିବସ ଓ ଏହି ଦିବସରେ ମହାଶିବରାତ୍ରି ପାଳିତ ହେଉଛି। ଏ ସଂଯୋଗ ଏହି ଶିବାରାତ୍ରିକୁ ଭବ୍ୟ ଓ ଦିବ୍ୟ କରିଛି। ଭାରତବର୍ଷର ଶକ୍ତି ହେଉଛି ଆଧ୍ୟାତ୍ମିକତା। ଭାରତ ଏକ ଆଧ୍ୟାତ୍ମିକ ଜାଗରଣର ମାର୍ଗରେ ଅଗ୍ରସର ହେଉଛି। ଆମ ବିକାଶର ଲକ୍ଷ୍ୟ ଆଧ୍ୟାତ୍ମିକତାର ବିନା ପୂରଣ ହୋଇପାରିବ ନାହିଁ । ଆମର ବିଶ୍ୱଗୁରୁ ହେବାର ଲକ୍ଷ୍ୟରେ ଆଧ୍ୟାତ୍ମିକତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଠାରେ ସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ଏଏସଆଇଠାରୁ ଅନୁମତି ମିଳିଲା ପରେ ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ। ପ୍ରଭୁ ଲିଙ୍ଗରାଜଙ୍କ କାର୍ଯ୍ୟରେ ଅର୍ଥ ବାଧକ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଚଢ଼ାଉ ସମୟରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ମାମଲା
# ମଦ ଦୋକାନୀ ଗିରଫ



**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳରେ ଏକ ମଦ ଦୋକାନରେ ଚଢ଼ାଉ ସମୟରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୁଲିସ ମଦ ଦୋକାନୀଙ୍କୁ ଗିରଫ କରିଛି। ମଦ ଦୋକାନୀ ଜଣକ ହେଲେ ମନୋରଞ୍ଜନ ସାବତ। ଏଥିସହ ଏହି ଆକ୍ରମଣ ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୭ରେ ପହଞ୍ଚିଛି। ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳ ବିଏସଏନଏଲ କାର୍ଯ୍ୟାଳୟ ନିକଟସ୍ଥ ମଦ ଦୋକାନରେ ବେଆଇନ କାରବାର ଚାଲୁଥିବା ଖବର ପାଇ ଅବକାରୀ କର୍ମଚାରୀ ଯାଞ୍ଚ ପାଇଁ ଯାଇଥିଲେ। ଏହି ସମୟରେ ଅବକାରୀ କର୍ମଚାରୀ ସବ୍ୟସାଚୀ ମିଶ୍ରଙ୍କୁ ସେଠାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ପୂର୍ବରୁ ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରିବା ସହ ଉକ୍ତ ମଦ ଦୋକାନକୁ ସିଲ କରିଥିଲା। ଘଟଣାରେ ସମ୍ପୃକ୍ତ ମଦ ଦୋକାନ ମାଲିକ ମିଟୁ ଓରଫ ମନୋରଞ୍ଜନ ସାବତଙ୍କୁ ଆଜି ପୁଲିସ ଗିରଫ କରିବା ସହ ଘଟଣାର ଅଧିକ ତଦନ୍ତ କରୁଥିବା ବ୍ରହ୍ମପୁର ଏସପି ଡ. ସରବଣା ବିବେକ ଏମ. ସୂଚନା ଦେଇଛନ୍ତି।

## ମହୁମାଛି ଆକ୍ରମଣରେ ମହିଳା ମୃତ, ୪୦ ଆହତ

**ଭୁବନେଶ୍ୱର,୨୬।୨(ସଂଚାର ବ୍ୟୁରୋ):** ଆଜି ପବିତ୍ର ଜାଗରରେ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପୃଥକ୍ ସ୍ଥାନରେ ମହୁମାଛି ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ଏଥିରେ ଜଣେ ମହିଳା ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୁନ୍ଦରଗଡ଼ କିଞ୍ଜିରିକେଲା ଥାନା ତିଲଡେଗା ଓ ବୋରିଗୁମ୍ମା କାମତାଠାରେ ଏଭଳି ଘଟଣା ଘଟିଛି।

ତିଲଡେଗା ଶିବ ମନ୍ଦିରକୁ ଯାଉଥିବା ରାସ୍ତାରେ ମହୁମାଛି ଆକ୍ରମଣରେ ଜଣେ ମହିଳାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ତିନି ଜଣ ଗୁରୁତର ଅଛନ୍ତି। ମୃତ ମହିଳା ଜଣଙ୍କ ହେଲେ ଗାଈଡେରା ଗ୍ରାମର ଦେବକୀ ରଣା ବୋଲି ଜଣାପଡ଼ିଛି। ସେହିପରି ତିଲଡେଗା ଶିବ ମନ୍ଦିରକୁ ଯାଉଥିବା ରାସ୍ତା ନିକଟ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କୁ ମହୁମାଛି ଆକ୍ରମଣ କରିବା ସହ ଗାଁମୁହାଁ ହୋଇଥିଲେ। ପଲ ପଲ ମହୁମାଛି ଉଡ଼ିବୁଲୁଥିବା ବେଳେ ବାଇକରେ ଯାଉଥିବା ଲୋକମାନଙ୍କୁ ସେମାନେ ଆକ୍ରମଣ କରିଥିଲେ। ଶିବ ମନ୍ଦିରକୁ ବାଇକ ଯୋଗେ ଯାଉଥିବା ଲୋକଙ୍କୁ ମଧ୍ୟ ମହୁମାଛି ଆକ୍ରମଣ କରିଥିବା ଜଣାପଡ଼ିଛି। ସେହିପରି ବୋରିଗୁମ୍ମା କାମତା ଶୈବପୀଠରେ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଲମ୍ବା ଲାଇନରେ ଠିଆ ହୋଇଥିଲେ। ମନ୍ଦିର ନିକଟରେ ଥିବା ବରଗଛରେ ଥିବା ମହୁମାଛି ହଠାତ ଉକ୍ତ ଶ୍ରଦ୍ଧାଳୁମାନଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ। ସେଥି ମଧ୍ୟରୁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ମହୁମାଛି ଆକ୍ରମଣ କରିଥିବା ବେଳେ ସେମାନଙ୍କୁ କୁମୁଲି ମେଡିକାଲରେ ଭର୍ତ୍ତି କରାଯାଇଛି।

## ମନ୍ଦିରରେ ଦୀପ ଜାଳୁଜାଳୁ ଘଟିଲା ଅଘଟଣ



**ଛତ୍ରପୁର,୨୬।୨ (ସଂଚାର ବ୍ୟୁରୋ):** ମହାଶିବରାତ୍ରି ଅବସରରେ ଗଞ୍ଜାମ ଜିଲା ଛତ୍ରପୁର ରିକାପଲ୍ଲୀସ୍ଥିତ ଚନ୍ଦ୍ରଶେଖର ମନ୍ଦିରରେ ଏକ ଅଘଟଣ ଘଟିଛି। ଦୀପ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ମହିଳା ଜଣକ ରିକାପଲ୍ଲୀ ମୋଚି ସାହିର ଏନ. ରାଣୀ (୫୦) ।ଆଜି ଶିବରାତ୍ରି ଉପଲକ୍ଷେ ଛତ୍ରପୁର ସହରର ବିଭିନ୍ନ ଶୈବ ପୀଠରେ ଭକ୍ତଙ୍କ ସମାଗମ ରହିଥିବା ବେଳେ ଚନ୍ଦ୍ରଶେଖର ମନ୍ଦିର ପରିସରରେ ଏନ୍. ରାଣୀ ଦୀପ ଲଗାଇବା ବେଳେ ଅସାବଧାନତା ବଶତଃ ତାଙ୍କ ଦୀପ ନିଆଁ ଲାଗି ଯାଇଥିଲା। କିଛି କ୍ଷଣ ମଧ୍ୟରେ ନିଆଁ ଜୋରରେ ଲାଗିଥିବା ନେଇ ସେଠି ଉପସ୍ଥିତ ଥିବା ଅନ୍ୟ କିଛି ଜନସାଧାରଣ ତାଙ୍କ ଲୁଗାକୁ ଚିରି ନିଆଁକୁ ଆୟତ୍ତ କରିଥିଲେ କିନ୍ତୁ ନିଆଁ ଧାସରେ ତାଙ୍କ ଶରୀରର ଅଧିକାଂଶ ଅଂଶ ପୋଡ଼ ଯାଇଥିଲା। ତାଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲ ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଇକେୱାଇସି ଯାଞ୍ଚ ପରେ କେତେ କଟିବେ ?




**ଭୁବନେଶ୍ୱର,୨୬।୨:** ରାସନ କାର୍ଡର ଇ-କେୱାଇସି ଯାଞ୍ଚ ସରିବା ପାଇଁ ହାତରେ ଆଉ ପ୍ରାୟ ମାସଟିଏ ସମୟ ଥିବାବେଳେ ଯାଞ୍ଚ ବାହାରେ ଥିବା ୩୨ ଲକ୍ଷରୁ ଉର୍ଦ୍ଧ୍ୱ କାର୍ଡଧାରୀଙ୍କ ମଧ୍ୟରୁ କେତେ ଜଣ ଅନ୍ତର୍ଭୁକ୍ତ ହେବେ, ତାହାକୁ ନେଇ ଅଙ୍କକଷା ଚାଲିଛି। ଗୋଟିଏ ପଟେ ଆୟକର ସୀମାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ଥିବାବେଳେ ଅନ୍ୟପଟେ ଆଦିବାସୀବହୁଳ ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ୍ ସେବା ଏଥିରେ ବଡ଼ ବାଧକ ସାଜିଛି।

ରାଜ୍ୟ ସରକାର ଇ-କେୱାଇସି ଯାଞ୍ଚ ଅବଧିକୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହା ଭିତରେ ସମସ୍ତ ଯୋଗ୍ୟ ଅଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପାଇଁ ଲକ୍ଷ୍ୟ ରଖାଯାଇଛି। ତେବେ ଗତ ୧୫ ତାରିଖ ସୁଦ୍ଧା ୩୨ ଲକ୍ଷ ୫୬ ହଜାର ହିତାଧିକାରୀ ଯାଞ୍ଚରେ ସାମିଲ ହୋଇପାରିନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଏହାର ଅବଧି ବଢ଼ାଇଛନ୍ତି।

ନିଜର ଇ-କେୱାଇସି ଯାଞ୍ଚ କରିନଥିବା ହିତାଧିକାରୀଙ୍କ ମଧ୍ୟରେ ସର୍ବାଧିକ ୨ ଲକ୍ଷ ୭୧ ହଜାରରୁ ଅଧିକ ରହିଛନ୍ତି ଗଞ୍ଜାମ ଜିଲ୍ଲାରେ। ଏହା ପଛକୁ ମୟୂରଭଞ୍ଜ ଜିଲ୍ଲାରେ ୨ ଲକ୍ଷ ୭ ହଜାର ଥିବାବେଳେ ବାଲେଶ୍ୱରରେ ପାଖାପାଖି ୨ ଲକ୍ଷ ହିତାଧିକାରୀ ରହିଛନ୍ତି। କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ୧ ଲକ୍ଷ ୭୫ ହଜାରରୁ ଅଧିକ କରି ହିତାଧିକାରୀ ଏହି ତାଲିକାରେ ଥିବା ବେଳେ କୋରାପୁଟରେ ୧ ଲକ୍ଷ ୬୧ ହଜାରରୁ ଅଧିକ ରହିଛନ୍ତି। ଯାଜପୁର ଜିଲ୍ଲାରେ ୧ ଲକ୍ଷ ୫୦ ହଜାରରୁ ଅଧିକ ହିତାଧିକାରୀ ରହିଥିବା ବେଳେ ବରଗଡ଼, ଭଦ୍ରକ, ବଲାଙ୍ଗିର, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ଏମାନଙ୍କ ସଂଖ୍ୟା ଲକ୍ଷେ ଉପରେ ରହିଛି।

ତେବେ ଅନେକ ସ୍ଥାନରେ ଏବେ ଲୋକଙ୍କ ନିକଟକୁ ଆସୁଥିବା ନୋଟିସରେ ସେମାନଙ୍କର ରାସନ କାର୍ଡ କାହିଁକି କଟାନଯିବ, ସେଥିପାଇଁ କାରଣ ଦର୍ଶାଇବାକୁ କୁହାଯାଉଛି। ଏହାକୁ ନେଇ ବହୁ ଲୋକେ ଏବେ ଅଡୁଆରେ ପଡ଼ିଛନ୍ତି। ଯେଉଁମାନେ ଋଣଟିଏ ପାଇବା କିମ୍ବା ବ୍ୟାଙ୍କ୍ ଖାତା ଖୋଲିବା ପାଇଁ ପାନ୍ କାର୍ଡ ବାହାର କରିଛନ୍ତି ଓ ଶୂନ ଆୟକର ଦାଖଲ କରିଛନ୍ତି, ସେମାନଙ୍କ ନିକଟକୁ ଏଭଳି କାରଣ ଦର୍ଶାଅ ନୋଟିସ୍ ଆସିଛି। ବର୍ତ୍ତମାନ ବିଭାଗୀୟ ମନ୍ତ୍ରୀ ଶୂନ ଆୟକର ଦାଖଲ କରିଥିବା ବ୍ୟକ୍ତି ତାଲିକାରେ ରହିବେ ବୋଲି କହିବା ପରେ ନୋଟିସ୍ ପାଇଥିବା ଲୋକେ ଦ୍ୱନ୍ଦ୍ୱରେ ରହିଛନ୍ତି। ଏପରିକି ସେମାନେ ଶୂନ ଆୟକର ଦାଖଲରେ ଯେତିକି ଆୟ ଦେଖାଇଛନ୍ତି, ତାହା ନୋଟିସ୍‌ର ଉତ୍ତରରେ ଦର୍ଶାଇବେ କି ନାହିଁ, ସେଥିନେଇ ଚିନ୍ତାରେ ପଡ଼ିଛନ୍ତି।

ସେହିଭଳି ବର୍ଷ ବର୍ଷ ଧରି ମାଗଣା ଚାଉଳ ଖାଇ ଦୁର୍ବଳ ବର୍ଗରୁ ସ୍ୱଚ୍ଛଳ ବର୍ଗ ପାଲଟିଥିବା ଏବଂ ଏକାଧିକ କୋଠାଘର ଓ ଯାନବାହାନର ମାଲିକ ହୋଇଥିବା ବହୁ ଲୋକେ ଭବିଷ୍ୟତରେ ସରକାରୀ କାର୍ଯ୍ୟାନୁଷ୍ଠାନ ଭୟରେ ନିଜ ଆଡୁ ଆଉ ଇ-କେୱାଇସି ଯାଞ୍ଚ କରୁନାହାନ୍ତି। ହେଲେ ଆଦିବାସୀ ବହୁଳ ଅଞ୍ଚଳରେ ଅନେକ ଯୋଗ୍ୟ ହିତାଧିକାରୀ ଏବେ ଇଣ୍ଟରନେଟ୍ ଅଭାବ କିମ୍ବା ଧିମା ଗତି ଯୋଗୁଁ ଚାହିଁଲେ ମଧ୍ୟ ଇ-କେୱାଇସି ଅପଡେଟ୍ କରିବାରେ ସକ୍ଷମ ହେଉନାହାନ୍ତି।

ହାତରେ ଥିବା ମାସକ ମଧ୍ୟରେ ସରକାର ଏହି ବର୍ଗର ଲୋକଙ୍କ ପାଇଁ କି ପ୍ରକାର ବ୍ୟବସ୍ଥା କରିବେ ଏବଂ ଆୟକର ସୀମା ନେଇ କି ପ୍ରକାର ସରକାରୀ ନିର୍ଦ୍ଦେଶନାମା ଜାରି କରିବେ ତାହାକୁ ଏବେ ଲୋକେ ଚାହିଁ ବସିଛନ୍ତି। ଅନ୍ୟ ପକ୍ଷରେ ସରକାରୀ ଚାକିରିଆ ଓ ବହୁ ସ୍ୱଚ୍ଛଳବର୍ଗର ଲୋକେ ମଧ୍ୟ ରାସକାର୍ଡ ଫେରାଇବାରେ ଲାଗିଛନ୍ତି। ତେଣୁ ସମ୍ପ୍ରସାରିତ ଅବଧି ମଧ୍ୟରେ ୩୨, ୫୬, ୪୬୫ ଜଣଙ୍କ ମଧ୍ୟରୁ କେତେ ଯୋଡି ହେବେ ଓ କେତେ ବାଦ୍ ପଡ଼ିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। (ତଥ୍ୟ)

## ଆଖଣ୍ଡଳମଣି ମନ୍ଦିରରେ ଉପମୁଖ୍ୟମନ୍ତ୍ରୀଙ୍କ ପୂଜାର୍ଚ୍ଚନା
# ୧୦ କୋଟିର ଅନୁଦାନ ଘୋଷଣା



**ଭୁବନେଶ୍ୱର,୨୬।୨ (ସଂଚାର ବ୍ୟୁରୋ):** ଆଜି ମହାଶିବରାତ୍ରୀ ଅବସରରେ ଭଦ୍ରକ ଆରଡିର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣୀ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ୍ ଶକ୍ତି ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା। ତାଙ୍କ ସହ ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମଧ୍ୟ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଅଖଣ୍ଡଳମଣୀ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୧୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ଅର୍ଥରେ ମନ୍ଦିରର ବିକାଶ ସହ ଆଖପାଖ ଅଞ୍ଚଳରେ ଭିତ୍ତିଭୂମି ବିକାଶ ହେବ। ଏ ବାବଦ ଅର୍ଥ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ମନ୍ଦିରରେ ପୂଜା କରିବାର ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟଶାଳୀ ମନେ କରୁଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଆଖଣ୍ଡଳମଣୀ ମନ୍ଦିର ପାଇଁ ଘୋଷଣା ହୋଇଥିବା ଅନୁଦାନ ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

**ଋଷିକୁଲ୍ୟା ମୁହାଣରେ ୬.୯୮ ଲକ୍ଷ ଅଲିଭ ରିଡଲେଙ୍କ ଅଣ୍ଡାଦାନ**

# ୨୩ ବର୍ଷ ଭିତରେ ସର୍ବାଧିକ

- ଗହୀରମଥା ରେକର୍ଡ ଏବେ ବି କାଏମ୍
- ୮ ଦିନ ଧରି ଚାଲିଥିଲା ଗଣଅଣ୍ଡାଦାନ ପ୍ରକ୍ରିୟା
- ସୁରକ୍ଷା ପାଇଁ ୬ କିମି ବେଳାଭୂମିରେ ତାରବାଡ଼ ବ୍ୟବସ୍ଥା



**ବ୍ରହ୍ମପୁର,୨୬।୨(ସଂଚାର ବ୍ୟୁରୋ):** ଚଳିତବର୍ଷ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣରେ ବିରଳ ପ୍ରଜାତି ଅଲିଭ ରିଡଲେ କଇଁଛଙ୍କ ଗଣଅଣ୍ଡାଦାନ ରେକର୍ଡ କରିଛି। ୮ ଦିନ ଧରି କଇଁଛଙ୍କ ଗଣଅଣ୍ଡାଦାନ ଚାଲିଥିବା ବେଳେ ଏହି ସମୟ ମଧ୍ୟରେ ମୋଟ ୬ ଲକ୍ଷ ୯୮ ହଜାର ୭୧୮ କଇଁଛ ଏହି ପ୍ରକ୍ରିୟାରେ ସାମିଲ୍ ହୋଇଛନ୍ତି, ଯାହାକି ୨୩ ବର୍ଷ ଭିତରେ ସର୍ବାଧିକ। ଏନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ଋଷିକୁଲ୍ୟା ମୁହାଣରେ ଅଲିଭ ରିଡଲେ କଇଁଛଙ୍କ ଗଣଅଣ୍ଡାଦାନ ପ୍ରକ୍ରିୟା ଚାଲିଥିଲା। ବିଗତ ବର୍ଷମାନଙ୍କରେ ଋଷିକୁଲ୍ୟା ମୁହାଣକୁ ଗଣଅଣ୍ଡାଦାନ ସମୟରେ ଆସିଥିବା କଇଁଛମାନଙ୍କୁ ଜେଡଏସଆଇ (ଜୁଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ) ପକ୍ଷରୁ କରାଯାଇଥିବା ଟ୍ୟାଗିଂ ଅନୁସାରେ, ଚଳିତବର୍ଷ ପ୍ରାୟ ୩୫୦ରୁ ଅଧିକ ଅଲିଭ୍ ରିଡଲେ କଇଁଛ ଲଗାତାର ଆସୁଥିବା ଜଣାପଡ଼ିଛି।

ଏଥିସହ ଋଷିକୁଲ୍ୟା ମୁହାଣରେ ହୋଇଥିବା ଗଣଅଣ୍ଡାଦାନ ଗତ ୨୦୨୩ର ରେକର୍ଡକୁ ଅତିକ୍ରମ କରିଛି। ଗତ ୨୦୨୩ରେ ୬ ଲକ୍ଷ ୩୭ ହଜାର କଇଁଛ ଅଣ୍ଡାଦାନ କରିଥିଲେ। ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣର ପୋଡମପେଟା ବେଳାଭୂମିଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବେଳାଭୂମିରେ ଚଳିତ ବର୍ଷ ଅଲିଭ ରିଡ଼ଲେ କଇଁଛଙ୍କ ଗଣଅଣ୍ଡାଦାନ ହୋଇଛି। ଚଳିତ ବର୍ଷର ଗଣଅଣ୍ଡାଦାନର ପ୍ରଥମ ଦିନରେ ୧୧ ହଜାର ୩୯୦, ଦ୍ୱିତୀୟ ଦିନରେ ୭୯ ହଜାର ୧୬୮, ତୃତୀୟ ଦିନରେ ୧ ଲକ୍ଷ ୨୮ ହଜାର ୨୪୨, ଚତୁର୍ଥ ଦିନରେ ୧ ଲକ୍ଷ ୮୭ ହଜାର ୫୭୮, ପଞ୍ଚମ ଦିନରେ ୧ ଲକ୍ଷ ୪୪ ହଜାର ୯ ଶହ, ଷଷ୍ଠ ଦିନରେ ୯୦ ହଜାର ୨୬୪, ସପ୍ତମ ଦିନରେ ୧୬ ହଜାର ୩୦୬ ଓ ଅଷ୍ଟମ ତଥା ଅନ୍ତିମ ଦିନରେ ୪୦ ହଜାର ୮୭୦ କଇଁଛ ଅଣ୍ଡାଦାନ କରିଛନ୍ତି। ମୋଟ ୮ ଦିନ ମଧ୍ୟରେ ହୋଇଥିବା ଗଣନା ଅନୁଯାୟୀ ପ୍ରାୟ ୬ ଲକ୍ଷ ୯୮ ହଜାର ୭୧୮ଟି କଇଁଛ ଗଣଅଣ୍ଡାଦାନ କରିଛନ୍ତି । ଆଉ ଏହି ଗଣଅଣ୍ଡାଦାନ ସମସ୍ତ ରେକର୍ଡ଼କୁ ଭାଙ୍ଗି ସର୍ବକାଳୀନ ରେକର୍ଡ କରିଛି। ତେବେ ରାଜ୍ୟରେ ସର୍ବାଧିକ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ୍ ହୋଇଥିବା କଇଁଛଙ୍କ ସଂଖ୍ୟାରେ କେନ୍ଦ୍ରାପଡ଼ାର ଗହୀରମଥା ଏବେ ବି ତା'ର ରେକର୍ଡ ବଜାୟ ରଖିଛି। ଏଠାରେ ଗତ ୨୦୦୨-୦୩ରେ ସର୍ବାଧିକ ୭ ଲକ୍ଷ ୪୧ ହଜାର କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ୍ ହୋଇଥିଲେ।

ସେହିପରି ଋଷିକୁଲ୍ୟା ମୁହାଣରେ ଅଲିଭ ରିଡଲେ କଇଁଛଙ୍କ ଗଣଅଣ୍ଡାଦାନ ପରେ ଗଞ୍ଜାମ ଉପକୂଳର କେତେକ ସ୍ଥାନରେ କଇଁଛମାନଙ୍କ ସ୍ପୋରାଡିକାଲ ଅଣ୍ଡାଦାନ ବା ଇଣ୍ଡିଭିଜୁଆଲ ଅଣ୍ଡାଦାନ ପ୍ରକ୍ରିୟା ଚାଲୁ ରହିଛି। ଋଷିକୁଲ୍ୟା ମୁହାଣ ବ୍ୟତୀତ ଗଞ୍ଜାମ ଜିଲ୍ଲା ଗୋପାଳପୁର, ସୋନପୁର, ମାର୍କଣ୍ଡି, ରାମେୟାପାଟଣା ଭଳି ସ୍ଥାନରେ ଏହି ଅଣ୍ଡାଦାନ ପ୍ରକ୍ରିୟା ଦେଖିବାକୁ ମିଳିଛି। ସେଠାରୁ ଅଣ୍ଡାକୁ ସଂଗ୍ରହ କରାଯାଇ ଆର୍ଟିଫିସିଆଲ୍ ହ୍ୟାଚେରୀରେ ରଖାଯାଉଛି ବୋଲି ବ୍ରହ୍ମପୁର ଡିଏଫଓ ଶନି ଖୋଖର କହିଛନ୍ତି।

ଏହାଛଡ଼ା ବିଗତ ବର୍ଷମାନଙ୍କର ତଥ୍ୟରୁ ବିରଳ ପ୍ରଜାତିର ଅଲିଭ୍ ରିଡେଲ କଇଁଛମାନଙ୍କୁ ବାଦ୍ ଦେଲେ ଓଡ଼ିଶା ଉପକୂଳରେ କମ ସଂଖ୍ୟାରେ ଗ୍ରୀନ୍ ପ୍ରଜାତିର କଇଁଛ ଦେଖିବାକୁ ମିଳିଥିବା ଜଣାପଡ଼ିଛି। ଗତ ୨ ବର୍ଷ ଧରି ଋଷିକୂଲ୍ୟାରେ ଗୋଟିଏ ଲେଖାଏଁ ଗ୍ରୀନ କଇଁଛ ଆସିଥିଲେ। ଏହି ପ୍ରଜାତିର କଇଁଛମାନେ ଏପ୍ରିଲ ଓ ମେ'ରେ ଆସିଥାନ୍ତି। ଲାକ୍ଷାଦ୍ୱୀପରେ ଅଧିକ ମାତ୍ରାରେ ଦେଖିବାକୁ ମିଳୁଥିବା ଏହି ପ୍ରଜାତିର କଇଁଛ ଚଳିତ ବର୍ଷ ଋଷିକୁଲ୍ୟା ମୁହାଣକୁ ଆସିବା ସହ ସେଥି ମଧ୍ୟରୁ ଗୋଟିଏ ଅଣ୍ଡାଦାନ କରିଥିବା ଜେଡଏସଆଇ ବୈଜ୍ଞାନିକ ଅନୀଲ ମହାପାତ୍ର ସୂଚନା ଦେଇଛନ୍ତି। ଏହି ପ୍ରଜାତିର କଇଁଛମାନେ ମୁଖ୍ୟତଃ ସ୍ପୋରାଡିକାଲ ଅଣ୍ଡାଦାନରେ ୩ରୁ ୪ଟି ଲେଖାଏଁ ଦେଉଥିବା ଗବେଷଣାରୁ ଜଣାପଡ଼ିଛି। ଆହୁରି ଗଣଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ ରଖିବା ସକାଶେ ପୋଡମପେଟାଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ବେଳାଭୂମିକୁ ପୂର୍ବ ଭଳି ସୁରକ୍ଷା ପ୍ରଦାନ କରାଯାଉଛି। ପ୍ରାୟ ୫୦ଟି ସେଗମେଣ୍ଟରେ ବନ କର୍ମଚାରୀମାନେ ଅଣ୍ଡାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ପ୍ରାୟ ୬ କିମି ବେଳାଭୂମିରେ ତାରବାଡ଼ ବୁଲାଯାଇଛି। ସେପଟେ କେବଳ ଋଷିକୁଲ୍ୟା ମୁହାଣରେ କଇଁଛଙ୍କ ସୁରକ୍ଷା ପାଇଁ ଏଭଳି ଫେନସିଂ କରାଯାଉଥିବା ସମୁଦ୍ର କଇଁଛ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ର କୁମାର ସାହୁ କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ନା ବଜାରରେ ନିଆଁ। ଦାଉଁ ଦାଉଁ ହୋଇ ଚମକୁଛି ସୁନା। ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି। ଏବେ ୯୦ହଜାର ଆଡକୁ ମୁହାଁଇଲାଣି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ହଜାର ୮୨୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୫୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୫୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୮୨୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୫୦୦ ଟଙ୍କା ଓ ୮୭,୮୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୬୫୦ ଟଙ୍କା ଓ ୮୭, ୯୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୫୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୫୦୦ ଓ ୮୭,୮୨୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୮,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ . ୧୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# କିଆ ଲଞ୍ଚ୍ କଲା ସେଲ୍‌ଟସର ୩ ନୂଆ ମଡେଲ୍

**ନୂଆଦିଲ୍ଲୀ, ୨୬।୨:** କିଆ ସେଲ୍‌ଟସର ପ୍ରଥମ ମଡେଲ୍ ୨୦୧୯ ମସିହାରେ ଭାରତୀୟ ବଜାରକୁ ଆସିଥିଲା। ଏହା ପରେ, ୨୦୨୩ ମସିହାରେ ଏହି କମ୍ପାକ୍ଟ ଏସୟୁଭିର ଫେସଲିଫ୍ଟ ମଡେଲ୍ ବଜାରକୁ ଆସିଥିଏଲା। ସେବେଠାରୁ ଅଟୋମେକର୍ସ ସେମାନଙ୍କର ସେଲ୍‌ଟସ ଲାଇନଅପର ଅପଡେଟ୍ କରିଆସୁଛନ୍ତି। ଗତ ବର୍ଷ ୨୦୨୪ ମସିହାରେ କିଆ ଏହି କାରର ଆଉ ଏକ ନୂଆ ଭ୍ୟାରିଆଣ୍ଟ ଲଞ୍ଚ କରିଥିଲା। ସେହିଭଳି ଚଳିତ ବର୍ଷ ମଧ କିଆ ସେଲ୍‌ଟସ ନୂଆ ଭ୍ୟାରିଆଣ୍ଟ ଏବଂ ଫିଚର୍ସକୁ ଆଡ୍ କରିଛି। ଏହି ନୂଆ ଭ୍ୟାରିଆଣ୍ଟଗୁଡିକ ସହିତ ବର୍ତ୍ତମାନ ମାର୍କେଟରେ କିଆ ସେଲ୍‌ଟସ ର ମୋଟ୍ ୨୪ ଟି ଟ୍ରିମ୍ ଉପଲବ୍ଧ।

**କିଆ ସେଲ୍‌ଟସ ଏଚଟିଇ (ଓ):** କିଆ ସେଲ୍‌ଟସ ଲାଇନଅପରେ ଏକ ନୂଆ ଏଣ୍ଟ୍ରି ଲେବଲ୍ ଭ୍ୟାରିଆଣ୍ଟ ଲଞ୍ଚ କରିଛି। ଏହି ନୂଆ ଭ୍ୟାରିଆଣ୍ଟ ଏଚଟିଇ (ଓ)ର ଏକ୍ସ-ସୋରୁମ୍ ପ୍ରାଇସ୍ ୧୧.୧୩ ଲକ୍ଷ ଟଙ୍କା ରଖାଯାଇଛି। ବର୍ତ୍ତମାନ ଏହା ଭାରତୀୟ ବଜାରରେ ଉପଲବ୍ଧ କମ୍ପାକ୍ଟ ଏସୟୁଭି ମଧ୍ୟରେ ସବୁଠାରୁ ମହଙ୍ଗା ଏଣ୍ଟ୍ରି ଲେବଲ୍ ମଡେଲ୍। ଏହି କାରଟିରେ ବ୍ଲୁଟୁଥ୍ କନେକ୍ଟିଭିଟି ସହିତ ୮-ଇଞ୍ଚର ଟଚସ୍କ୍ରିନ୍ ଦିଆଯାଇଛି। ଏଥି ସହିତ ୬-ସ୍ପିକର ଅଡିଓ



ସିଷ୍ଟମ ମଧ ଲଗାଯାଇଛି। ଏହି କାରରେ ଲାଗିଥିବା ଷ୍ଟିଅରିଂ ହ୍ୱିଲକୁ ଭଏସ୍ ମାଧମରେ ମଧ କଣ୍ଟ୍ରୋଲ କରାଯାଇପାରିବ।

**କିଆ ସେଲ୍‌ଟସ ଏଚଟିକେ(ଓ):** କିଆ ସେଲ୍‌ଟସ ର ଏହି ନୂଆ ଭ୍ୟାରିଆଣ୍ଟରେ ପାନୋରାମିକ୍ ସନରୁଫ୍, ୧୬-ଇଞ୍ଚର ଆଲଏ ହ୍ୱିଲ୍ ଏବଂ ରୁଫ୍ ରେଲ୍ସକୁ ଆଡ୍ କରାଯାଇଛି। ଏହା ସହିତ କାରରେ ୱାଶର ସହିତ ରିୟର ୱାଇପର ମଧ ମଧ ଲଗାଯାଇଛି। କିଆ ର ଏହି କାରରେ ମୋସନ୍ ସେନ୍ସର ସହିତ ଏକ ସ୍ମାର୍ଟ key ଦିଆଯାଇଛି। କିଆ ସେଲ୍‌ଟସ ଏଚଟିକେ(ଓ) ର ଏକ୍ସ-ସୋରୁମ୍ ପ୍ରାଇସ୍ ୧୨.୯୯ ଲକ୍ଷ ଟଙ୍କା ରହିଛି।

**କିଆ ସେଲ୍‌ଟସ ଏଚଟିକେ+(ଓ):** କିଆ ସେଲ୍‌ଟସ ଏଚଟିକେ+(ଓ)ର ଏକ୍ସ-ସୋରୁମ୍ ପ୍ରାଇସ୍ ୧୪.୩୯ ଲକ୍ଷ ଟଙ୍କା ରଖାଯାଇଛି। ଏହି ଗାଡିରେ ୧୭-ଇଞ୍ଚର ଆଲଏ ହ୍ୱିଲ୍ ଏବଂ ଟ୍ରାନ୍ସମିସନ୍ ଅପ୍ସନ୍ ଆଡ୍ କରାଯାଇଛି। ଏହି ଗାଡିରେ ବର୍ତ୍ତମାନ କଷ୍ଟମର୍ସଙ୍କୁ ଆଇଭିଟି ଏବଂ ଅଟୋମେଟିକ୍ ଟ୍ରାନ୍ସମିସନର ଅପ୍ସନ ମିଳିବ। ଏଥି ସହ ଏହି କାରରେ ଟର୍ଣ୍ଣ ସିଗନାଲ୍ ଏଲଇଡି ସିକ୍ୟୁଏନ୍ସ ଲାଇଟ୍ ସହିତ ଏଲଇଡି ହେଡଲ୍ୟାମ୍ପ ଏବଂ ଏଲଇଡି ଫଗ ଲ୍ୟାମ୍ପ ଲଗାଯାଇଛି।

## ଟାଟା-ଏୟାରଟେଲ୍ ଡିଟିଏଚ୍‌ର ହେବ ମିଶ୍ରଣ ଶୀଘ୍ର ହୋଇପାରେ ଘୋଷଣା



**ନୂଆଦିଲ୍ଲୀ, ୨୬।୨:** ଡିଜିଟାଲ୍ ପ୍ଲାଟ୍‌ଫର୍ମଗୁଡ଼ିକର ଗ୍ରହଣୀୟତା ବଢ଼ିବା ପରେ ଚାପରେ ଥିବା ଡାଇରେକ୍ଟ ଟୁ ହୋମ୍ (ଡିଟିଏଚ୍) କ୍ଷେତ୍ରରେ ଏକ ବଡ଼ ଧରଣର ମିଶ୍ରଣ ହେବାକୁ ଯାଉଛି। ଦେଶର ଦୁଇ ପ୍ରମୁଖ ଡିଟିଏଚ୍ ସେବା ପ୍ରଦାନକାରୀ ଟାଟା ପ୍ଲେ ଓ ଏୟାର୍‌ଟେଲ୍ ଡିଜିଟାଲ୍ ଟିଭି ମଧରେ ମିଶ୍ରଣ ହେବ। ଉଭୟ କମ୍ପାନି ପକ୍ଷରୁ ଏସମ୍ପର୍କରେ କୌଣସି ସୂଚନା ଦିଆଯାଇନଥିଲେ ମଧ ଆଗାମୀ କିଛି ସପ୍ତାହରେ ଏନେଇ ଘୋଷଣା ହେବା ଆଶା କରାଯାଉଛି। ଏହା ପୂର୍ବରୁ ୨୦୧୬ରେ ଡିସ୍ ଟିଭି ଓ ଭିଡିଓକନ୍ ଡି୨ଏଚ୍ ମଧରେ ମିଶ୍ରଣ ହୋଇଥିଲା। ସୂଚନା ଅନୁସାରେ, ଟାଟା ଓ ଏୟାରଟେଲ୍ ଡିଟିଏଚ୍‌ର ମିଶ୍ରଣରେ ଗଠନ ହେବାକୁ ଥିବା କମ୍ପାନିରେ ଏୟାରଟେଲ୍‌ର ୫୨-୫୫ ପ୍ରତିଶତ ଏବଂ ଟାଟା ପ୍ଲେର ୪୫-୪୮ ପ୍ରତିଶତ ପର୍ଯ୍ୟନ୍ତ ଅଂଶଧନ ରହିବ। ଏହି କମ୍ପାନି ଅଧୀନରେ ୩.୫ କୋଟିରୁ ଅଧିକ ଡିଟିଏଚ୍ ଗ୍ରାହକ ରହିବେ। ଟାଟା ପ୍ଲେକୁ ଟାଟା ସନ୍ସ ଓ ୱାଲ୍ଡ ଡିଜ୍‌ନି ପକ୍ଷରୁ ମିଳିତ ଭାବେ ପରିଚାଳନା କରାଯାଉଛି। ଏହି କମ୍ପାନିରେ ଟାଟା ସନ୍ସର ୭୦ ପ୍ରତିଶତ ଓ ୱାଲ୍ଟ ଡିଜ୍‌ନିର ୩୦ ପ୍ରତିଶତ ଅଂଶଧନ ରହିଛି। ଏୟାରଟେଲ୍ ଡିଜିଟାଲ୍ ଟିଭିର ସମ୍ପୂର୍ଣ୍ଣ ମାଲିକାନା ଏୟାରଟେଲ୍ ପାଖରେ ରହିଛି।

ଦେଶର ଡିଟିଏଚ୍ ବଜାରର ସର୍ବାଧିକ ୩୨ ପ୍ରତିଶତ ଅଂଶ ଟାଟା ପ୍ଲେ ପାଖରେ ଥିବା ବେଳେ ଏୟାରଟେଲ୍ ଡିଜିଟାଲ୍ ଟିଭି ପାଖରେ ୨୯ ପ୍ରତିଶତ, ଡିସ୍ ଟିଭି ପାଖରେ ୨୦ ପ୍ରତିଶତ ଓ ସନ୍ ଡାଇରେକ୍ଟ ପାଖରେ ୧୯ ପ୍ରତିଶତ ବଜାର ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଟାଟା ପ୍ଲେର ମୋଟ ରାଜସ୍ୱ ୪୩୨୭ କୋଟି ଟଙ୍କା ଏବଂ ଏୟାରଟେଲ୍ ଡିଟିଏଚ୍‌ର ୩୦୪୫ କୋଟି ଟଙ୍କା ଥିଲା। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ତଥ୍ୟ ଅନୁସାରେ ଦେଶରେ ଡିଟିଏଚ୍ ଗ୍ରାହକ ସଂଖ୍ୟା ୨୦୨୩-୨୪ ସୁଦ୍ଧା ୬ କୋଟିକୁ ହ୍ରାସ ପାଇଛି। ୨୦୨୦-୨୧ରେ ସେହି ସଂଖ୍ୟା ୭ କୋଟିରୁ ଅଧିକ ଥିଲା।

## ମହାକୁମ୍ଭରେ ୪୫ ଦିନରେ ୩ଲକ୍ଷ କୋଟି ରାଜସ୍ୱ ଆୟ

**ନୂଆଦିଲ୍ଲୀ, ୨୬।୨:** ଐତିହାସିକ ମହାକୁମ୍ଭ ୨୦୨୫ ଶେଷ ହେବାକୁ ଯାଉଛି । ଆଜି ମହାଶିବରାତ୍ରିରେ ଏହାର ଅନ୍ତିମ "ସ୍ନାନ" (ପବିତ୍ର ବୁଡ଼)। ଜାନୁଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୪୫ ଦିନ ଧରି ଚାଲିଛି। ଯେଉଁଥିରେ ଅଧିକ ଶ୍ରଦ୍ଧାଳୁ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗଙ୍ଗା ନଦୀରେ ପବିତ୍ର ବୁଡ଼ ପକାଇଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାରଙ୍କ ପାଇଁ, ଏହି ମେଗା ଇଭେଣ୍ଟରୁ ରାଜ୍ୟକୁ ୧ ଟ୍ରିଲିୟନ ଡଲାର ଅର୍ଥନୀତି ପଥରେ ଆଣିବାର ଏକ ବଡ଼ ସୁଯୋଗ ଥିଲା। ମହାକୁମ୍ଭର ପରିମାଣ ଏବଂ ରାଜ୍ୟ ଅର୍ଥନୀତି ଉପରେ ଏହାର ପ୍ରଭାବ ବିଷୟରେ କହିବାକୁ ଯାଇ ଯୋଗୀ କହିଛନ୍ତି, "ଆଜି ବିଶ୍ୱ ଉତ୍ତର ପ୍ରଦେଶର ଯେଉଁ ସମ୍ଭାବନା ଦେଖୁଛି, ତାହାକୁ ମହାକୁମ୍ଭ ମେଳା ସହିତ ଯୋଡା ଯାଇପାରିବ। କେବଳ ମହାକୁମ୍ଭ ହିଁ ୟୁପିର ଅର୍ଥନୀତିକୁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ବୃଦ୍ଧି କରିବାରେ ସାହାଯ୍ୟ କରିବ।"


ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆକଳନ କରିଛନ୍ତି ଯେ ମହାକୁମ୍ଭ ୨୦୨୫ ରାଜ୍ୟର ଅର୍ଥନୀତିରେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଯୋଗଦାନ ଦେବ। ଶିଳ୍ପ ସଂଗଠନ କନଫେଡେରେସନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଅନୁଯାୟୀ, ବିଭିନ୍ନ କ୍ଷେତ୍ରର ଉଦ୍ୟୋଗୀମାନେ ଏହି ମହାନ ଆଧାତ୍ମିକ ସମାବେଶରେ ସାମିଲ ହୋଇଛନ୍ତି, ସେମାନେ ୨ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ସୁଯୋଗକୁ ଆଖି ଆଗରେ ରଖିଛନ୍ତି। ଏଫଏମସିଜି, ଟେକ ଷ୍ଟାର୍ଟ-ଅପ ଏବଂ ଫିନଟେକ କ୍ଷେତ୍ରର ପ୍ରମୁଖ ଖେଳାଳିମାନେ ରୋଜଗାର କରିଥିଲେ। ୨୦୧୯ରେ ୨,୧୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଏବଂ ଏଥିରେ ୧.୨ ଲକ୍ଷ କୋଟି ରାଜସ୍ୱ ବୃଦ୍ଧି ପାଇଥିଲା।



ସେମାନଙ୍କର ବଜାର ଉପସ୍ଥିତିକୁ ବିସ୍ତାର କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରୁଛନ୍ତି।

ରିପୋର୍ଟ ଅନୁସାରେ ଚଳିତ କୁମ୍ଭମେଳାରେ ରାଜସ୍ୱରେ ବିପୁଳ ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୧୩ ମସିହାରେ, ସରକାର ୧,୦୧୭ କୋଟି ଟଙ୍କା ଖର୍ଚ୍ଚ ବଦଳରେ ୧୨,୦୦୦ କୋଟି ଟଙ୍କା ୨୦୨୫ ମହାକୁମ୍ଭ ପାଇଁ ସରକାର ୭,୫୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ବରାଦ କରିଛନ୍ତି, ଯାହା ୨ ଲକ୍ଷ କୋଟି ଟଙ୍କାର ବିପୁଳ ରାଜସ୍ୱ ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ଏହାକୁ ଇତିହାସର ସବୁଠାରୁ ଆର୍ଥିକ ପ୍ରଭାବଶାଳୀ ଧାର୍ମିକ ସମାବେଶ ମଧ୍ୟରୁ ଗୋଟିଏ କରିବ।

## କୋଟିପତି ଆୟକରଦାତା ୪୩% ବଢ଼ିଲେ




**ନୂଆଦିଲ୍ଲୀ, ୨୬।୨:** ଚଳିତ ବର୍ଷ ଜାନୁଆରି ୩୧ ସୁଦ୍ଧା ୯ କୋଟିରୁ ଅଧିକ ଲୋକ ଆୟକର ରିଟର୍ଣ୍ଣ (ଆଇଟିଆର୍) ଦାଖଲ କରିଛନ୍ତି। ଗତବର୍ଷ ତୁଳନାରେ ସେମାନଙ୍କ ସଂଖ୍ୟା ୬.୮ ପ୍ରତିଶତ ବଢ଼ିଛି। ମିଳିଥିବା ତଥ୍ୟ ଅନୁସାରେ ଦେଶରେ ୧ କୋଟି ଟଙ୍କାରୁ ଅଧିକ ଆୟ ଦେଖାଇଥିବା ଟିକସଦାତାଙ୍କ ସଂଖ୍ୟାରେ ୪୩ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୦-୨୧ରେ ୧ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ଟିକସଦାତାଙ୍କ ସଂଖ୍ୟା ୨.୨୪ କୋଟି ଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ସେମାନଙ୍କ ସଂଖ୍ୟା ୩.୨୧ କୋଟିରୁ ଅଧିକ ହୋଇଛି। ଏହି ସମାନ ସମୟରେ ମୋଟ ଆୟକରଦାତାଙ୍କ ସଂଖ୍ୟା ୮.୪୭ କୋଟିରୁ ବୃଦ୍ଧି ପାଇ ୯.୦୫ କୋଟି ହୋଇଛି। ଆୟକରଦାତାଙ୍କ ସଂଖ୍ୟାରେ ହୋଇଥିବା ବୃଦ୍ଧିର କିଛି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। କିନ୍ତୁ ଅତୀତରେ ଲୋକସଭାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଦେଇଥିବା ତଥ୍ୟ ଅନୁଯାୟୀ, ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ପାଇଁ ଆୟକର ରିଟର୍ଣ୍ଣରେ ବୃଦ୍ଧି ଘଟିଛି। ନୂଆ ଫର୍ମ୨୬ଏଏସ୍‌ରେ ଟିକସ କାଟ, ଉତ୍ସରୁ ଟିକସ ସଂଗ୍ରହ, ଦାବି ଓ ରିଫଣ୍ଡ ଭଳି ତଥ୍ୟ ରହିଛି। ଲୋକମାନେ ଆଗୁଆ କାରବାର ସମ୍ପର୍କିତ ତଥ୍ୟ ଜାଣିପାରୁଥିବାରୁ ନିଜର ପ୍ରକୃତ ଆୟ ଜଣାଇବାକୁ କୁଣ୍ଠା ପ୍ରକାଶ କରୁନାହାନ୍ତି। ଇ-ଭେରିଫିକେସନ୍ ସ୍କିମ୍ ମଧ ଆୟକର ରିଟର୍ଣ୍ଣ ବଢ଼ାଇବାରେ ସହାୟକ ହୋଇଛି। କଳାଧନ ନିୟମ, ବେନାମି କାରବାର (ନିଷିଦ୍ଧ) ନିୟମରେ ସଂଶୋଧନ ଆଦି ଲାଗୁ କରାଯିବା ପରେ ସ୍ୱେଚ୍ଛାକୃତ ଭାବେ ଆୟକର ରିଟର୍ଣ୍ଣ ଦାଖଲ ବଢ଼ିଥିବା ମନ୍ତ୍ରୀ କହିଛନ୍ତି।

## ସୁନା ଆମଦାନି ୨୦ ବର୍ଷରେ ସର୍ବନିମ୍ନ

**ମୁମ୍ବାଇ, ୨୬।୨:** ବିଶ୍ୱ ବଜାରରେ ସୁନା ମହଙ୍ଗା ହେବା ସହ ଭାରତକୁ ଆମଦାନି ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଫେବ୍ରୁଆରି ଆମଦାନି ଗତବର୍ଷ ତୁଳନାରେ ୮୫ ପ୍ରତିଶତ କମ୍ ହୋଇଛି, ଯାହା ୨୦ ବର୍ଷରେ ସର୍ବନିମ୍ନ। ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦର ରେକର୍ଡ ୨୯୫୬.୧୫ ଡଲାର ଭଳି ଉଚ୍ଚ ସ୍ତରରେ ରହିଛି। ଫେବ୍ରୁଆରିରେ ମାସରେ ମାତ୍ର ୧୫ ଟନ୍ ସୁନା ଆମଦାନି ହୋଇଥିବା ଅନୁମାନ କରାଯାଉଛି। ଗତବର୍ଷ ଏହି ମାସରେ ଦେଶକୁ ତା'ଠାରୁ ଯଥେଷ୍ଟ ଅଧିକ ୧୦୩ ଟନ୍ ସୁନା ଆସିଥିଲା। ଗତ ଦଶନ୍ଧିର ଚିତ୍ର ହିସାବକୁ ନେଲେ ଫେବ୍ରୁଆରିରେ ଭାବେ ୭୬.୫ ଟନ୍ ଅଣାଯାଇଛି।

ବିବାହ ଋତୁ ଚାଲିଥିବା ବେଳେ ସୁନା କିଣାରେ ଏଭଳି ହ୍ରାସ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ଦରବୃଦ୍ଧି କାରଣରୁ ବ୍ୟାଙ୍କ ଓ ଜୁଏଲର୍ସଗୁଡ଼ିକ ଅଧିକ ସୁନା ମଗାଉନାହାନ୍ତି। ସେମାନେ ଜାନୁଆରିରେ ଯେଉଁ ସୁନା ଆମଦାନି କରିଥିଲେ ତାହା ଏପର୍ଯ୍ୟନ୍ତ ସୀମା ଶୁଳ୍କଠାରୁ ଅଣାଯାଇନାହିଁ। ତେଣୁ ଫେବ୍ରୁଆରିରେ ଅଧିକ ସୁନା କିଣିବାର ଆବଶ୍ୟକତା ନାହିଁ



ବୋଲି ଏକ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ସୀମା ଶୁଳ୍କ ବିଭାଗର ଜଣେ ଅଧିକାରୀଙ୍କ କହିବାନୁସାରେ ଆସନ୍ତା କିଛି ଦିନ ଭିତରେ ସୁନା ଦର ନ କମିଲେ ଆମଦାନିରେ ଉନ୍ନତିର ସମ୍ଭାବନା କମ୍ ରହିଛି। କିଛି ବୁଲିଅନ୍ ବ୍ୟବସାୟୀ ଆମଦାନି କରିଥିବା ସୁନାକୁ ଭାରତରେ ସୀମା ଶୁଳ୍କ ମୁକ୍ତ ଅଞ୍ଚଳରେ ରଖିଛନ୍ତି। ସେମାନେ ତାହାକୁ ଆମେରିକା ପାଇଁ ରଖିଛନ୍ତି।

### ଗୁଗୁଲ୍‌ର ବଡ଼ ନିଷ୍ପତ୍ତି

## ଜିମେଲ୍‌ରେ ଲଗ୍‌ଇନ୍ ଲାଗି ଆସିବ କ୍ୟୁଆର କୋଡ୍ ବ୍ୟବସ୍ଥା

**ନୂଆଦିଲ୍ଲୀ, ୨୬।୨:** ଗୁଗୁଲ୍ ଏହାର ଇମେଲ୍ ସେବା ଜିମେଲକୁ ଅଧିକ ସୁରକ୍ଷିତ କରିବା ଲାଗି ଲଗାତାର ନୂଆ ଫିଚର୍ସ ଲଞ୍ଚ କରୁଛି। ଏବେ କମ୍ପାନୀ ଟକ୍ସଟ ବେସ୍‌ଡ ପାସୱାର୍ଡ ବଦଳରେ ଏକ ନୂଆ ଭେରିଫିକେଶନ ସିଷ୍ଟମ ଆଣିପାରେ।

**ଏସଏମଏସ ଜରିଆରେ ଭେରିଫିକେଶନ୍ ବନ୍ଦ**

ଗୁଗୁଲ ଏବେ ଜିମେଲ୍‌ରେ କ୍ୟୁଆର କୋଡ ଦେବା ଲାଗି ଏସଏମଏସ ଅଥେଣ୍ଟିଫିକେଶନ କୋଡ୍ ବ୍ୟବସ୍ଥାକୁ ସମାପ୍ତ କରିପାରେ।ସିଏନଇଟିକୁ ଦେଇଥିବା ଏକ ବୟାନରେ ଗୁଗୁଲ୍‌ର ସୁରକ୍ଷା ମୁଖ୍ୟ ରସ ରିଚେରଫର ଏହି ପରିବର୍ତ୍ତନ ନେଇ ସ୍ପଷ୍ଟ କରିଛନ୍ତି। ଆଗାମୀ ଦିନରେ କମ୍ପାନୀ ବ୍ୟବହାରକାରୀଙ୍କଠାରୁ ଫୋନ୍ ନମ୍ବର ଫେରିଫାଇ କରିବା ଲାଗି କ୍ୟୁଆର କୋଡ ସ୍କାନ କରିବାକୁ କହିବ।

ସୂଚନାଯୋଗ୍ୟ, ଅନ୍‌ଲାଇନ୍ ଠକେଇ କରିବା ଲାଗି ଠକମାନେ ବେଶ ଚାଲାକ ଭାବେ ସିମ୍ ସ୍ୱାପିଂ ଏବଂ ଟ୍ରାଫିକ୍ ପମ୍ପିଂର ବ୍ୟବହାର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁଗୁଲ୍ ବଡ଼ ନିଷ୍ପତ୍ତି ନେବାକୁ ଯାଉଛି। ତେବେ ପ୍ରଥମ କମ୍ପାନୀ ଭାବେ ଗୁଗୁଲ୍ ଏସଏମଏସ ବେସ୍‌ଡ ଅଥେଣ୍ଟିଫିକେଶନକୁ ସମାପ୍ତ କରୁନାହିଁ। ଗତ କିଛି ବର୍ଷ ମଧ୍ୟରେ ଏକ୍ସ, ସିଗ୍‌ନାଲ, ଆପଲ୍ ଏବଂ ମାଇକ୍ରୋସଫ୍ଟ ଅଧିକ ସୁରକ୍ଷିତ ଅପ୍‌ଶନ୍ ଲାଗି ଏହି ବ୍ୟବସ୍ଥାକୁ ସମାପ୍ତ କରିଛନ୍ତି।

## ଭାରତର ଅଭିବୃଦ୍ଧି ସମ୍ଭାବନାଠାରୁ କମ୍ ରହିବ: ରାଜନ



**ନୂଆଦିଲ୍ଲୀ, ୨୬।୨:** ଭାରତୀୟ ଅର୍ଥନୀତିରେ ନିକଟରେ ଘଟିଥିବା ସୁଧାରକୁ ସ୍ୱୀକାର କରିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି ଯେ ଆଗାମୀ ଦିନରେ ଦେଶର ଅଭିବୃଦ୍ଧି ଏହାର ପ୍ରକୃତ ସମ୍ଭାବନାଠାରୁ କମ୍ ରହିବ। ଗତବର୍ଷ ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଅଭିବୃଦ୍ଧି ହାର ୬ ପ୍ରତିଶତରୁ ସାମାନ୍ୟ ଅଧିକ ରହିବା ଆକଳନ କରାଯାଇଛି। ବିଶ୍ୱର ସବୁଠୁ ଜନବହୁଳ ଦେଶରେ ଆବଶ୍ୟକ ନିଯୁକ୍ତି ସୃଷ୍ଟି ଲାଗି ତାହା ଯଥେଷ୍ଟ ନୁହେଁ ବୋଲି ରାଜନ କହିଛନ୍ତି। ସେ କହିଛନ୍ତି ଯେ ଗତ ୨୫ ବର୍ଷ ମଧରେ ଭାରତ ହାରାହାରି ଭାବେ ବାର୍ଷିକ ୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ଯାହା ଅତ୍ୟନ୍ତ ଉତ୍ସାହଜନକ। କିନ୍ତୁ ଚୀନ୍ ସହ ତୁଳନା ବେଳେ ଅଲଗା ଚିତ୍ର ସାମ୍ନାକୁ ଆସୁଛି। ପ୍ରତିବର୍ଷ ଶ୍ରମଶକ୍ତିରେ ଯୋଗଦେଉଥିବା ଯୁବକଯୁବତୀମାନଙ୍କୁ ଚାକିରି ଦେବା ଲାଗି ଭାରତକୁ ଆଉ ୨ ପ୍ରତିଶତ ଅଧିକ ଅଭିବୃଦ୍ଧି ଆବଶ୍ୟକ ବୋଲି ସେ କହିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପାଞ୍ଚ ବର୍ଷ ବ୍ୟବଧାନ ପରେ ସୁଧ ହାର ହ୍ରାସ କରାଯିବା ସମ୍ପର୍କରେ ରାଜନ କହିଛନ୍ତି ଯେ ଅର୍ଥନୀତିକୁ କ୍ଷୀପ୍ର ଗତିରେ ଦୌଡ଼ାଇବା ଲାଗି ସେହି ପଦକ୍ଷେପ ଯଥେଷ୍ଟ ନୁହେଁ। ଭାରତରେ ରହିଥିବା ବଡ଼ ସମସ୍ୟାଟି ହେଉଛି, ବ୍ୟବସାୟ ଜଗତ ଯେଉଁ ପ୍ରତିଭା ଚାହୁଁଛନ୍ତି ତାହା ଶ୍ରମଶକ୍ତି ପାଖରେ ନାହିଁ। ତେଣୁ ଲୋକମାନଙ୍କ ଦକ୍ଷତାରେ ଉନ୍ନତି ଆଣି ସେମାନଙ୍କୁ ଉପଯୁକ୍ତ ନିଯୁକ୍ତି ଦେଲେ ଦେଶର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।



## ରିଲାଏନ୍ସ ଆସାମରେ ନିବେଶକୁ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବ: ମୁକେଶ ଅମ୍ବାନୀ

**ଗୁଆହାଟୀ ୨୫।୨:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନୀ ଆସନ୍ତା ପାଞ୍ଚ ବର୍ଷ ମଧରେ ଆସାମରେ କମ୍ପାନୀର ନିବେଶକୁ ଚାରି ଗୁଣ ବୃଦ୍ଧି କରି ୫୦୦୦୦ କୋଟି ଟଙ୍କା କରିବାକୁ ଘୋଷଣା କରିଛନ୍ତି। ଅମ୍ବାନୀ କହିଛନ୍ତି ଯେ, ରିଲାଏନ୍ସ ଆସାମରେ ୧୨ ହଜାର କୋଟିରୁ ଅଧିକ ଟଙ୍କା ବିନିଯୋଗ କରିସାରିଛି। ଗୁଆହାଟୀରେ ଚାଲିଥିବା 'ଆଡଭାନଟେଜ୍ ଆସାମ ୨.୦ ସମ୍ମିଳନୀ'ରେ ମୁକେଶ ଅମ୍ବାନୀ ଏହି ଘୋଷଣା କରିଛନ୍ତି। ଆସାମକୁ ଏଆଇ ସକ୍ଷମ କରିବା ରିଲାଏନ୍ସର ପ୍ରାଥମିକତା ରହିଥିବା ଅମ୍ବାନୀ କହିଛନ୍ତି। ଆସାମରେ ବିଶ୍ୱ ସ୍ତରୀୟ ଡିଜିଟାଲ ସଂଯୋଗ ଭିତ୍ତିଭୂମି ସୃଷ୍ଟି କରିବା ପରେ ରିଲାଏନ୍ସ ବର୍ତ୍ତମାନ ଏଠାରେ କମ୍ପ୍ୟୁଟିଙ୍ଗ ଭିତ୍ତିଭୂମି ସ୍ଥାପନ କରିବ। ଆସାମରେ ରିଲାଏନ୍ସ ଏକ ଏଆଇ ଆଧାରିତ ଏଜ୍ ଡାଟା ସେଣ୍ଟର ନିର୍ମାଣ କରିବ ବୋଲି ସେ ଘୋଷଣା କରିଛନ୍ତି। ରିଲାଏନ୍ସ ରିଟେଲ ମଧ ରାଜ୍ୟରେ ଏହାର ଷ୍ଟୋର ସଂଖ୍ୟାକୁ ୪୦୦ ରୁ ୮୦୦ କୁ ବୃଦ୍ଧି କରିବାକୁ ଯାଉଛି। ଏହାଦ୍ୱାରା ଯୁବପିଢ଼ି ପାଇଁ ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଆସାମକୁ ସ୍ୱଚ୍ଛ ଏବଂ ସବୁଜ ଶକ୍ତିର କେନ୍ଦ୍ର କରିବାକୁ ପ୍ରତିବଦ୍ଧତା ଜାହିର କରି ଆଣବିକ ଶକ୍ତି ସହିତ ଆସାମର ଟାଙ୍ଗରା ଭୂମିରେ ଦୁଇଟି ବାୟୋଗ୍ୟାସ୍ ପ୍ଲାଣ୍ଟ ମଧ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଏଥିରୁ ବାର୍ଷିକ ୮ ଲକ୍ଷ ଟନ୍ ସ୍ୱଚ୍ଛ ବାୟୋଗ୍ୟାସ୍ ଉତ୍ପାଦନ ହେବ, ଯାହା ପ୍ରତିଦିନ ୨ ଲକ୍ଷ ଯାତ୍ରୀବାହୀ ଯାନକୁ ଇନ୍ଧନ ଦେବ। ରିଲାଏନ୍ସ ଆସାମରେ ଏକ ମେଗା ଫୁଡ୍ ପାର୍କ ସ୍ଥାପନ କରିବାକୁ ଘୋଷଣା କରିଛି, ଯାହା ଆସାମକୁ ଦେଶ ତଥା ବିଦେଶରେ ଖାଦ୍ୟ ଏବଂ ଅଣ-ଖାଦ୍ୟ ଉପଭୋକ୍ତା ସାମଗ୍ରୀ ଯୋଗାଣକାରୀ ହେବାରେ ସହାୟକ ହେବ। ନିକଟରେ ଆସାମରେ ନିର୍ମିତ ହୋଇଥିବା କାମ୍ପା ବଟଲିଂ ପ୍ଲାଣ୍ଟ ବିଷୟରେ ସେ ମଧ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ।





## ଓଡ଼ିଶାରେ ମାଲାବାରର ବ୍ୟବସାୟ ସମ୍ପ୍ରସାରଣ

**ଭୁବନେଶ୍ୱର, ୨୬।୨:** ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ମାଲାବାର)ର ଓଡ଼ିଶା ୟୁନିଟ୍ ପକ୍ଷରୁ ଚଳିତ ମାସରେ ଆଉ ୨ଟି ନୂଆ ଶୋ'ରୁମ୍ ସହ ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଓଡ଼ିଶାରେ ମାଲାବାରର ପୂର୍ବରୁ ୪ ଟି ଶୋ'ରୁମ୍ (୨ଟି ଭୁବନେଶ୍ୱର ଏବଂ କଟକ ଓ ସମ୍ବଲପୁର) ରହିଥିଲାବେଳେ ବର୍ତ୍ତମାନ ଆଉ ୨ଟି ନୂତନ ଶୋ'ରୁମ୍ ଅନୁଗୋଳ ଏବଂ ରାଉରକେଲାରେ ଖୋଲିବାକୁ ଯାଉଛି। ୨୦୨୫ ଫେବୃଆରୀ ୨୬ରେ ଓଡ଼ିଶାର ଅନୁଗୋଳଠାରେ ଏବଂ ଫେବୃଆରୀ ୨୮ରେ ରାଉରକେଲାର ଉଦିତନଗରଠାରେ ମାଲାବାରର ଏକ୍ସକ୍ଲୁସିଭ ଶୋ'ରୁମ୍‌ର ଆନୁଷ୍ଠାନିକ ଶୁଭାରମ୍ଭ ହେବାକୁ ଯାଉଛି ବୋଲି ମାଲାବାର ଓଡ଼ିଶା ୟୁନିଟ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଟାୱାର ଉପରେ ୬ ଘଣ୍ଟା ଧରି ଯୁବକଙ୍କ ହାଇଡ୍ରାମା

**ବଲାଙ୍ଗୀର,୨୬।୨(ସଂଚାର ବ୍ୟୁରୋ):** ଟାୱାର ଉପରେ ୬ ଘଣ୍ଟା ଧରି ଯୁବକଙ୍କ ହାଇଡ୍ରାମା । ୧୦୦ ଫୁଟ ଇଲେକ୍ଟ୍ରି ଟାୱାର ଉପରେ ଚଢ଼ି ଜୀବନ ହାରିବାକୁ ଧମକ ଦେଲେ ଯୁବକ । ବଲାଙ୍ଗୀର ଖମାରମୁଣ୍ଡା ଗାଁରେ ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି । ଯୁବକ ଜଣକ ଖମାର ମୁଣ୍ଡା ଗାଁର ଶୀଧେଶ୍ୱର ଭୋଇ । ତାଙ୍କୁ ଉଦ୍ଧାର କରିବାକୁ ପୋଲିସ ଓ ଅଗ୍ନିଶମ ବାହିନୀ ନାକେଦମ୍ ହୋଇପଡିଲାଣି । ତେବେ କଣ ପାଇଁ ସେ ଏପରି କରିଛନ୍ତି ଜଣାପଡିନାହିଁ । ପୂର୍ବରୁ ବି ଥରେ ଏଭଳି କାଣ୍ଡ ଭିଆଇଥିଲେ ଯୁବକ। ସେହିପରି ଗତକିଛି ଦିନ ତଳେ କେନ୍ଦୁଝରରେ ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଥିଲା। ୧୩୨ଫୁଟ୍ ଉଚ୍ଚ ବିଦ୍ୟୁତ୍ ଟାୱାର ଉପରେ ଚଢ଼ି ଶୋଇଲେ ଯୁବକ । ଯାହା ଫଳରେ ନାକେଦମ୍ ହୋଇଥିଲେ ଲୋକେ । ବହୁ ଡକାଡକି ପରେ ବ୍ୟକ୍ତି ଜଣଙ୍କ ତଳକୁ ଓହ୍ଲାଇଲେ ।



# ୬୦ବର୍ଷ ସୋନପୁର କଲେଜର ଗତି କୁଆଡେ ?

**ସୁବର୍ଣ୍ଣପୁର,୨୬।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଗଠନର ୩୧ ବର୍ଷ ବିତିଛି। କିନ୍ତୁ ଜିଲ୍ଲାର ସର୍ବ ପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ସୋନପୁର କଲେଜ ଅବହେଳିତ ହୋଇ ରହିଛି। ସୋନପୁରର ପ୍ରବାହିତ ମହାନଦୀ କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସ୍ଥାନରେ ୧୯୬୪ ମସିହାରେ ସୋନପୁର କଲେଜ ସ୍ଥାପିତ ହୋଇଥିଲା। ୧୦ ଏକର ୪୭୭ ଡ଼ିସିମିଲ ସ୍ଥାନରେ ଏହି କଲେଜରେ ଅନେକ ସୁନାମଧନ୍ୟ ଛାତ୍ରଛାତ୍ରୀ ବାହାରିଛନ୍ତି।ପ୍ରାରମ୍ଭରେ ଉକ୍ତ କଲେଜ ପ୍ରତିଷ୍ଠା କରିବା ପାଇଁ ଅଧ୍ୟାପକମାନେ ବି ଶ୍ରମ ଦାନ କରିଥିଲେ।ଏହି ଶିକ୍ଷାନୁଷ୍ଠାନରେ କେବଳ ଶିକ୍ଷାଦାନ କରାଯାଇ ନାହିଁ। ଏହାକୁ ମଣିଷ ତିଆରି କାରଖାନା ମଧ୍ୟ କୁହାଯାଇଥାଏ। ସତୁରୀ ଦଶକ ଶେଷ ସମୟରେ କଲେଜ ଅଧ୍ୟକ୍ଷ ଭାବରେ ପବିତ୍ର ମୋହନ ନାୟକ ଦାୟିତ୍ୱ ନେଇଥିଲେ । ସେହି ସମୟରେ ସୋନପୁର କଲେଜ କେବଳ ପଶ୍ଚିମ ଓଡିଶା ନୁହେଁ ,ସାରା ଓଡିଶାରେ ଶିକ୍ଷାଦାନ ପ୍ରଶଂସନୀୟ ହୋଇଥିଲା । ଏବେ ଉକ୍ତ କଲେଜ ଗୌରବମୟ ଇତିହାସ ଧରି ଦଣ୍ଡାୟମାନ ହୋଇଅଛି। କିନ୍ତୁ ସମସ୍ୟାରେ କ୍ଷତ ବିକ୍ଷତ ହୋଇଅଛି। ରାଜ୍ୟର ୪୮ଟି ସର୍ବପୁରାତନ ଅନୁଦାନ କଲେଜ ମଧ୍ୟରୁ ସୋନପୁର କଲେଜ ଅନ୍ୟତମ ।କିନ୍ତୁ ଏହି ଶିକ୍ଷାନୁଷ୍ଠାନ ସରକାରୀ ମାନ୍ୟତା ମିଳି ପାରି ନାହିଁ।ଆଶାତୀତ ଅନୁସାଙ୍ଗିକ ବିକାଶ ହୋଇ ପାରି ନ ଥିବାରୁ ସ୍ୱୟଂଶାସିତ କଲେଜ ଭାବରେ




ସ୍ୱୀକୃତି ହୋଇପାରି ନାହିଁ। ଅନ୍ୟ ସମସାମୟିକ କଲେଜ ଅନୁପାତରେ ଏହି ଶିକ୍ଷାନୁଷ୍ଠାନର ବିକାଶ ହୋଇ ପାରିଲା ନାହିଁ ବୋଲି ଅଭିଯୋଗ ହୁଏ। ଏଥିପାଇଁ ଆବଶ୍ୟକ ପୃଷ୍ଠପୋଷକତାର ଅଭାବ ବୋଲି କୁହାଯାଇଥାଏ। ବର୍ତ୍ତମାନ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ୨୩୦୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଭିନ୍ନ ବର୍ଗର ୫୧ ଶିକ୍ଷକ ଅଧ୍ୟାପକ ପଦ ମଧ୍ୟରୁ ୮ପଦ ଖାଲି ରହିଛି। ରାସାୟନିକ ବିଜ୍ଞାନ ବିଭାଗର ୨ ଅଧ୍ୟାପକ ପଦ ଖାଲି ରହିଥିବା ବେଳେ ପଦାର୍ଥ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ଜଣେ ଲେଖାଏ ଅଧ୍ୟାପକ ପଦ ଖାଲି ରହିଛି। ଓଡିଆ ବିଭାଗରେ ଗୋଟିଏ ଅଧ୍ୟାପକ ପଦ ଖାଲି ଅଛି। ଶିକ୍ଷା,ସଂସ୍କୃତି,ରାଜନୀତି ବିଜ୍ଞାନ ବିଭାଗରେ ଜଣେ ଲେଖାଏ ଅଧ୍ୟାପକ ପଦ ଖାଲି ପଡ଼ିଛି।୩୪ଟି ଅଣ ଶିକ୍ଷକ କର୍ମଚାରୀ ପଦ ଆବଶ୍ୟକ ରହିଥିବା ବେଳେ ମାତ୍ର ୫ଜଣ କାର୍ଯ୍ୟ କରୁଛନ୍ତି।ମୁଖ୍ୟ କିରାଣୀ , ହିସାବ ନିରୀକ୍ଷକ ,କନିଷ୍ଠ କିରାଣୀ ତଥା ଟାଇପିଷ୍ଟ ,କନିଷ୍ଠ ଲାଇବ୍ରେରିଆନ ଓ ଷ୍ଟୋର କିପର ଆଦି ପଦ ଖାଲି ରହିଛି।୬ଟି ଲାବୋରେଟାରି ସହାୟକ ମଧ୍ୟରୁ ଜଣେ ଅଛନ୍ତି।ମାଳି ,ମହିଳା ସହାୟିକ , ସଫେଇ କର୍ମଚାରୀ ,ପିଅନ , ଜଗୁଆଳି ଓ ଡେମୋନଷ୍ଟ୍ରେଟର ଆଦି ପଦ ଖାଲି ଅଛି। ଛାତ୍ରଛାତ୍ରୀମାନେ ଡେଭଲପମେଣ୍ଟ ଫିସ୍ ନେଇ ବେସରକାରୀ ଅଧ୍ୟାପକ ଓ ଅଣ ଶିକ୍ଷକଙ୍କୁ ଦରମା ଦିଆଯାଉଛି। ତେଣୁ କଲେଜର ପାଣ୍ଠି ନିଅଣ୍ଟିଆ ରହୁଅଛି ।୧୨ଶହରୁ ଊର୍ଦ୍ଧ୍ୱ ଛାତ୍ର ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଭଲ ଶୌଚାଳୟ କିମ୍ବା ସାଧାରଣ କମନ ରୁମ ନାହିଁ। ଏହି ପୁରାତନ କଲେଜରେ ସମ୍ମିଳନୀ କକ୍ଷ ନିର୍ମାଣ ହୋଇ ପାରି ନାହିଁ। ଷ୍ଟାଫ କଲୋନୀ ନାହିଁ । ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ସୁବିଧା ନାହିଁ। ଉଦ୍ଭିଦ ବିଜ୍ଞାନ ବିଭାଗର ବଗିଚା ପରିତ୍ୟକ୍ତ ଅବସ୍ଥା ପଡ଼ିଛି। ଖରାଦିନରେ କଲେଜ ଛାତ୍ରଛାତ୍ରୀମାନଙ୍କ ପାଇଁ ପାନୀୟ ଜଳ କଷ୍ଟ ଭୋଗିବାକୁ ଦେଖିବାକୁ ମିଳୁଛି।ଲାଇବ୍ରେରୀ ହଲର ଛାତରୁ ପାଣି ଗଳିବାରୁ ମରାମତି କରାଯାଉଛି।ଅଶୀ ଦଶକ ସମୟରେ ନିର୍ମାଣ କରାଯାଇ ଥିବାର ଛାତ୍ରମାନଙ୍କ ହଷ୍ଟେଲ ବର୍ତ୍ତମାନ ଭଗ୍ନ ଅବସ୍ଥା ହେଲାଣି। ପିଜି ଖୋଲିବା ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯାଇଛି।

# କାର ସହ ୩୦କିଲୋ ଗଞ୍ଜେଇ ଜବତ, ମାଫିଆ ଗିରଫ



**କନ୍ଧମାଳ,୨୬।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରେ କିଛିଦିନ ହେଲା କନ୍ଧମାଳ ଜିଲ୍ଲା ରେ ଗଞ୍ଜେଇ ଉପରେ ରୋକ ଲଗେଇବା ପାଇଁ ଜିଲ୍ଲା ପୋଲିସ ମୁଖିଆ ଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ ଜାରିରହିଥିବା ବେଳେ ଅନୁରୂପ ଭାବରେ ଗଞ୍ଜେଇ କାରବାର କୁ ନେଇ ସବୁ ବେଳେ ଚର୍ଚ୍ଚା ରେ ରହିଆସୁଥିବା ଫିରିଙ୍ଗିଆ ଥାନା ପକ୍ଷରୁ ମଧ୍ୟ ବିଭିନ୍ନ ଜାଗାରେ ଚଢ଼ାଉ ଜାରିରହିଛି । ଏହି ପରିପେକ୍ଷୀରେ ଫିରିଙ୍ଗିଆ ପୋଲିସ ଏକ କାର ସହ ଜଣେ ଆନ୍ତରାଜ୍ୟ ପେସଦାର ଗଞ୍ଜେଇ ମାଫିଆ କୁ ଗିରଫ କରିବାରେ ସଫଳ ହୋଇଥିବା ଉକ୍ତ କାର ରୁ ୩୦ କିଲୋ ଗଞ୍ଜେଇ କୁ ମଧ୍ୟ ଜବତ କରିଛି । ସୂଚନା ଅନୁସାରେ ମଙ୍ଗଳବାର ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଏଇ ଅଜୟ କୁମାର ସାହୁ ଏସଆଇ ପ୍ରମୋଦ କୁମାର ବେହେରା ଙ୍କ ସହ ଏକ ଟିମ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟ ରାସ୍ତାର ଡିଣ୍ଡିରାଗାଁ ଆଦର୍ଶ ବିଦ୍ୟାଳୟ ନିକଟରେ ଫିରିଙ୍ଗିଆ ପଟୁ ଫୁଲବାଣୀ ପଟକୁ ଦ୍ରୁତ ଗତିରେ ଯାଉଥିବା ଏକ କାର କୁ ସନ୍ଦେହ ରେ ଅଟକାଇଥିଲେ । ପୋଲିସ କୁ ଦେଖି କାର ରୁ କିଛି ଲୋକ ଫେରାର ହୋଇଯାଇଥିବା ବେଳେ ଜଣେ ବ୍ୟକ୍ତି ଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଥିଲେ । ପରେ କାର କୁ ଯାଞ୍ଚ କରିବା ସମୟରେ କାର ଡ଼ିକିରୁ ୩୦ କିଲୋ ଗଞ୍ଜେଇ ଜବତ ହୋଇଥିଲା । ତେବେ ଏହି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ଜଣକ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବଡ଼ସାହି ବାଇଗଣିଆ ଗାଁର ଶଶୀଧର ଦାସ ବୋଲି ଜଣାପଡିଥିବା ବେଳେ ସେ ଜଣେ ପେସାଦାର ଗଞ୍ଜେଇ ମାଫିଆ ବୋଲି ପ୍ରାଥମିକ ତଦନ୍ତ ରୁ ଜଣାପଡିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଏହି ଘଟଣାରେ ଫିରିଙ୍ଗିଆ ଥାନାରେ ୪୬/୨୦୨୫ ରେ ଏକ ମାମଲା ରୁଜୁ କରି ଗଞ୍ଜେଇ ସହ ଗିରଫ ଗଞ୍ଜେଇ ମାଫିଆ କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ।

### ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ

# ବର୍ଦ୍ଧିତ ଭତ୍ତାକୁ ନେଇ ଗୃହରେ ତୁମ୍ବି ତୋଫାନ କଲେ ସରପଞ୍ଚ

**ନୟାଗଡ଼,୨୬।୨(ସଂଚାର ବ୍ୟୁରୋ):** ନୟାଗଡ଼ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ଆଜି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଏହି ଅଧିବେଶନରେ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ ଓ ସାଂସଦଙ୍କ ପ୍ରତିନିଧି ପ୍ରଦୀପ୍ତ




- ବିକାଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଉପରେ ଅଧିକ ଫୋକସ
- ଭତ୍ତା ଅନିୟମିତତାର ତଦନ୍ତ କରିବେ ବିଡିଓ

ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ବିଡିଓ ଆଜି ବୈଠକର ଆଭିମୁଖ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ । ପୂର୍ବ ବୈଠକରେ ହୋଇଥିବା ନିଷ୍ପତିକୁ ଦୃଢ଼ିକରଣ କରାଯାଇଥିଲା । ଆଜି ଅନେକ ବିଭାଗର ଅଧିକାରୀ ମାନେ ଯୋଗ ଦେଇନଥିବାରୁ ଜନ ପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଯେଉଁ ବିଭାଗର ଅଧିକାରୀ ମାନେ ଆସୁ ନାହାନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରସ୍ତାବ ରଖିଥିଲେ । ମୁଖ୍ୟତଃ ଆଜି ବିକାଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଉପରେ ଅଧୀକ ଫୋକସ କରାଯାଇଥିଲା । ଠିକ ସମୟରେ ପଞ୍ଚାୟତ ସ୍ତରରୁ ପାଞ୍ଚ ବର୍ଷିଆ ଯୋଜନା କରି ପଠାଇବା ପାଇଁ ଆଲୋଚନା କରାଯାଇଥିଲା । ଏଥି ସହିତ କୃଷି, ବିଜ୍ଞାନ କୃଷି, ଜଙ୍ଗଲ ଓ ପରିବେଶ, ମେଗା ପାନୀୟ ଜଳ ଓ ମନରେଗା ଉପରେ ଆଲୋଚନା କରାଯାଇଥିଲା । ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ ବର୍ଦ୍ଧିତ ଭତ୍ତାକୁ ନେଇ ତୁମ୍ବି ତୋଫାନ କରିଥିଲେ । ଭତ୍ତା ବିଭାଗର କର୍ମଚାରୀ ମାନେ ଚଞ୍ଚକତା କରୁଥିବା ଅଭିଯୋଗ କରିଥିଲେ । ପ୍ରକୃତ ହିତାଧିକାରୀ ମାନେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିଥିଲେ । ନୂତନ ବିଡିଓ ପାଞ୍ଚ ଦିନ ମଧ୍ୟରେ ତଦନ୍ତ କରି ଜଣାଇବେ ବୋଲି ପ୍ରତିଶୃତି ଦେବାରୁ ଏହି ତୁମ୍ବି ତୋଫାନ ବନ୍ଦ ରହିଥିଲା । ଆଜିର ଏହି ବୈଠକରେ ସହକାରୀ ଯନ୍ତ୍ରୀ ଚନ୍ଦ୍ର ଶେଖର ସାମନ୍ତରାୟ, ସନ୍ତୋଷ କୁମାର ମଲ୍ଲୀକ, ଏପିଓ ମିଟନ ମହାପାତ୍ର, ଜିପିଓ ତୁଷାରକାନ୍ତ ନାୟକ, ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଉତ୍ସବ ପାଳନ



**ଯୋଡା,୨୬।୨(ସଂଚାର ବ୍ୟୁରୋ):** ଆଜି ପବିତ୍ର ମହାଶିବରାତ୍ରୀ ପର୍ବ ଉପଲକ୍ଷେ ସଂସ୍ଥା ତରଫରୁ , ଏକ ସୁନ୍ଦର ଜ୍ୟୋତିର୍ଲିଙ୍ଗ ମେଢ଼ ସମଗ୍ର ସହରରେ ପରିକ୍ରମା କରାଯାଇଥିଲା ଏବଂ ଶିବ ପତାକା ଉତ୍ତୋଳନ ଆଶ୍ରମ ପରିସର ରେ ହୋଇଥିଲା। ଏଥିରେ ଅନେକ ଭାଇଭଉଣୀ ଯୋଗଦାନ ଦେଇଥିଲେ, ଏହି କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ଥିଲା ଯେ , ଚାରିଆଡ଼େ ଅନ୍ୟାୟ ଅତ୍ୟାଚାରର ଅନ୍ଧକାର ଘେରି ରଖିଛି ଓ ଏପରି ପରିସ୍ଥିତିରେ, ଆତ୍ମାର ପ୍ରଦୀପ ଜାଗ୍ରତ ଦ୍ୱାରା ହି ଅନ୍ଧକାର ଦୂର ହୋଇପାରିବ। ସେଥିପାଇଁ ପରମଜ୍ୟୋତି ନିରାକାର ଶିବ ବାବାଙ୍କ ପାଖରେ ମନ, ବୁଦ୍ଧି କୁ ଯୋଡ଼ି ,ମନର ବିକାର ରୂପି ବିଷ ବା କଣ୍ଟା କୁ ସମର୍ପିତ କରି ଅନ୍ଧକାର ଦୂର କରିପାରିବା। ତେବେ ଯାଇ ସମାଜ ରୁ ଅଜ୍ଞାନତାର ଅନ୍ଧକାର ଦୂର ହୋଇପାରିବ। ନିରାକାର ଶିବବାବା ବର୍ତମାନ କିପରିଭାବେ ଜ୍ଞାନ ଘୃତ ଦ୍ୱାରା ଆତ୍ମା ଦୀପକ କୁ ଜାଗ୍ରତ କରୁଛନ୍ତି , ଏ ବିଷୟ ରେ ଅଧିକ ଜାଣିବା ପାଇଁ ସେବାକେନ୍ଦ୍ରକୁ ଆହ୍ୱାନ କରିଥିଲେ।

# ନାବାଳକ ଉପରେ ଚଢ଼ିଗଲା କ୍ଷୀର ବୋଝେଇ ଟ୍ୟାଙ୍କର

- ଉତ୍ୟକ୍ତ ଲୋକେ ଜାଳିଦେଲେ ଗାଡ଼ି
- ଅଗ୍ନିଶମ ବାହିନୀ କର୍ମଚାରୀଙ୍କୁ ମାରପିଟ
- ୨୦ ଲକ୍ଷ ଓ ଚାକିରି ଦାବିରେ ରାସ୍ତାରୋକ

**ବାଲିଅନ୍ତା\ହଂସପାଳ,୨୬।୨(ସଂଚାର ବ୍ୟୁରୋ):** ଅଭୟମୁଖୀ ମୁଖ୍ୟ ରାସ୍ତାର ବାଲିଅନ୍ତା ସାଇଫନ ପୁରୁଣା ଟ୍ରାନ୍ସଫର୍ମର ନିକଟରେ ଏକ ଦ୍ରୁତଗାମୀ କ୍ଷୀର ବୋଝେଇ ଗାଡ଼ି ଜଣେ ନାମବାଳକ ଉପରେ ଚଢ଼ିଯାଇଛି। ଫଳରେ ଘଟଣାସ୍ଥଳରେ ହିଁ ତାର ପ୍ରାଣବାୟୁ ଉଡ଼ିଯାଇଛି। ମୃତ ଛାତ୍ର ଜଣକ ହେଲେ ବାଲିଅନ୍ତା ପଞ୍ଚାୟତ ଅଧୀନ



ଡାମେର ସାହିର ମହେଶ୍ୱର ସ୍ୱାଇଁଙ୍କ ଏକମାତ୍ର ପୁଅ ରାହୁଲ ସ୍ୱାଇଁ । ରାସ୍ତାରେ ରାହୁଲଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିଲା। ରାହୁଲଙ୍କ ମୃତ୍ୟୁ ଖବର ପାଇବା କ୍ଷଣି ଶହ ଶହ ସଂଖ୍ୟାରେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଛୁଟି ଆସିଥିଲେ। ଉତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ମାତାଲ ଚାଳକକୁ ମାଡ଼ମାରିଥିଲେ। ଖବର ପାଇ ବାଲିଅନ୍ତା ଥାନା ପୁଲିସ ଚାଳକଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲେ। ପରେ ଖବର ପାଇ ପାହାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କ୍ଷୀରଗାଡ଼ି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି କ୍ଷତିଗ୍ରସ୍ତ ପରିବାରକୁ ଉକ୍ତ ସଂସ୍ଥା ପକ୍ଷରୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଘରର ଜଣେ ସଦସ୍ୟଙ୍କୁ ଚାକିରି ଦାବି କରି ରାସ୍ତା ଅବରୋଧ କରିଥିଲେ। ଏନେଇ ଘଟଣାସ୍ଥଳରେ ଭୀଷଣ ଉତ୍ତେଜନା ଦେଖାଦେଇଥିଲା । ହେଲେ ନିଆଁ ଲିଭାଇବାକୁ ଉଦ୍ୟମ କରିବାରୁ ଲୋକେ କର୍ମଚାରୀଙ୍କୁ ମାରପିଟ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ତୀବ୍ର ରୂପ ଧାରଣ କରିଥିଲା। ଖବର ପାଇ ଥାନା ଅଧିକାରୀ ରବିନ୍ଦ୍ର ନାଥ ମେହେର ଓ ଅନୀଲ କୁମାର ପରିଡ଼ା, ତହସିଲଦାର ବିମଳ କୁମାର ଲେଙ୍କା ,ବାଲିଅନ୍ତା ପଞ୍ଚାୟତ ସରପଞ୍ଚ କୃଷ୍ଣ କେଶବ ଆପଟ, ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା ଓ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# କାଣ୍ଡ ପଡ଼ି ଶ୍ରମିକ ମୃତ, ଅଳ୍ପକେ ବର୍ତ୍ତିଲେ ୨ ଶ୍ରମିକ

**ଅନୁଗୁଳ,୨୬।୨(ସଂଚାର ବ୍ୟୁରୋ):** ଦାଦା ଆଖି ଆଗରେ ଚାଲିଗଲା ପୁତୁରା ଜୀବନ । ଦାଦା ତ ଅଳ୍ପକେ ମୃତ୍ୟ ମୁଖରୁ ବଞ୍ଚିଗଲେ କିନ୍ତୁ ପୁତୁରାକୁ ବଞ୍ଚେଇ ପାରିଲେନି । ଦାଦା ପୁତୁରା ଉଭୟ ଶ୍ରମିକ । ସେଦିନ ଏକାଠି ମୂଲ ଲାଗିବାକୁ ଯାଇଥିଲେ । ଗରିବ ଲୋକ ଏମାନେ ଖଟିଲେ ଖାଇବେ । ପେଟକୁ ଦି ମୁଠା ଦାନା ଯୋଗାଇବା ପାଇଁ କାମ କରିବାକୁ ଯାଇଥିଲେ ଶ୍ରମିକ । କିନ୍ତୁ କିଏ ଜାଣିଥିଲା କାମ କରୁ କରୁ ତାଙ୍କ ସହ ଏଭଳି କିଛି ଘଟିଯିବ । ସତରେ ଏ ଜୀବନ କ୍ଷଣସ୍ଥାୟୀ। କେତେବେଳେ ଯେ କାହାର ଜୀବନ ଚାଲିଯିବ କେହି ଜାଣି ନାହାନ୍ତି । ମୃତ୍ୟୁ ଯେତେବେଳେ ଆସେ ନା ଦେଖେ ସମୟ ନା ଦେଖେ ସ୍ଥାନ । ହଁ ଆଜ୍ଞା ଆମେ ଏମିତି କହିବାର କାରଣ ହେଉଛି କାମ କରୁଥିବା ସମୟରେ ଜଣେ ଶ୍ରମିକଙ୍କ ଜୀବନ ଚାଲିଯାଇଛି । ଦୁଇ ଜଣ ଅଳ୍ପକେ ମୃତ୍ୟ ମୁଖରୁ ବଞ୍ଚିଯାଇଥିବା ବେଳେ ଚାଲିଯାଇଛି ଜଣକ ଜୀବନ । କାଣ୍ଡ ଖୋଳୁଥିବା ସମୟରେ ହଠାତ ଭୁଶୁଡ଼ି ପଡିଥିଲା କାଣ୍ଡ ଆଉ ଚାଲିଯାଇଥିଲା ଶ୍ରମିକଙ୍କ ଜୀବନ । ଅନୁଗୋଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ କଂସର ଗ୍ରାମରେ ଘଟିଛି ଏଭଳି ଏକ ଦୁଃଖଦାୟୀ ଘଟଣା । କାଣ୍ଡ ଖୋଳୁ ଥିବା ବେଳେ କାଣ୍ଡ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି ।

# ଆକାଉଣ୍ଟ୍ ଅଫିସର୍ ଲାଞ୍ଚ ମାଗିବା ଘଟଣା, ସନ୍ଦେହରେ ବିଡିଓଙ୍କ ଭୂମିକା

**ବିଞ୍ଝାରପୁର,୨୬।୨(ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକ୍ ରେ ଜଣେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କୁ ତାଙ୍କ ଏନ୍‌ପିସି କାଗଜପତ୍ର କରାଇଦେବାକୁ ବ୍ଲକ୍ ର ଆକାଉଣ୍ଟ୍ ଅଫିସର୍ କାଶୀନାଥ ମଲ୍ଲିକ ୨୦,୦୦୦ ଟଙ୍କା ଲାଂଚ ମାଗୁଥିବା ଘଟଣା କୁ ବିଡ଼ିଓ ହିତାଂଶୁ ଶେଖର ସାମଲ ଖଣ୍ଡନ କରି ବିନୋଦ ନାୟକ ଙ୍କ ଉପରେ ଭତ୍ତା ଟଙ୍କା ବାବଦ ରେ ୩୦୦୦୦ ଟଙ୍କା ପରିଶୋଧ ନ କରିଥିବାରୁ ତାଙ୍କ କାଗଜ ପତ୍ର ଅଟକି ରହିଥିବା ସାମାଜିକ ଗଣମାଧ୍ୟମ ରେ ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପଟେ ବିଡ଼ିଓ ଙ୍କ ଏଭଳି ମନ୍ତବ୍ୟ କୁ ନେଇ ମୁହଁ ଖୋଲିଛନ୍ତି ଅଭିଯୋଗକାରୀ ବିନୋଦ ନାୟକ। ଆକାଉଣ୍ଟ୍ ଅଫିସର୍ କୁ ସୁରକ୍ଷା ଏବଂ ଘଣ୍ଟ ଘୋଡାଇବାକୁ ଯାଇ ବିଡ଼ିଓ ମିଛ କହୁଥିବା ପାଲଟା ଅଭିଯୋଗ ଆଣିଛନ୍ତି ବିନୋଦ।ଅଭିଯୋଗକାରୀ ବିନୋଦ ନାୟକ ୩୧,୦୭,୨୦୨୪ ରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟରୁ ଅବସର ଗ୍ରହଣ



କାଉ ଖାଇଲା ପଣସ ବଗ ମୁଣ୍ଡରେ ଅଠା

କରିଥିଲେ।ତେବେ ସେବେଠୁ ତାଙ୍କ ଏପିସି କାଗଜ ପତ୍ର ପାଇଁ ସେ ବାରମ୍ବାର ବ୍ଲକ ଦୌଡୁ ଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବାରୁ ସେ ବାଧ୍ୟ ହୋଇ ଗତ ୨୪ ତାରିଖ ରେ ବିଞ୍ଝାରପୁର ବ୍ଲକ୍ ରେ ଅନୁଷ୍ଠିତ ହେଉଥିବା ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର ରେ ଅଭିଯୋଗ କରିଥିଲେ ବିନୋଦ। ତାଙ୍କ କାଗଜ ପତ୍ର ପାଇଁ ତାଙ୍କୁ ବ୍ଲକ୍ ଆକାଉଣ୍ଟ୍ ଅଫିସର୍ ୨୦୦୦୦ ଟଙ୍କା ଲାଂଚ ମାଗିଥିବା ସେ ଅଭିଯୋଗ ଆଣିଥିଲେ। କିନ୍ତୁ ଗତ କାଲି ସାମାଜିକ ଗଣମାଧ୍ୟମ ରେ ବିଡ଼ିଓ ସବୁ ଦୋଷ ବିନୋଦ ଙ୍କ ଉପରେ ଦେଇଥିବା ଦେଖିବାକୁ ମିଳିଥିଲା। ଭତ୍ତା ବଣ୍ଟନ ବାବଦକୁ ବାକିଥିବା ୩୦୦୦୦ ଟଙ୍କା ପରିଶୋଧ ନ ହୋଇଥିବାରୁ କାଗଜ ପତ୍ର କାମ ଅଟକିଥିବା ସେ କହିବା ସହିତ ବିନୋଦ ମିଛ କହୁଥିବା ସେ କହିଥିଲେ। ସାମାଜିକ ଗଣମାଧ୍ୟମ ରେ ଏଭଳି ମନ୍ତବ୍ୟ ଦେଖି ମୁହଁ ଖୋଲିଛନ୍ତି ବିନୋଦ।୨୦୨୧ ମସିହାରେ ବିଞ୍ଝାରପୁର ପଞ୍ଚାୟତ ରେ ବିନୋଦ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟରତ ଥିବା ବେଳେ ପୂର୍ବତନ ଓ ଏଲ୍ ଏମ ଅଧିକାରୀ ମାନସ ଦାସ୍ ଙ୍କୁ ଆଉଁରି ପଞ୍ଚାୟତ ର ଭତ୍ତା ବାଣ୍ଟିବାକୁ ଚିଠି ସଂଖ୍ୟା ୫୮୦୦ ରେ ୨୪/୧୧/୨୧ ତାରିଖ ରେ ଚିଠି କରିଥିଲେ ତତ୍କାଳିନ ବିଡ଼ିଓ ମିନତୀ ଜଗଦେବ। ତା ସହିତ ବିନୋଦ ନାୟକ ଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିଲେ ହେଁ ମାନସ ଦାସ୍ ଭତ୍ତା ବାଣ୍ଟି ବାକୁ ଚିଠି ହୋଇଥିବାରୁ ବ୍ଲକ୍ ରୁ ଆସିଥିବା ୫ ଲକ୍ଷ ଟଙ୍କା ମାନସ ଦାସ୍ ଙ୍କୁ ଦେବାକୁ କହିଥିଲେ ତତ୍କାଳିନ ବିଡ଼ିଓ। ତେଣୁ କରି ମାନସ ଦାସ୍ ବିନୋଦ ଙ୍କ ଠାରୁ ୫ ଲକ୍ଷ ଟଙ୍କା ଚେକ୍ ଆକାରେ ନେଇ ଭତ୍ତା ବାଣ୍ଟିବା ସହିତ ବଳକା ୩୦,୦୦୦ ଟଙ୍କା ଆଉ ବ୍ଲକ୍ କୁ ଫେରାଇ ନ ଥିଲେ। ପାଖାପାଖି ବର୍ଷେ ହେବ ମାନସ ଦାସ୍ ଙ୍କ ବଦଳି ନବରଙ୍ଗ ଜିଲ୍ଲା କୁ ହୋଇଯାଇଥିଲେ ହେଁ ବିନୋଦ ଙ୍କ ଅଭିଯୋଗ ପରେ ତରବରିଆ ଭାବେ ୨୪ ତାରିଖ ଅର୍ଥାତ୍ ଅଭିଯୋଗ ଶୁଣାଣୀ ଦିନ ମାନସ ଦାସ୍ ଙ୍କୁ ଟଙ୍କା ଫେରସ୍ତ ପାଇଁ ବିଂଝାରପୁର ବିଡିଓ ଚିଠି କରିଥିବା ବେଳେ ଏହାର ଏକକିତା ନକଲ୍ ବିନୋଦ ନାୟକ,ଏବଂ ଡାବୁଗାଁ ବିଡ଼ିଓ ଙ୍କୁ ପଠା ଯାଇଥିବା ଉକ୍ତ ଚିଠି ରେ ଦର୍ଶା ଯାଇଛି। ଆକାଉଣ୍ଟ ଅଫିସର୍ ଙ୍କୁ ଘଣ୍ଟ ଘୋଡାଇବାକୁ ଯଥା ବିଡ଼ିଓ ମିଛ କହୁଥିବା ବିନୋଦ ଅଭିଯୋଗ କରିଛନ୍ତି।ମାନସ ଦାସ୍ ଙ୍କୁ ବଦଳି ଆଦେଶ ପରେ ବ୍ଲକ୍ ରୁ ରିଲିଫ୍ ପୂର୍ବରୁ ତାଙ୍କ ଠାରୁ ବକେୟା ୩୦,୦୦୦ ଟଙ୍କା କାହିଁକି ଆଦାୟ ହୋଇ ନଥିଲା ତାକୁ ନେଇ ପ୍ରଶ୍ନ ଉଠିଛି।ତେବେ ଅଭିଯୋଗକାରୀ ବିନୋଦ ଅଭିଯୋଗ କରିବା ପରେ ବର୍ତ୍ତମାନ ର ବିଡ଼ିଓ ହିତାଂଶୁ ଶେଖର ସାମଲ ଙ୍କ ଏତାଦୃଶ ଆକ୍ସନ୍ ବିଡ଼ିଓ ଙ୍କ ଭୂମିକା କୁ ସନ୍ଦେହ ଘେରକୁ ଟାଣିଛି। ମାନସ ଦାସ୍ ଭତ୍ତା ବାଣ୍ଟି ଥିବା ବେଳେ ବିଡ଼ିଓ ବିନୋଦ ନାୟକ ଠାରୁ ୩୦,୦୦୦ ଟଙ୍କା ଆଦାୟ କରିବା କହିବା ଭିନ୍ନମତ ସୃଷ୍ଟି କରିଛି।

# ଅସ୍ତ୍ରୋପଚାର ହେଲାନି, ବନ୍ଧାପଡ଼ିଛି ଆଧାରକାର୍ଡ଼

**ଖପ୍ରାଖୋଲ,୨୬।୨(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଚକ୍ଷୁ ଚିକିତ୍ସା ଶିବିର କରାଇ ଚକ୍ଷୁ ରୋଗୀଙ୍କୁ ମାଗଣା ରେ ଚକ୍ଷୁ ପରୀକ୍ଷା କରାଇ ଅସ୍ତ୍ରୋପଚାର କରାଉଛନ୍ତି । ସେଥିପାଇଁ ରୋଗୀ ଙ୍କ ଆଧାରକାର୍ଡ଼ ନେଉଛନ୍ତି ହେଲେ ପରିତାପର ବିଷୟ ମାସମାସ ଧରି ଆଧାରକାର୍ଡ଼ ଫେରସ୍ତ କରୁନାହାନ୍ତି ଫଳରେ ଅଭିଯୋଗ ଦେଖାଦେଉଛି। ଏପରି ଅଭିଯୋଗ ଆଣିଛନ୍ତି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓ ପଞ୍ଚାୟତ ଅଧୀନସ୍ଥ ମହୁରୁଣ୍ଡି ଗ୍ରାମର କୋଲପଡା ରେ ରହୁଥିବା ୮୦ ବର୍ଷର ବୃଦ୍ଧା ତୁଳସ ମାଝୀ ତାଙ୍କର ସ୍ୱାମୀ ପୁଅ ଝିଅ କେହିନାହାନ୍ତି ଏକାକି ରହୁଛନ୍ତି । ବୃଦ୍ଧା ଆଖି ଅପରେସନ ପାଇଁ ତାଙ୍କର ଆଧାର କାର୍ଡ ଦେଇଥିଲେ ହେଲେ ଚକ୍ଷୁ ଚିକିତ୍ସାଳୟରେ ତାଙ୍କର ଚକ୍ଷୁ ଅପରେସନ ହେଲା ନାହଁ କିନ୍ତୁ ଆଜିକୁ ୫ ମାସ ହେଲା ଆଧାରକାର୍ଡ଼ ଫେରସ୍ତ କରାଯାଇନଥିବା ବୃଦ୍ଧା ଅଭିଯୋଗ କରିଛନ୍ତି । ତୁରନ୍ତ ତାଙ୍କର ଆଧାର କାର୍ଡ଼ ଫେରସ୍ତ କରାଯିବାକୁ ଦାବି ହେଉଛି ।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମ



**କନ୍ଧମାଳ,୨୬।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ଡଲାବାଲି ଗାଁ ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ହୋଇ ପଡ଼ିରହିଛି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏହା ଦେଖୁଥିଲେ ମଧ୍ୟ କିଛି ପ୍ରତିକାର କରୁ ନାହାନ୍ତି ଲୋକମାନଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରାଯାଉଛି ଅଥଚ କିଛି ଅଘଟଣ ଘଟିବା ପୂର୍ବରୁ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଦିଆଯାଉ ନାହିଁ ଲୋକ ଯିବା ଆସିବା ରାସ୍ତା ପାର୍ଶ୍ୱ ନିକଟରେ ଟ୍ରାନ୍ସଫର୍ମର ଥିବାରୁ ଲୋକ ଓ ଗାଈ ଗୋରୁ ପାଇଁ ମଧ୍ୟ ବିପଦ ମଧ୍ୟ ଘଟିପାରେ ବୋଲି ଗ୍ରାମ ବାସୀ ଅଭିଯୋଗ କରିଛନ୍ତି ନବର ପ୍ରଧାନ ବଜିନ୍ଦ୍ର ପ୍ରଧାନ ପଞ୍ଚୁ ପ୍ରଧାନ ଲୁଚନ ପ୍ରଧାନ ଅଭିଯୋଗ କରିଛନ୍ତି ମଧ୍ୟ ବିପଦ ଡାକୁଥିବାରୁ ବିଭାଗୀୟ ଅଧିକାରୀଙ୍କୁ କିଛି ଅଘଟଣ ଘଟିବା ପୂର୍ବରୁ ଯାଥା ଶୀଘ୍ର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଦେବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି

# ଦେବଗିରି ମଠରେ ମହାଶିବରାତ୍ରି



**ନର୍ଲା,୨୬।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠ ଠାରେ ଚାଲିଛି ମହାଶିବରାତ୍ରି। ଆଜି ସକାଳୁ ଦିନ ତମାମ ଏଠାରେ ଭକ୍ତଙ୍କ ଭିଡ଼ ଲାଗି ରହିଛି। ଭକ୍ତ ଓ ଶ୍ରଦ୍ଧାଳୁମାନେ ଗୁମ୍ଫା ମଧ୍ୟକୁ ଯାଇ ମହାଦେବ, ମହାମାୟା ଚଣ୍ଡୀ ଓ ପାର୍ଶ୍ୱ ଦେବାଦେବୀମାନଙ୍କୁ ଦର୍ଶନ କରି ପୂଜାପାଠ କରୁଛନ୍ତି। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ଡ଼. ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ପ୍ରାତଃ ୩.୩୦ ରୁ ଦ୍ୱାରଫିଟା, ଆଳତୀ, ମଇଲମ, ସୂର୍ଯ୍ୟପୂଜା, ହୋମ ଯଜ୍ଞ, ଚଣ୍ଡିପାଠ ଆଦି ପର୍ଯ୍ୟାୟକ୍ରମେ ହେବା ସହ ଦିନ ତମାମ ଶିବ ଉପାସନା ଚାଲିଛି। ରାତିରେ ଭକ୍ତମାନେ ଅଖଣ୍ଡ ଦୀପ ପ୍ରଜ୍ଜ୍ୱଳନ କରି ଜାଗର ଯାତ୍ରା ପାଳନ କରିବେ ଏବଂ ଗୁରୁବାର ଚଣ୍ଡୀ ପୂଜା ହେବ ବୋଲି ଦେବଗିରି ମଠ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସୂଚନା ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦେବଗିରି ପାହାଡ଼ର ଗୁମ୍ଫା ମଧ୍ୟରେ ଥିବା ଶିବ ଲିଙ୍ଗ ଓ କେତେକ ମୂର୍ତ୍ତି ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ବୋଲି ଐତିହାସିକମାନେ ଆକଳନ କରିଛନ୍ତି। ଦେବଗିରି ମହାକାନ୍ତାର ସଭ୍ୟତାର ରାଜଧାନୀ ଅସୁରଗଡର ପ୍ରତିରକ୍ଷା ଘାଟି ତଥା ଧାର୍ମିକ ଓ ସାଂସ୍କୃତିକ ପୀଠସ୍ଥଳୀ ଭାବେ ଖ୍ୟାତ। ଏଠାରେ ଶିବ ଉପାସନା ଅତି ପ୍ରାଚୀନ। ତେବେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏଠାରେ ମହାଶିବରାତ୍ରୀ ଉପଲକ୍ଷେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଛି।

# ତାଳତଳ ଏନଏଚ-ଆରଏମସି ଛକକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ଦାବି

**ସୋନପୁର,୨୬।୨(ସଂଚାର ବ୍ୟୁରୋ):** ସୋନପୁର ସଦର ବ୍ଲକ ର ବିଶିମୁଣ୍ଡା ଠାରୁ ଢୁଙ୍ଗୁରିପାଲି ଦେଇ ସିଧା ସୋନପୁର-ବଲାଙ୍ଗୀର ଏନଏଚ ତାଲ ଗଛ ଛକ କୁ ସଂଯୋଗ ହୋଇ ଥିବା ରାସ୍ତା ବିପଦ ଜଣକ ଏହି ରାସ୍ତାଟି ଜଣ ଗହଳି ପୂର୍ଣ୍ଣ ଅଟେ ରାସ୍ତା ପାଖରେ ଖମ୍ବେଶ୍ୱରୀପାଲି କଲେଜ, ସାଗରପାଲି ଶିଶୁମନ୍ଦିର,ଢୁଙ୍ଗୁରିପାଲି ହାଇସ୍କୁଲ, କୋଚିଂ ସେଣ୍ଟର, ଷ୍ଟେଲେଣ୍ଡିଡ଼ ପବ୍ଲିକ ସ୍କୁଲ ଥିବାରୁ ରାସ୍ତା ଭିଡ଼ ରହି ଥାଏ ସେହିପରି ସିଧା ଏହି ରାସ୍ତାଟି ଖଲିଆପାଲି ପ୍ରସିଦ୍ଧ ଭୀମ ଭୋଇ ଶୋଇବ ପୀଠ କୁ ସଂଯୋଗ ହୋଇଛି ମାଘମେଳା ଯାତ୍ରା ଦେଖିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହ ଶହ ଗାଡ଼ି ଆସୁଛି ରାସ୍ତା ର ଚଉଡା କାମ ଥିବାରୁ ଦୃଘଟଣା ପ୍ରତିଦିନ ବଢୁଛି ଦୀର୍ଘ ଦିନରୁ ଅଞ୍ଚଳ ବାସି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାଆରଡ଼ି ରେ ସାମିଲ କରି ଆରଡ଼ି ବିଭାଗ ପକ୍ଷରୁ ୫.୫ ମିଟର ଚଉଡାର ପିଚୁ ରାସ୍ତା କରିବା ପାଇଁ ଦାବି କରି ଆସୁଛନ୍ତି ଏହି ରାସ୍ତା ର ଉନ୍ନତି କରଣ ପାଇଁ ବିଭାଗ୍ୟ ଅଧିକାରୀ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି

# ଦଲଦଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୁନ୍ଦରଗଡ,୨୬।୨(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମଙ୍ଗସପୁର ଗ୍ରାମପଞ୍ଚାୟତ ର ଦଲଦଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଆମ ଖେଳଣା ମାଧ୍ୟମରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ମଙ୍ଗସପୁର ସରପଞ୍ଚ ଶ୍ରୀମତୀ ମୁଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ଅବସରପ୍ରାପ୍ତ ତରଣୀସେନ ପଟେଲ, ସମିତି ସଭ୍ଯ ଟୁଲେନ୍ଦ୍ର କୁସୁମ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ମାଝୀ ଯୋଗ ଦେଇଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି କ୍ଷୀରଧର ପଟେଲ, ଚୈତନ୍ଯ କଠିଆଲି, ମଙ୍ଗସପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡିଲେଶ୍ୱର ଗର୍ଡିଆ, ସ୍କୁଲ ପରିଚାଳନା କମିଟି ସଭାପତି ଶତ୍ରୁଘ୍ନ ବୁଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟର ବାର୍ଷିକ ଖେଳ ପ୍ରତିଯୋଗୀତା ଓ ଶିକ୍ଷା କ୍ଷେତ୍ରରେ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ ପଟେଲ ସ୍ୱାଗତ ଅଭିଭାଷଣ ରଖି ବିବରଣୀ ପଠନ କରିଥିଲେ। ମଞ୍ଚ ପରିଚାଳନା ଦାୟିତ୍ୱ ଧଉଁରାଅଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟେଲ ତୁଲାଇଥିଲେ।ବିଦ୍ୟାଳୟର କଳା ଶିକ୍ଷକ ରାମରଞ୍ଜନ କହ୍ନାରଙ୍କ ଦ୍ୱାରା ପ୍ରସ୍ତୁତ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ଯ ସଂଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ଖେଳ ଶିକ୍ଷକ ଆନନ୍ଦ କୁମାର ପଟେଲ, ଶିକ୍ଷୟିତ୍ରୀ ସସ୍ମିତା ନାଏକ, ସୁସ୍ମିତା ପଟେଲ , ନମିତା ପଟେଲ ଓ ଅନ୍ଯ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

SANCHAR
ସଂଚାର
ଗୁରୁବାର ୨୭ ଫେବୃଆରୀ ୨୦୨୫

# ସ୍ୱାସ୍ଥ୍ୟ





# ଭଲ ନିଦ ପାଇଁ ୪ ଆୟୁର୍ବେଦିକ ଔଷଧ

ଆୟୁର୍ବେଦରେ ଆହାର ଓ ବ୍ରହ୍ମଚର୍ଯ୍ୟ ସହିତ ନିଦ୍ରା ଉତ୍ତମ ସ୍ୱାସ୍ଥ୍ୟର ତିନିଟି ସ୍ତମ୍ଭ ମଧ୍ୟରୁ ଅନ୍ୟତମ। ଶରୀର, ମନ ଏବଂ ଆତ୍ମାକୁ ଶାନ୍ତ କରିବା ପାଇଁ ନିଦ୍ରା ଏକ ମୌଳିକ ପ୍ରବୃତ୍ତି ଭାବରେ ବିବେଚନା କରାଯାଏ। ଏସବୁ ଉପାଦାନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସାମଗ୍ରିକ ସୁସ୍ଥତା ପାଇଁ ଅତ୍ୟନ୍ତ ଜରୁରୀ।



**ବ୍ରାହ୍ମୀ:** ମନକୁ ଶାନ୍ତ କରିବା, ଚିନ୍ତା ହ୍ରାସ କରିବା ଏବଂ ମାନସିକ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସିଦ୍ଧ। ବ୍ରାହ୍ମୀ ନିଦ୍ରା ପାଇଁ ଉପଯୋଗୀ। ଗରମ ପାଣିରେ ବ୍ରାହ୍ମୀ ପତ୍ର ପକାଇ ବ୍ରାହ୍ମୀ ଚା'ର ମଜା ନେଇପାରିବେ।

**ତୁଳସୀ:** ଆଡପ୍ଟୋଜେନିକ ଗୁଣ ଥିବା ତୁଳସୀ ବା ପବିତ୍ର ତୁଳସୀ ମାନସିକ ଚାପ ହ୍ରାସ କରିବାରେ ସହାୟକ ହୋଇଥାଏ ଏବଂ ଆରାମକୁ ପ୍ରୋତ୍ସାହିତ କରିଥାଏ, ଯାହାଦ୍ୱାରା ଭଲ ନିଦ୍ରା ହୋଇଥାଏ । ପ୍ରତିଦିନ ଅଳ୍ପ ତାଜା ତୁଳସୀ ପତ୍ର ଚୋବାଇ ଖାଆନ୍ତୁ।



**ଜଟାମାଂଶୀ:** ଆୟୁର୍ବେଦରେ ଗଭୀର ନିଦ୍ରା ଓ ଅନିଦ୍ରା ଦୂର କରିବା ପାଇଁ ପାରମ୍ପରିକଭାବେ ବ୍ୟବହୃତ ହେଉଥିବା ଜଟାମାଂଶୀରେ ଶାରୀରିକ ଗୁଣ ରହିଛି। ଡାକ୍ତରଙ୍କ ପରାମର୍ଶ ଆଧାରରେ ପାଉଡ଼ର କିମ୍ବା ଔଷଧ ଆକାରରେ ଜଟାମାଂଶୀ ସେବନ କରନ୍ତୁ।



**କ୍ୟାମୋମାଇଲ:** ଏହାର ସାମାନ୍ୟ ଶାରୀରିକ ଗୁଣ ପାଇଁ ଜଣାଶୁଣା, କ୍ୟାମୋମାଇଲ ପ୍ରାୟତଃ ହର୍ବାଲ ଚା'ରେ ଆରାମକୁ ପ୍ରୋତ୍ସାହିତ କରିବା ଏବଂ ନିଦ୍ରାର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ବ୍ୟବହୃତ ହୁଏ। ଶୋଇବା ପୂର୍ବରୁ ଏକ ଉଷୁମ କପ୍ କ୍ୟାମୋମାଇଲ ଚା' ପିଅନ୍ତୁ।



ଏହା ମନେରଖିବା ଜରୁରୀ ଯେ ଆୟୁର୍ବେଦିକ ଚିକିତ୍ସା ବ୍ୟାପକ ରଣନୀତି ପ୍ରଦାନ କରିଥିଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତିକ୍ରିୟା ଭିନ୍ନ ହୋଇପାରେ। ଆପଣଙ୍କ ପଦ୍ଧତିରେ କୌଣସି ନୂତନ ଚିକିତ୍ସା କିମ୍ବା ସପ୍ଲିମେଣ୍ଟ ଯୋଡ଼ିବା ପୂର୍ବରୁ ଜଣେ ପ୍ରଶିକ୍ଷିତ ସ୍ୱାସ୍ଥ୍ୟସେବା ପେସାଦାରଙ୍କ ସହ ପରାମର୍ଶ କରନ୍ତୁ, ବିଶେଷକରି ଯଦି ଆପଣ କୌଣସି ଔଷଧ ନେଉଛନ୍ତି କିମ୍ବା ପୂର୍ବରୁ ଥିବା ଚିକିତ୍ସା ଅବସ୍ଥା ଅଛି।

# ଇ-ସିଗାରେଟ୍ ହୃଦଘାତ ଆଶଙ୍କାକୁ ୧୯% ବଢ଼ାଇଥାଏ

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ବିଶ୍ୱର ସମସ୍ତ ଦେଶକୁ ଅନ୍ୟ ତମାଖୁ ଉତ୍ପାଦ ଭଳି ଇ-ସିଗାରେଟ୍‌କୁ ନିଷିଦ୍ଧ କରିବାକୁ ଦାବି କରିଛି। ବ୍ରାଜିଲ, ଇରାନ ଓ ଥାଇଲାଣ୍ଡ ସମେତ ବିଶ୍ୱର ୩୪ଟି ଦେଶରେ ଇ-ସିଗାରେଟ୍ ନିଷିଦ୍ଧ କରାଯାଇଛି। ବିଗତ କିଛି ବର୍ଷ ମଧ୍ୟରେ ଏଭଳି ଅନେକ ବିଜ୍ଞାନ ଅଧ୍ୟୟନ ହୋଇଛି, ଯାହା ଇ-ସିଗାରେଟର ବିପଦ ବିଷୟରେ ସତର୍କ କରୁଛି। ଏହି ଏପିସୋଡ୍‌ରେ ନିକଟରେ ଆଉ ଏକ ଅଧ୍ୟୟନ ହୋଇଛି। ଆମେରିକୀୟ କଲେଜ ଅଫ୍ କାର୍ଡିଓଲୋଜିଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଇ-ଭାପିଂଦ୍ୱାରା ହୃଦଘାତ୍‌ର ଆଶଙ୍କା ୧୯% ବୃଦ୍ଧି ପାଇଥାଏ। ଯୁବପିଢ଼ିଙ୍କ ମଧ୍ୟରେ ଏହାର ବଢୁଥିବା କ୍ରେଜ୍ ଓ ବ୍ୟବହାରକୁ ଦେଖି ଡବ୍ଲ୍ୟୁଏଚ୍ଓ ଚିନ୍ତା ପ୍ରକଟ କରିଛି।

## କେମିତି କାମ କରେ ଇ-ସିଗାରେଟ୍?

ଇ-ସିଗାରେଟ୍‌କୁ ଏକ ମେସିନ୍ କୁହାଯାଇପାରେ ଯାହା ତରଳ ନିକୋଟିନ୍, ଗ୍ଲିସେରିନ୍ ଏବଂ ସ୍ୱାଦରେ ଭରପୁର। ଏଥିରେ ବ୍ୟାଟେରୀ ରହିଛି, ଯାହାଦ୍ୱାରା ଏହି ତରଳ ପଦାର୍ଥ ଗରମ ହୋଇ ବାଷ୍ପ ଓ ଧୂଆଁରେ ପରିଣତ ହୋଇଥାଏ। ଏହା ସ୍ୱାଦଯୁକ୍ତ ଧୂଆଁ ଭାବରେ ବାହାରିଥାଏ। କାଗଜ ରୋଲ୍ ଥିବା ସିଗାରେଟରେ ନିକୋଟିନ୍ ଏବଂ ଟାର୍ ଥାଏ। ଏହି ଟାର୍ ଫୁସଫୁସ୍‌ରେ ଜମା ହୋଇଥାଏ, ଯାହା କର୍କଟ ରୋଗର କାରଣ ହୋଇପାରେ। ପୂର୍ବରୁ ଲୋକମାନେ ଭାବୁଥିଲେ ଯେ ଧୂମପାନ ଅପେକ୍ଷା ସିଗାରେଟ୍ ପିଇବା ଅଧିକ ସୁରକ୍ଷିତ। ଧୂମପାନ ଛାଡ଼ିବା ସହଜ ହେବ ବୋଲି ଆଶା କରି ଲୋକମାନେ ଏପରି କରୁଥିବାବେଳେ ଏହାର ବିପରୀତ ଘଟଣା ଘଟିଛି। ଅନେକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏହା ଛାତ୍ରମାନଙ୍କୁ ଧୂମପାନ ପ୍ରତି ପ୍ରେରଣା ଦେଉଛି। ଆମେରିକା ସରକାରଙ୍କ ଏକ ସର୍ଭେ ଅନୁଯାୟୀ, ବହୁ ସଂଖ୍ୟକ ସ୍କୁଲ ପିଲା ନୂଆ ସ୍ୱାଦ ଥିବା ଇ-ସିଗାରେଟ୍ ବ୍ୟବହାର କରୁଛନ୍ତି। ଏହା ଧୂମପାନ ଛାଡ଼ିବାରେ ସାହାଯ୍ୟ କରିବା ପରିବର୍ତ୍ତେ ଏହାକୁ ପ୍ରୋତ୍ସାହିତ କରୁଛି।



# ବିନା ସୂର୍ଯ୍ୟକିରଣରେ କିପରି ମିଳିବ ଭିଟାମିନ୍ ଡି



ଶରୀର ଏକ ମେସିନ୍ ଏବଂ ଏଥିରେ ତ୍ରୁଟି ସାଧାରଣ କଥା। କେଶ ଝଡ଼ିବା, କୁଞ୍ଚନ, ଦୁର୍ବଳତା, ଦୃଷ୍ଟିଶକ୍ତି କମିବା ଭଳି ସମସ୍ୟା ଦେଖି ଆପଣ ଅନୁମାନ କରିପାରିବେ ଯେ ଏହି ସମସ୍ୟା କେଉଁଠି ରହିଛି। କିନ୍ତୁ ଏକ ରୋଗ ଅତ୍ୟନ୍ତ ବିପଜ୍ଜନକ ଏବଂ ଏହାର ଲକ୍ଷଣ ଆଖିରେ ଦେଖାଯିବାର ସମ୍ଭାବନା ବହୁତ କମ୍ ଥାଏ। ଏହା ଶରୀରକୁ ଭିତରକୁ କ୍ଷତି ପହଞ୍ଚାଇବା ଆରମ୍ଭ କରିଦିଏ। ଏହି ସମସ୍ୟା ହେଉଛି ଭିଟାମିନ୍ ଡି'ର ଅଭାବ, ଯାହାର ଯତ୍ନ ନିଆନଗଲେ ଏହା ବିପଜ୍ଜନକ ଅଷ୍ଟିଓପୋରୋସିସ୍‌ରେ ପରିଣତ ହୋଇପାରେ। ଡାଏଟିସିଆନ୍‌ଙ୍କ କହିବା ନୁସାରେ ଭିଟାମିନ୍ ଡି'ର ୫ଟି ଲକ୍ଷଣ ଆଖିକୁ ଦେଖାଯାଉନାହିଁ, କିନ୍ତୁ ସାଇଲେଣ୍ଟ କିଲର ଭଳି ଭିତରକୁ କ୍ଷତି ପହଞ୍ଚାଉଛି। ଯଦି ଏହି ସବୁ ସମସ୍ୟା ଦେଖାଦିଏ ତେବେ ନିଶ୍ଚୟ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ରୋଗରୁ ରକ୍ଷା ପାଇବା ପାଇଁ ଭିଟାମିନ୍ ଜରୁରୀ। ଭିଟାମିନ୍ ଡି'ର ଅଭାବ ହେଲେ ରୋଗ ପ୍ରତିରୋଧକ ଶକ୍ତି ଅକାମୀ ହୋଇଯାଏ। ଅସୁସ୍ଥ ହେବାର ଆଶଙ୍କା ବଢ଼ିଯାଇଥାଏ। ସଂକ୍ରମଣ ସହଜରେ ଆପଣଙ୍କୁ ଶିକାର କରିପାରେ ଏବଂ ଏହାର ଗମ୍ଭୀର ପରିଣାମ ହୋଇପାରେ।

## ଛତୁ ଖରାରେ ଶୁଖାଇ ଖାଆନ୍ତୁ

ଭିଟାମିନ୍ ଡି ପାଇବା ପାଇଁ ଖରାରେ ବସିବା ଉଚିତ। କିନ୍ତୁ ଭିଡ଼ ଯୋଗୁଁ ଏହା କରିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ବରଂ ଛତୁ ଖାଆନ୍ତୁ ଏବଂ ପନିପରିବା ତିଆରି କରିବା ପୂର୍ବରୁ ଏହି ଖାଦ୍ୟକୁ ଖରାରେ ଶୁଖାଇ ଦିଅନ୍ତୁ। ଏହା ଭିଟାମିନ୍ ଡି'କୁ ଭଲ ଭାବରେ ଶୋଷଣ କରିଥାଏ।



# ତୁଳସୀ ପତ୍ର
## ମିଳିବ ଅନେକ ଲାଭ

ହିନ୍ଦୁ ଧର୍ମରେ ତୁଳସୀ ବୃକ୍ଷଙ୍କ ଖୁବ୍ ମହତ୍ତ୍ୱ ରହିଛି। ଏହି ବୃକ୍ଷ ପୂଜନୀୟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଆୟୁର୍ବେଦରେ ଜଡି-ବୁଟୀ ଭାବେ ଏହାର ବ୍ୟବହାର କରାଯାଏ। ତୁଳସୀ ପତ୍ରରେ ୧୦୦ରୁ ଅଧିକ ରୋଗକୁ ନଷ୍ଟ କରିବାର କ୍ଷମତା ରହିଛି। ଏହା ଅନେକ ଔଷଧୀୟ ଗୁଣରେ ଭରପୁର। ତୁଳସୀ ପତ୍ରକୁ ସଠିକ୍ ଉପାୟରେ ଏହାର ବ୍ୟବହାର କରାଗଲେ, ମାନସିକ ଦୁଃଶ୍ଚିନ୍ତା ଠାରୁ ଆରମ୍ଭ କରି ଅନେକ ରୋଗରୁ ମୁକ୍ତି ମିଳିପାରିବ। ଜାଣନ୍ତୁ ତୁଳସୀପତ୍ରକୁ ପିଲାଙ୍କୁ ଥଣ୍ଡାକାଶ ଠାରୁ ଆରମ୍ଭ କରି ଗଳାରେ ହେଉଥିବା ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ବ୍ୟବହାର କରାଯାଏ। ଏହାର ଲାଭ ପାଇବା ପାଇଁ ତୁଳସୀପତ୍ରକୁ ମହୁ ସହ ସେବନ କରନ୍ତୁ। ଏକ ଚାମଚ ତୁଳସୀପତ୍ର ରସରେ ଏକ ଚାମଚରୁ କମ୍ ମହୁ ମିଶାଇ ସେବନ କରନ୍ତୁ। ଏହାଦ୍ୱାରା ଅତ୍ୟନ୍ତ ଲାଭ ମିଳିଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଖାଲି ପେଟରେ ତୁଳସୀପତ୍ର ଚୋବାଇ ଖାଆନ୍ତୁ। ନିୟମିତ ଭାବେ ଖାଲି ପେଟରେ ତୁଳସୀ ପତ୍ର ଚୋବାଇ ଖାଇଲେ ସ୍ୱାସ୍ଥ୍ୟ ପାଇଁ ଆଶ୍ଚର୍ଯ୍ୟଜନକ ଲାଭ ମିଳିଥାଏ। ତୁଳସୀପତ୍ରକୁ ଚା' ଭାବେ ପ୍ରସ୍ତୁତ କରି ମଧ୍ୟ ପିଇପାରିବେ। କ୍ଷୀର ଚା'ରେ ତୁଳସୀପତ୍ର ପକାଇ ଏହାର ସେବନ କଲେ, ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ। ଶରୀରକୁ ମାରାତ୍ମକ ରୋଗରୁ ରକ୍ଷା କରିଥାଏ।

# ଶରୀର ପୋଡ଼ା ପାଇଁ ଏଲୋଭେରା



ଏକ ଅଧ୍ୟୟନ ଅନୁସାରେ ଶରୀର ପୋଡ଼ା ପାଇଁ ବିକଳ୍ପ ଚିକିତ୍ସା ଅପେକ୍ଷା ଆଲୋଭେରା (ଘିଁ କୁଆଁରୀ)ର ଶ୍ରେଷ୍ଠତା ଦେଖାଇଛି, କିନ୍ତୁ ଆପଣ ନିଶ୍ଚିତ ହେବା ଆବଶ୍ୟକ ଯେ ଆପଣ ପ୍ରୟୋଗ କରୁଥିବା ଜେଲ୍ ଶୁଦ୍ଧ ଆଲୋଭେରା ହୋଇଥିବା ଆବଶ୍ୟକ। ଯଦି ଆପଣଙ୍କ ଘରେ ଘିଁ କୁଆଁରୀ ଗଛ ଅଛି, ତେବେ ଆପଣ ଏକ ପତ୍ରରୁ ଜେଲ ବାହାର କରି ସିଧାସଳଖ ପ୍ରଭାବିତ ସ୍ଥାନରେ ଲଗାଇପାରିବେ। ତେବେ ଗୁରୁତର ଭାବେ ପୋଡ଼ିଯାଇଥିବା ବ୍ୟକ୍ତିଙ୍କ ପାଇଁ ଡାକ୍ତରୀ ସହାୟତା ନେବା ନିହାତି ଜରୁରୀ।

# ମଧୁମେହ ଚିକିତ୍ସା ଏହି ଜୁସ୍ ସବୁଠାରୁ ଭଲ



ଯଦି ଆପଣଙ୍କର ସୁଗାର ସ୍ତର ଅଧିକ ଅଛି ଏବଂ ଆପଣ ଏହାକୁ ନିୟନ୍ତ୍ରଣ କରିବାରେ ସକ୍ଷମ ନୁହଁନ୍ତି, ତେବେ ଆପଣ ଏହି ଡାଇବେଟିସ୍ କେୟାର ଜୁସ୍ ସେବନ କରିପାରିବେ। ଏହି ଡାଇବେଟିସ୍ କେୟାର ଜୁସ୍ ଆପଣଙ୍କ ଉଚ୍ଚ ସୁଗାର ସ୍ତରକୁ ନିୟନ୍ତ୍ରଣ କରିପାରେ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନେଇଥାଏ। କଦଳୀ, ଜାମୁ ଏବଂ ନିମ୍ବ ଭଳି ପ୍ରାକୃତିକ ଔଷଧ ବ୍ୟବହାର କରି ଏହାକୁ ତିଆରି କରାଯାଏ, ଯାହା ଆପଣଙ୍କ ସୁଗାର ସ୍ତର ସହିତ ଖରାପ କୋଲେଷ୍ଟ୍ରଲ, ଉନ୍ନତ ମେଟାବଲିଜିମ୍, ଉତ୍ତମ ହଜମ ଏବଂ ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ଏହି ଡାଇବେଟିସ୍ କେୟାର ଜୁସ୍‌କୁ ଆପଣ ଦିନକୁ ଦୁଇଥର ପାଣିରେ ମିଶାଇ ପିଇପାରିବେ। ଏହି ଜୁସ୍ ପିଇବା ପୂର୍ବରୁ ଆପଣ ଚାହିଁଲେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ।

